# ଅନୁରାଧା

ନଂ ୫୩୩୧

ଯମେଶ୍ୱର ତ୍ରିପାଠୀ

ମଳୟ ପ୍ରକାଶନୀ
କଟକ-୨

ସାହିତ୍ୟ ସଂସାରର ନୂଆବହି ସାହିତ୍ୟ ସଂସାରର ନୂଆବହି ସାହିତ୍ୟ ସଂସାରର ନୂଆବହି

ଅନ୍ନପୂର୍ଣ୍ଣା ଏ ଗ୍ରୁପ୍‌ରେ ଅଭିନୀତ

ବହୁ ପ୍ରଶଂସିତ ସାମାଜିକ ନାଟକ

## ଭୁଠ ପଥର

ଦୁଇଟଙ୍କା ଚାରିଅଣା

* *

କେତୋଟି ଶ୍ରେଷ୍ଠ ଏକାଙ୍କିକା ସଂଗ୍ରହ

ଅଧ୍ୟାପକ--କୃଷ୍ଣଚନ୍ଦ୍ର ବେହେରାଙ୍କ

## ଯଥା ନଳଧ୍ୟ ଦମୟନ୍ତୀ

ଏକଟଙ୍କା ଚାରିଅଣା

* *

ଆବେଗ ଉଚ୍ଛ୍ୱାସ ଭରା ଗୋଟିଏ ନୂତନ

ଡିଟେକ୍ଟିଭ୍ ଉପନ୍ୟାସ

## ସାଗର ତଳର ଦସ୍ୟୁ

ଦୁଇଟଙ୍କା

* *

ଦୁଇଟି ଉତ୍କୃଷ୍ଟ ଡିଟେକ୍ଟିଭ

## ଜାପାନୀ ଡାକୁ

ଦୁଇଟଙ୍କା

* *

## ସି. ଆଇ. ଡି

ଏକଟଙ୍କା ଚାରିଅଣା

---

—ପ୍ରାପ୍ତିସ୍ଥାନ

ସାହିତ୍ୟ ସଂସାର, କଟକ—୨

ନଂ ୦/୩୩୧
ତା ୨୪.୨.୬୦

## ଏକ

—ଅନୁଦ ତୁମେ କାନ୍ଦୁଛ ?

ପଛକୁ ଫେରି ଚାହିଁଲା ଅନୁରାଧା । ଆଖିରେ ତାର ଚଳ ଚଳ କରୁଛି ଲୁହ । ଦେଖିଲା ତା ଅଜାଣତରେ ଜାନୁ ଆସି କେତେବେଳୁ ତା ପଛରେ ଠିଆ ହୋଇଛି । ପଣତ କାନରେ ଲୁହ ପୋଛି ପକାଇ ସେ କହିଲା, ନାଇଁ ତ—କାନ୍ଦିବି କାହିଁକି ? ମୁହଁରେ ଗୋଟାଏ ହାଲୁକା ହସର କ୍ଷୀଣ ଧାର ଖେଳାଇବାକୁ ଚେଷ୍ଟାକରି କହିଲା—କାଲିଠାରୁ ଆଖିଟା କାହିଁକି ବଡ଼ ପେନ୍ କରି ଲୁହାଉଛି ଯେ ।

—ମୋତେ କଥା ଲୁଚାଇବାକୁ ଚେଷ୍ଟା କରୁଛ ଅନୁଦ ?

କାହିଁକି ?

—ତୁମେ ଭାବୁଛ ଯେ ମୋତେ ଯାହା କହୁଛ ଗୋଟାଏ କାରଣ ଦେଖାଇ ତୁମେ ଖସିଯିବ । କିନ୍ତୁ ତୁମର ଜୁନିଅର ହେଲେ ମଧ୍ୟ ଯେଉଁ ଜ୍ଞାନ ତୁମେ ମୋତେ ରୋଗ ସମ୍ବନ୍ଧରେ ଦେଇଛ—

ସେଥିରେ ତୁମର ଏ ଫିସାଦ ଜମା ଚଳିବନି । ତୁମେ କାହିଁକି ମୋଠେ ଲୁଚାଇବାକୁ ଚେଷ୍ଟା କରୁଛ ? —କୁହ— କୁହ— ଅନୁଦ ତୁମେ କ'ଣ ମୋତେ ପର ବୋଲି ଭାବୁଛ ? ବଡ଼ ଦୁଃଖରେ ନୀରୁ କହିଲା । —ତୁ ପାଗଳୀଟେ ନା କ'ଣ ? ହାଲ୍‌କା ହସ ହସି ଅନୁ କହିଲା— ଆରେ ଡିଉଟି ବେଳ ତ ହେଲାଣି । ଆଚ୍ଛା—ତୁ ଆଗରେ ଯାଇ ୩୪୨ ନମ୍ବର ରୋଗୀକୁ ଗୋଟିଏ କ୍ଲୋରମାଇସେଟିନ୍ ବଟିକା ଦେଇଦେ, ମୁଁ ଠିକେ ଛାଡ଼ି ଯାଉଛି ।

ଅନୁ ପରଦା ଆଡ଼େଇ ଭିତରକୁ ପଶିଲା ।

ଅକଳନ୍ତ ଭାବନାର ସୂଅ ଧରି ନୀରୁ ଅନୁ ବସାରୁ ଡାକ୍ତରଖାନାକୁ ଆସୁ ଆସୁ ଭାବିଲା ସହନଶୀଳତା ଯେଉଁ ଅନୁଦର ଅଲଙ୍କାର ବଡ଼ ବଡ଼ ବିପଦରେ ଯାହା ଆଖିରୁ ଟୋପାଏ ଲୁହ ଝରେନି, ତା ଆଖିରେ ପୁଣି ଲୁହ ! ନା କିଛି ସେମିତି ଗୋଟାଏ ଗୁରୁତର ଘଟଣା ଘଟି ଯାଇଚି—ଯାହାକୁ ଅନୁଦ ତା ପାଖରୁ ଗୋପନ କରିବାକୁ ବସିଚି । ସମୟ ଦେଖି ସେ ପଚାରି ନେବ ।

କଟକ ମେଡ଼ିକାଲ୍ କଲେଜ ହସ୍‌ପିଟାଲରେ ଅନୁରାଧା ଷ୍ଟାଫ୍ ନର୍ସ । ଆଜି ନୀରୁ ତା ତଳେ ଟ୍ରେନିଂ ନେଉଛି । ଗୋଟିଏ ବୃନ୍ତରେ ଦୁଇଟି ଫୁଲ ପରି ଦୁଇ ବରଷ ହେଲା ଅନୁ ଆଉ ନୀରୁ ହସି ହସି ଚାଲି ଆସିଛନ୍ତି ।

\+ + + +

କାଠଯୋଡ଼ି ନଈର ବାଲି ଶେଯ ଉପରେ ନଇଁ ଆସିଚି ବସନ୍ତର ସଂଧ୍ୟା । ସିମେଣ୍ଟ୍ ବେଞ୍ଚ ଉପରେ ଉଦାସିଆ ଆଖିରେ ଆକାଶକୁ ଚାହିଁ ରହିଛି ଅନୁ । ଆଖିରେ ତାର ଟଳ ଟଳ କରୁଚି ଲୁହ । ଚେଷ୍ଟା କରି ସୁଦ୍ଧା ସେ ତାକୁ ବନ୍ଦ କରି ପାରୁନି । ଆଗରେ ନଦୀର ସ୍ରୋତଟି କ୍ଷୀଣ ଭାବରେ ଧୀରେ ଧୀରେ ବହି ଚାଲିଚି ।

ପବନରେ ନଈ ପାଣିରେ ଗୁଡ଼ାଏ ଛୋଟ ଛୋଟ ଲହରୀ ସୃଷ୍ଟି ହୋଇ ବିଲୟ ଲଭୁଛନ୍ତି । କାଶର ମିଶର ହୋଇ ନେଳୀଆ ଆକାଶ ବୁକୁ ଚିରି ଦଳେ ଧଳା ବଗ ଉଡ଼ିଗଲେ । ବସା ଲେଉଟିଣି ସେମାନେ । ମନରେ ଅକଳନ୍ତି ଆଶା ଓ ବୁକୁଭରା ଆନନ୍ଦ ନେଇ ସେମାନେ ଫେରୁଛନ୍ତି ପ୍ରିୟଜନମାନଙ୍କୁ ତାଙ୍କର ଦେଖିବା ପାଇଁ । ପକ୍ଷୀ ହେଲେ ମଧ ମିଳନ ସମୟରେ ସେମାନଙ୍କର ଆନନ୍ଦ ଅଛି, ଆଉ ଉପଭୋଗ ବି କରିବାର ଅଛି—କିନ୍ତୁ ମଣିଷ ଭିତରେ···

ଚମକି ପଡ଼ିଲା ଅନୁ । ମଣିଷ ଭିତରେ କ'ଣ ଅଛି ? ଅଛି—ତାଚ୍ଛଲ୍ୟ, ଘୃଣା, ଅପବାଦ ଆଉ ନିନ୍ଦା । ମିଳନ ସମୟରେ ମଣିଷ ମଣିଷକୁ ଦିଏ ଆଘାତ—ବ୍ୟଥା —ଅପମାନ । ଶତ ଶତ ରୋଗୀଙ୍କର କରୁଣ ଆର୍ତ୍ତ ଚିତ୍କାରକୁ ଉପେକ୍ଷା କରି ଅଶାନ୍ତିମୟ ଜୀବନରେ ଟିକେ ଶାନ୍ତି ଖୋଜି ପାଇବା ପାଇଁ ସେ ସିନା ଘରକୁ ଯାଇଥିଲା । କିନ୍ତୁ ଶାନ୍ତି ବଦଳରେ କ'ଣ ପାଇ ସେ ଫେରି ଆସିଲା ? ଆଖିରେ ତାର ସେଦିନର କଥା ଭାସି ଉଠିଲା । ମନେହେଉଚି ପୁଣି ଯେପରି ପୁଷ୍ପା ତା' ପାଖକୁ ଫେରି ଆସିଛି । କୋଳରେ ତାର କଅଁଳ ଗୋଲାପ ଫୁଲ ଭଳି ପୁଅଟି । ନାଲି ଟୁକୁ ଟୁକୁ ଓଠରେ କଅଁଳ ହସ ଧରି ସେ ପୁଣି ଅନୁ କୋଳକୁ ଡେଇଁ ପଡ଼ୁଚି । ଏଇ ସମୟରେ ସେ ହସି ହସି କହୁଚି —

— ହଇଲୋ ପୁଷ୍ପା—ଏଇ ରତନଟି କେଉଁଠୁ ଆଣିଲୁ ମ ?

— ମଲା ମୋର, କିଛି ଜାଣି ନ ଥିବୁ ! ହସି ହସି ପୁଷ୍ପା କହୁଛି ।

— ଜାଣିଲି କୋଉଠୁ ମ ?

— ନାଇଁ ମ ତୁ ତ ଅଜଣା ଘରେ ଭାତ ଖାଉଛୁ ଜାଣିବୁ କେଉଁଠୁ ? ସବୁ କଥା ତ ପତ୍ରରେ ଲେଖିଥିବୁ ଲୋ···ଆଲୋ ସବୁ କଥା

କ'ଣ ସବୁ ଦିନ ସମାନ ଥାଏ କି ? ପୁଷ୍ପା କହିଲା ।

— କହିଲା କଥା କି ତଣ୍ଟି ଭିତରେ ମିଳେଇଗଲା । ମୁଁ ଜାଣିବି କିମିତି ? ହସି ହସି ଅନୁ କହିଲା ।

ବହୁ ଦିନ ପରେ ଦୁଇଟି ସାଙ୍ଗ ଏକାଠି ହୋଇଛନ୍ତି । ହସର ଜୁଆର ଉଠିଛି । କୂଳ କିନାରା ମାନୁନି । ସେମାନଙ୍କ କଥା ଶୁଣି ଆକାଶର ଚାନ୍ଦ ହସି ଉଠୁଛି । କୁଅମୂଳ ବଗିଚାରେ ଫୁଲରେ ଫୁଲରେ ବି ସଞ୍ଜ ବସି ଯାଇଛି ।

— ହଁ ଜାଣିନୁ ବା କିମିତି ? କିଏ ବା ତୋତେ ଜଣାଇବ ? ବାହା ନ ହେବାକୁ ତ ଏକାଜିଦ୍ ଧରିଲୁ । ଗୋଟାଏ ଦୀର୍ଘ ନିଃଶ୍ୱାସ ଟାଣି ପୁଷ୍ପା କହିଲା ।

ହସି ହସି ସେ କହିଲା — ଆହା-ହା-ମୋ ଲାଗି ତୋ ହୃଦ କ'ଣ ଫାଟି ଦି' ଖଣ୍ଡ ହୋଇଯାଉଛି କିଲୋ ? ଖାଲି ବାହା ହେଲେ ସବୁ ଜାଣନ୍ତି ନଇଲେ··· ··

——ମୁଁ ସବୁ ବୁଝିଛି ଲୋ — ସବୁ ବୁଝିଛି । ରକତ ମାଉଁସର ଦେହ ତ, କେତେ ସହିବୁ ? ଲାଜ ସଂକୋଚରେ ତୁ ସିନା ନାହିଁ କଲୁ ; ତୋର ତ ବୟସ ହୋଇଛି । ଆମେ କ'ଣ ବୁଝି ପାରୁନୁ ? ବୟସ ହେଲେ ସମସ୍ତେ ଗୋଟାଏ ଅଜଣା ଜିନିଷ ପାଇଁ ଉତଲା ବିକଳ ହୋଇ ଉଠନ୍ତି ଲୋ । ତୁ କ'ଣ ଏକା ? ଭଗବାନଙ୍କର ସର୍ଜନା ପରା ସେ ଆଉ ସେମିତି । ତୁ ଦିନା ଲାଜ ନେଇ ନାହିଁ କଲୁ । ଏପରି କ'ଣ ଆମେ ନାହିଁ କରୁ ନଥିଲୁ ? ଏଣୁ ବୋଲି ଆମ ଭିତର ମନରେ କ'ଣ ନ ଥିଲା ? ଏ କଥା ଯେ ଜନମ ହୋଇଛନ୍ତି, ସେଇ ବାପ ମାଆଙ୍କ ଛଡ଼ା ଦୁନିଆରେ ଆଉ କିଏ ଜାଣିବ ? ତୋ ପେଟ କଥା ବୁଝିବାକୁ ଦୁନିଆରେ କେହି ନାହାନ୍ତି

ଲେ—ଯେତେ ହେଲେ ନିଜ ରକତର ଗୋଟାକ ପାଇଁ ମନ ଯାହା ହେବ—ପର ପାଇଁ କ'ଣ······

କଥାକୁ ପୁଷ୍ପା ମୁହଁରୁ ଛଡ଼ାଇ ନେଇ ସେ କହିଲା—କାହିଁକି ? ମୁଁ ତ ଏପର୍ଯ୍ୟନ୍ତ ସୁଦ୍ଧା ବାହା ହେବାକୁ ମନାକରୁଚି । ତୁ ଗୋଟିଏ ପିଲାଠାରୁ "ମାଆ" ଡାକ ଶୁଣି ହସି ଉଠୁଚୁ, କିନ୍ତୁ ମୋତେ ଯେତେବେଳେ ଶହ ଶହ କାଅଁଳ ଶିଶୁ 'ମାଆ' 'ମାଆ' ଡାକି ମୋ ହାତର ଗରମ ଦୁଧ ଢୋପାକପାଇଁ ଚାହିଁ ବସିଥିବେ—ତା' ଅପେକ୍ଷା କ'ଣ ଏ ଶତେହ ଗୁଣାରେ ବଡ଼ ନୁହେଁ ? ଆନନ୍ଦ ଦାୟକ ନୁହେଁ·· ?

——ହଁ ଲୋ ପାଠ ଯେତେବେଳେ ପଢ଼ିଛୁ—କେତେଆଡ଼ୁ କେତେ କଥା କହି ମନର ଅକୁହା ବ୍ୟଥାକୁ ଲୁଚାଇଦେଉ । ହେଲେ—ଏମିତି ରକତ ଦେହରୁ ଫୁଟି ଯେଉଁ ପଦୁଅଁ ଫୁଲଟି ହସିବ—ସେଥିରେ ଯେତେ ଆନନ୍ଦ ଲାଗିବ ଆଉ ହଜାରେ ପର ପୁଅରେ··· । ତାପରେ···ମାତୃତ୍ୱ ହେଉଛି ନାରୀ ଜୀବନରେ ସବୁଠାରୁ ଗୌରବର ଜିନଷ । କିନ୍ତୁ ତୁ ଯାହା କହ ଅନୁ ଜୀବନ ଶେଷରେ ତୋର ଗୋଟାଏ ଶୋଷ ଚିରଦିନ ପାଇଁ ଅତୃପ୍ତ ହୋଇ ରହିଯିବ···ଏକଥା ତୁ କ'ଣ ଜାଣିନୁ ? କିନ୍ତୁ ତୋର କରିବାର କିଛି ଉପାୟ ନାହିଁ । ଯେଉଁମାନେ ତୋର ଅନ୍ତର କଥା ବୁଝନ୍ତେ ବୋଲି ତୁ ଭାବୁଛୁ ତୁ ସେମାନଙ୍କର ଅନ୍ତର ଭିତରୁ ଫୁଟି ଆସି ପାରନୁ—ତେଣୁ···ଦୁଃଖରେ ଓଜନ ହୋଇ ଉଠିଲା ପୁଷ୍ପାର କଣ୍ଠ ।

ପୁଷ୍ପା ମୁହଁରୁ ଶେଷ କଥା ପଦ ଶୁଣି ଅନୁ ରାଗରେ ଚମକି ଉଠିକହିଲା—ମୁଁ ଏ ବଂଶର ନୁହେଁ ବୋଲି କିଏ ତୋତେ କହିଲା ? କଥା କହୁ କହୁ ତୁତ ବହୁତ ଆଗେଇ ଯାଉଛୁ । ତୁ କ'ଣ ଭାବୁଛୁ ଯେ ତୁ ଯାହା ମନଇଚ୍ଛା କହି ଚାଲିଯିବୁ, ଆଉ ମୁଁ ମନମାରି ନିଜର ଇଚ୍ଛା ବିରୁଦ୍ଧରେ ସବୁ ଶୁଣି ଚାଲିଥିବି ?

ଆକାଶରେ ଖଣ୍ଡେ କଳା ବଉଦ କୋଳରେ ସୁନ୍ଦର ହସ ହସ ମୁହଁଟି ଲୁଚିଗଲା । ବାସନ୍ତୀ ଜ୍ୟୋସ୍ନାର ଜୁଆର ଧୀରେ କମି ଆସିଲା ।

କଥାବାର୍ତ୍ତା ଭିତରେ ପୁଷ୍ପାର ପୁଅଟି କେତେବେଳୁ ଶୋଇପଡ଼ିଥିଲା । ସ୍ନେହରେ ଭଲକରି ପୁଅଟିକୁ ଜାକି ଧରି ପୁଷ୍ପା କହିଲା - ମୁଁ ଜାଣେ ଲୋ — ତୁ ଏ କଥା ଶୁଣି ନିଶ୍ଚୟ ରାଗି ଉଠିବୁ । ଅବିଶ୍ୱାସ କରିବୁ । ତାର କାରଣ, ଯେଉଁ ସ୍ନେହ ସୋହାଗ ଭିତରେ ତୋତେ ସେମାନେ ବଢ଼ାଇ ଆଣିଛନ୍ତି ସେଥିରେ କୌଣସି ବିଷୟ ଭାବିବାକୁ ତୋତେ ସେମାନେ ଅବସର ଦେଇ ନାହାଁନ୍ତି । ଏକା ଦିନରେ ଯଦିଓ ତୋର ମୋର ଏଇ ଗାଁରେ ଏନୁଡ଼ି ନାଆଁ ଜନ୍ମ ଉଠିଥିଲା ବୋଲି ଆମେ ଦୁହେଁ ପିଲାଦିନରୁ ବିଶ୍ୱାସ କରି ଆସିଥିଲେ, କିନ୍ତୁ ତା ଯୁଆଡ଼େ ପ୍ରକୃତରେ ସତ ନୁହେଁ । ତୁ ତ ହେତୁ ପାଇବାବେଳୁ ଏଇ ଗାଁର ମୋହ, ମାୟା, ମମତା ତୁଟାଇ ବିଦେଶରେ ପାଠ ପଢ଼ିବାକୁ ଗଲୁ । ତେଣୁ ଏଠିକାର ବାୟୁମଣ୍ଡଳ ସଂସ୍ପର୍ଶରେ ତୁ ତ ଆଉ ଆସି ପାରିଲୁ ନାହିଁ । ଆସିଲି ମୁଁ । ଗାଁର ବୁଢ଼ା ବୁଢ଼ୀ ପିଲାପିଲିଙ୍କ ସହିତ ହସଖେଳରେ ବଢ଼ି ଆସି ସେମାନଙ୍କ ମୁହଁରୁ ତୋ ବିଷୟରେ ଯାହା ଶୁଣିଛି, ସେଥିରେ ମୋର ଏକପ୍ରକାର ବିଶ୍ୱାସ ଆସିଯାଇଛି ଯେ ତୁ ଏ ବଂଶର ନୁହଁ । ଏ ପରିବାରର ରକ୍ତ ସହିତ ତୋର ସଂପର୍କ ନାହିଁ ! କଅଁଳିଆ ଶିଶୁଟିଏ ପାଇଁ ମଉସା ପାଳି ଆଣିଲେ, ଆଉ ତା ନାଁ ରଖିଲେ ଅନୁ । ସେଇ ଅନୁ ତୁ, ଯେ କି ଆଜି ସେଇ କଅଁଳିଆ ହାତରେ ସେବା କରି ଲକ୍ଷ ଲକ୍ଷ କଅଁଳ ଶିଶୁଙ୍କ ମୁହଁରେ ଉକୁଟାଉଛୁ ହସ ।

—ଶୁଣା ଶୁଣି କଥାରେ ଯେ ବିଶ୍ୱାସ କରେ ତାଠାରୁ ବଳି ନିର୍ବୋଧ ଏ ଦୁନିଆରେ କେହି ନାହିଁ । କହି ଅନୁ ଠିଆହେଲା । ତା କଥାରୁ ଜଣା ଯାଉଥିଲା ଯେ ସେ ଏଇ ଗାଁର ରକ୍ଷଣଶୀଳ

ପରମ୍ପରାକୁ ପାଦରେ ଏଣ୍ଡି ଦେଇ ପାଠ ପଢ଼ି  ଗ୍ରକିରୀ କରିବାକୁ ତା ବିରୁଦ୍ଧରେ ଏମାନେ ସମସ୍ତେ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଛନ୍ତି ।

—ପିଲାଟା କେତେବେଳୁ ଶୋଇପଡ଼ିଲାଣି, ଯାଉଚି ଲୋ—କାଲି ଆମ ଘରଆଡ଼େ ଟିକେ ବୁଲିଯିବୁ । ମୋ ରାଣ ଅନୁ, ଏଗୁଡ଼ାକ କିଛି ମନରେ ଧରିବୁ ନାହିଁ । କଥା ଲହସରେ ଗପୁ ଗପୁ କାଅଣ ଗୁଡ଼ାଏ ଗପି ବସିଲେ । ଆମକୁ କଅଣ ମିଳିବ ସେ ବାଜେ କଥାରୁ । ପ୍ରକୃତ କଥାତ ଦିନେ ପାତାଳରୁ ବାହାରିବ । ଏତେ କଥା ଆମ ଭିତରେ ଭାବି ଲାଭ କଅଣ ? କହି ପୁଷ୍ପା ତା ଘରକୁ ଯିବାକୁ ବାହାରିଲା ।

ଖଣ୍ଡେବାଟ ପୁଷ୍ପାକୁ ବଳେଇ ଦେଇ ଅନୁ ଫେରି ଆସିଲା । ଆଖିରେ ତାର ଟଳ ଟଳ କରୁଥାଏ ଲୁହ ।

ଭାବନାର ଅଡ଼ୁଆ ଖିଅ ଗୁଡ଼ାକ ଫିଟାଉ ଫିଟାଉ ଅନୁ ଭାବିଲା---ଏଇ ଗାଁ ଭୂଇଁର ଲୋକମାନଙ୍କ ମୁହଁରୁ ପୁଷ୍ପା ଯାହା ଶୁଣିଛି ତାକୁହିଁ କେବଳ ତା ଆଗରେ କହିଛି । ଯେଉଁକଥା ଏ ପର୍ଯ୍ୟନ୍ତ ତା ଆଗରେ କେହି କହିବାକୁ ଭରସି ପାରି ନାହାଁନ୍ତି ତା ସେ କେବଳ କହି ପାରିଛି ତାର ବନ୍ଧୁ ବୋଲି । ମନର ଲୁହାଳା କଥାକୁ ସେ ବେଶୀଦିନ ଆଉ ଗୁପିରଖି ପାରିଲା ନା । ବନ୍ଧୁ ହିସାବରେ ତାର କର୍ତ୍ତବ୍ୟ ସେ ପାଳନ କରିଛି । ସତ ହେଉ କି ମିଛ ହେଉ କଥାର ସତ୍ୟାସତ୍ୟ ଜାଣିବା ପାଇଁ ସେ କହି ପକାଇଛି । ମିଳନ ସମୟରେ ସେ ତ ତାକୁ ବ୍ୟଥା ଦେଇନି । ପରବୋଲି ଭାବି ଘୃଣା କରିନି କି ଅପମାନ ଦେଇନି । ବରଂ ନିଜ ବିଷୟରେ ତାକୁ ଭାବିବାକୁ ଅନେକ ଖୋରାକ ଯୋଗାଇ ଦେଇଛି । ପ୍ରକୃତ ବନ୍ଧୁ ସେ, ଯେ ଅପ୍ରିୟ ସତ୍ୟ କୁହେ । ବିବାହ···ଗୋଟାଏ ବନ୍ଧନ; ଏଇ ବିଶ୍ୱାସ ନେଇ ପରୀକ୍ଷା ଆରମ୍ଭରୁ ବିବାହ କରିବାକୁ ଅନିଚ୍ଛା ପ୍ରକାଶ କରିଛି । ଜଣକର

କାଠର ପୁତ୍ତଳିକା ହୋଇ ଅନ୍ୟ ମୁହଁରେ ହସ ଉକୁଟାଇବା ପାଇଁ ସେ ନିଜର ସ୍ୱାଧୀନ ଚିନ୍ତାକୁ ଦଳିଦେଇ, ତାହାଙ୍କ ମାଟିରେ ମିଶାଇ ଦେବ ? ଜୀବନକୁ ପଳେ ପଳେ ନଷ୍ଟ କରିବ ? ଜୀବନର ସ୍ୱାଦ ଅନୁଭବ କରିବା ପାଇଁ ସେ ବନ୍ଧନରେ ପଡ଼ନ୍ତୁ । ଭବିଷ୍ୟତ ଚିନ୍ତା-- ଯାହାକି ନ କରିବା ଭଲ । କାରଣ ଭବିଷ୍ୟତ ଚିରଦିନ ଭବିଷ୍ୟତ ହୋଇ ରହିବ । ଆଜି ତାକୁ ସେଥିପାଇଁ ସଦାବେଳେ ସଂଗ୍ରାମ ପରେ ସଂଗ୍ରାମ କରିବାକୁ ପଡ଼ୁଥିବ । ବର୍ତ୍ତମାନ ତାର ମୌଳିକ ଚିନ୍ତାରେ ଠୋକ୍‌କର ବାଜିଛି । ଏତେଦିନକେ ପୁଷ୍ପା ତା ଆଖି ଖୋଲିଦେଇଛି । ସେ ଅଜ୍ଞାତ କୁଳଶୀଳା ବୋଲି ବାପା ତା'ର ବିବାହ ଦେବାରେ ପଶ୍ଚାତ୍‌ପଦ ହୋଇ ପାରିଥାନ୍ତି, କିମ୍ବା ତା'ର ଇଚ୍ଛା ବିରୁଦ୍ଧରେ କୌଣସି କାମ କରିବାକୁ ଉଚିତ ମନେକରି ନାହାନ୍ତି । ଏଇ ଦୁଇଟାରୁ ଗୋଟାଏ ହୋଇପାରେ । କିନ୍ତୁ କେଉଁଟି ସତ୍ୟ ? ମୁଣ୍ଡ ତାର ଗରମ ହୋଇ ଉଠିଲା । ଦୁଇ ହାତରେ ମୁଣ୍ଡକୁ ଚିପିଧରି ସେ ସିମେଣ୍ଟ ବେଞ୍ଚ ଉପରେ ମୁହଁରଖି କହିଲା--ଭଗବାନ୍ ---ଆଲୋକ ଦିଅ---ବୁଦ୍ଧି ଦିଅ---ପ୍ରକୃତ ବାଟର ସଂଧାନ ଦିଅ ।

ଅଦୂରରେ ଘଣ୍ଟା ବାଜି ଉଠିଲା---ଠନ୍ ଠନ୍ ନଅଟା । ଆକାଶରେ କଳା ବଉଦ ଉହାଡରେ ବିଜୁଳି ଝଲ୍‌କି ମାରିଲାଣି । ହୁଏତ ଏଇଲେ ତୋଫାନ ଆସିବ, ବର୍ଷା ଆସିବ, ଅସମୟ ବର୍ଷି ଯିବ । ଅଳକନ୍ତ ଚିନ୍ତାଧାରା ଧରି ସେ ଫେରି ଆସିଲା ଘରକୁ ଉପରକୁ ।

# ଭୁଲ

ପ୍ରକମ୍ପିତ ଚଇତାଳି ସଂଧ୍ୟା । ଆରମ୍ଭରୁ ଝିପି ଝିପି ବର୍ଷା ଲାଗି ରହିଛି । ପାଗଲ ଆକାର ବର୍ଷାର ଆଗମନରେ ଆହୁରି ବହଳ ହୋଇ ଉଠିଛି । ଶିର ଶିର ପବନ କାନପାଖେ ବହିଯାଇ ବଡ଼ ଅସ୍ୱସ୍ତି ଜନ୍ମାଉଛି । ଓଉଟି ତ ନଥାଏ । ତେଣୁ ବଡ଼ ଅସ୍ୱସ୍ତିରେ ଅନୁ ଖଟଟା ଉପରେ ପଡ଼ିଥାଏ । ୩୪୨ ନମ୍ବର ରୋଗୀର ଅବସ୍ଥା ତା ମନକୁ ଆନ୍ଦୋଳିତ କରି ପକାଉଥାଏ । ଜୀବନ ବସନ୍ତରେ ଫୁଟି ଆସୁଥିବା ଫୁଲଟି ଯେ ହଠାତ୍ କୀଟ ଦ୍ରଂଷ୍ଟ ହେଉଛି ଦେଖି ସେ ବ୍ୟଥିତା ହୋଇ ଉଠୁଥାଏ । ଫୁଲଟିର ବୃନ୍ତଚ୍ୟୁତ ପାଇଁ ସେ ଯେତିକି ଭାବୁ ନଥାଏ, ବରଂ ତାର ପାରିପାର୍ଶ୍ୱିକ ଅବସ୍ଥା ନେଇ ବେଶୀ ଭାବୁଥାଏ । ଦୁଇ ହାତରେ ଦ ଦ ପଟ କାଚ ଆଉ କାଖରେ ଗୋଟିଏ ଶିଶୁକୁ ଧରି ଯେଉଁ କରୁଣାମୟୀ ନାରୀ ମୂର୍ତ୍ତିଟି ତା ସେବାରେ ଦିନରାତି ଲାଗି ରହିଛି, ତାର ଭବିଷ୍ୟତ ପାଇଁ କେବଳ ତାର ଚିତ୍ତଚକୋରୀ କାନ୍ଦି ଉଠୁଥାଏ । ଶିଶୁର ଦରୋଟି ଭାଷା, ଗଜସି ଦାନ୍ତକୁ ଦେଖାଇ ସେ ଯେଉଁ ମଧୁର ହସ । ସେଇ କେବଳ ଅନୁ ମନରେ ସ୍ପନ୍ଦନ ସୃଷ୍ଟି କରୁଥାଏ । ସେ ଭାବିଲା, ଈଶ୍ୱରଙ୍କ ରାଜ୍ୟର ଦୁଇଟା ସୃଷ୍ଟି---ଉପଯୁକ୍ତ ପାଣି, ପବନ, ଆଲୁଅର ଅଭାବରେ ବିକାଶ ଲାଭକରି ପାରିବେନି । କାଲି କି ଏତ ବାପାର ମୃତ୍ୟୁପରେ ମା ତାର ସନ୍ତାନକୁ ଚିରକାଳ ପାଇଁ ପରିଗଣିତ ହ[illegible]ଦେବାକୁ ବାଧ ହେବ । ବାହୁଲ୍ୟର ଅମୀୟ ପରଶ

ପାଇବା ପାଇଁ ଯେ କେତେ ରାତି ଉଜାଗରରେ ପୁହାଇ ଦେଇଛନ୍ତି ସେ କାଲି ସେଇ ସନ୍ତାନର ଭବିଷ୍ୟତ ଭାର ତୁଲାଇବାକୁ ଅକ୍ଷମ ହୋଇ କେଉଁ ଅନାଥାଶ୍ରମ କିମ୍ବା ସେବା ସଦନରେ ଶିଶୁଟିକୁ ଛାଡିଦେବ । ନଚେତ୍ କୌଣସି ଧର୍ମୀ ସଂପ୍ରଦାୟରେ କେଇଟା ଟଙ୍କା ଲୋଭରେ ବିକ୍ରୟ କରିଦେବ । ତା ପରେ--ଯେତେବେଳେ ଦିନ ଆସିବ-- ବସନ୍ତର ପହିଲି ପରଶରେ ଆମ୍ବଗଛ ଡାଳରେ କୋଇଲି ବସି ଡାକଦେବ, ପୁଅର ଦେହ ମନ ବିକଶିତ ହେବ । ସୌରଭରେ ସାରା ଦୁନିଆ ଖୁସି ହେବ । ସେତେବେଳେ ଯେ ପ୍ରକୃତରେ ତା ଗୌରବରେ ଆନନ୍ଦିତ ହୁଅନ୍ତା--ମନ ଖୋଲି ଟିକେ ହସନ୍ତା-- ସେ ଜାଣି ପାରିବନି । ଯଦି ଜାଣିପାରି କୋଳ କରିବାକୁ ଆଗେଇ ଆସିବ, ସେତେବେଳେ ପୁଅ.........

ହଠାତ୍ ଦରଜା ଖିଡ଼ିକିଟା ଠକ୍ ଠକ୍ ହେଲା । ଚମକିପଡି ଦେହରେ ଚଦରଟା ରଖି ଅନୁ କବାଟ ଦରଜା ଫିଟାଇଲା । ଝଡ଼ଭଳି ଭିତରକୁ ପଶିଆସିଲା ବିଜୟ । ବର୍ଷାରେ ଦେହରୁ ତା'ର ଥପ୍ ଥପ୍ ହୋଇ ପାଣି ନିଗିଡି ପଡ଼ୁଛି । ଦେହଟା ଥରି ଉଠୁଛି । କହିଲା--ପଇସା ଅଛିତ ଗୁରୁଣୀ ଦେ ରିକ୍ସାବାଲାଟା ନେଇଯାଉ । ଅହେତୁକ ଝଡକୁ ସଂଭାଳିବା ପାଇଁ ଗୁରୁଣୀ ପଇସା ଦେଇ ତାକୁ ବିଦାକଲା ।

ବିଜୟ ବାବୁ--ନା--ନା--ବିଜୟ--ଅଠେଇଶି ବର୍ଷର ଯୁବକ, ସୌମ୍ୟକାନ୍ତି, ପ୍ରଶାନ୍ତ ଲଲାଟ, ଆଉ ଦୀପ୍ତ ନୟନ । ଯେ କୌଣସି ଲୋକର ଆକର୍ଷଣୀୟ । ଅଗାଧ ପାଣ୍ଡିତ୍ୟ ଓ ଓଜସ୍ୱିନୀ ବକ୍ତୃତା ଯେ କୌଣସି ଲୋକକୁ ମୁଗ୍ଧ କରି ପାରିବ । ସ୍ୱାଧୀନ ଚିନ୍ତା ଆଉ ସ୍ପଷ୍ଟବାଦୀତା ଲାଗି ସେ ବେଳେବେଳେ ଅପ୍ରିୟ ସତ୍ୟ କୁହେ । ଏବେ ମଧ୍ୟ ତାର ଏଇ ନୈତିକ ସାହସ ନେ...

ଆଗରେ କଥା କହିପାରନ୍ତିନ । ବିଜୟ ସହିତ ରେଖାର ସଂବନ୍ଧ --ସେ ଏକ ବିରାଟ ଇତିହାସ ।

ସେ ବର୍ଷ ଦାରୁଣ ଆଉ ଭାର୍ଗବୀର ଭୀଷଣ ବଢିରେ ଲୋକମାନେ ଖାଇବା, ପିଇବା ବିନା ପୋକମାଛି ପରି ରାସ୍ତା କଡ଼ରେ ଢଳି ପଡ଼ୁଥିଲେ । ଚିକିତ୍ସା ଅଭାବରେ ଖାଦ୍ୟାଭାବରେ ହିନ୍ତସନ୍ତ ହୋଇ ମା'ର ମଲା ଶବ ଉପରେ ପୁଅ ମଧ୍ୟ ମରଣକୁ ଅପେକ୍ଷା କରୁଥାଏ । ସେତିକିବେଳେ ପାଠପ୍ରତି ମମତା ତୁଟାଇ ନର୍ସିଂ ଟ୍ରେନିଂ ନେଉଥିବା ଛାତ୍ରୀ ଅନୁ ମରଣ ମୁହଁରୁ ସେମାନଙ୍କୁ ଫେରାଇ ଆଣିବା ପାଇଁ ଯମ ସହିତ ଯୁଦ୍ଧ ଲଗାଇ ଥାଏ । ଆଉ ବିଜୟ କଲେଜ ଛାତ୍ର ହି, ତିନି ଦିନର ଉପାସିଆ, ଅଧାଲଙ୍ଗଳାଙ୍କ ମୁହଁରେ ମୁଠାଏ ଆହାର ଆଉ ଦେହକୁ ଖଣ୍ଡେ କନା ଯୋଗାଉ ଥାଏ । ସେଇ କ୍ଷେତ୍ରରେ ଅନୁ ଆଉ ବିଜୟର ଆଳାପ--ପରିଚୟ--ବନ୍ଧୁତ୍ୱ । ଦିନଯାକ ଖଟି ଖଟି ବିଜୟ ତା'ର ବିଶ୍ରାମ କକ୍ଷକୁ ଚାଲିଯାଏ ବିଶ୍ରାମ ପାଇଁ । କିନ୍ତୁ ଅନୁର ଅସରନ୍ତି କାମ । ସେ ଦିନ ରାତି ଚବିଶ ଘଣ୍ଟା ଉନିଦ୍ର ନୟନରେ ସମସ୍ତଙ୍କର ତତ୍ତ୍ୱ ନିଏ ।

ଏଇ ବନ୍ଧୁତ୍ୱ ପରେ ପ୍ରାୟ ବର୍ଷେକ ପର୍ଯ୍ୟନ୍ତ କାହାର କାହା ସହିତ ଦେଖା ସାକ୍ଷାତ୍ ହୋଇନି । ସେବର୍ଷ କଲେଜ ଛାତ୍ରଙ୍କ ଆନ୍ଦୋଳନରେ ନେତୃତ୍ୱ ନେଇ ବିଜୟ ଆହତ ହୋଇ ଚିକିତ୍ସିତ ହେବାକୁ ଆସେ । ଆଉ ଅନୁ କରେ ତାର ସେବା । ସେଇଠି ପୁରୁଣା ବନ୍ଧୁତ୍ୱ ଆହୁରି ଘନିଷ୍ଠ ହୋଇ ଉଠିଲା । ତା ପରେ---ଗୋଟାଏ ବୃନ୍ତରେ ଦୁଇଟି ଫୁଲ ପରି ସେମାନେ ଭାଇ ଭଉଣୀ ପରି ହସି ଉଠିଲେ ।

ଛାତ୍ର ବିଜୟ--ଦୁଇଟା ବର୍ଷପରେ କଲେଜ ଛାଡି ଦେଶର ଜନପ୍ରିୟ ସରକାରଙ୍କ ପାଖରେ ଦେଶଦ୍ରୋହୀ ବିଜୟ ରୂପେ ପରିଗଣିତ ହୁଏ ।

ପାଲଟିବାକୁ ତ ଆଉ କିଛି ନଥିଲା, ତେଣୁ ଅନୁ ଖଣ୍ଡେ ବାସି ଶାଢ଼ୀ ବଢ଼ାଇ ଦେଲା । ଲୁଙ୍ଗି ପରି ସେଇଟା ପିନ୍ଧି ପିନ୍ଧି ବିଜୟ ପଚାରିଲା, ଅନୁ ତୋର ସବୁ ଭଲ ତ ?

ଗୋଟାଏ ଅଜଣା ଆଶଙ୍କାରେ ଅନୁର କଅଁଳ ହୃଦୟ ଦୋହଲି ଉଠିଲା । ସେ ପଚାରିଲା--ଆପଣ ଆଗ କହନ୍ତୁ, ଆପଣଙ୍କର ସବୁ ଭଲ ତ ? ତା ପରେ ମୋ ଭଲମନ୍ଦ କହିବି । କହନ୍ତୁ, ଏ ରାତିରେ ହଠାତ୍ କୁଆଡ଼ୁ ଆସି ପହଞ୍ଚିଲେ ?

ହାଃ--ହାଃ--ହାଃ-- ଖୁବ୍ ଜୋରରେ ହସି ଉଠିଲା ବିଜୟ । କହିଲା, ଗୋଟାଏ ବୈରାଗୀର ଭଲମନ୍ଦ ପଚାରୁଛୁ ? ତୁ ତ ଜାଣୁ, ସଂସାର ଠାରୁ ଖୁବ୍ ଦୂରରେ ମୁଁ ଥାଏ । ତେଣୁ ଜାଗରଣ ଅଧିକାର ସୁଯୋଗ ପାଏ । ସେ ଦିଗରୁ ଭଲମନ୍ଦର ପ୍ରଶ୍ନ ପ୍ରାୟ ଉଠେନା । ଘରଛଡ଼ା ଆଉ ଲକ୍ଷ୍ମୀଛଡ଼ା ଜୀବନରେ ଏ ଦେହକୁ ମୁଁ ଭଲ ପାଏ । ଏଇ ଦେହ ଖଣ୍ଡିକ ମଝିରେ ଚଳମାନ ଗଡ଼ି ବେଳେ ଟିକେ ଭାଙ୍ଗି ପଡ଼ୁଥିଲା । ବର୍ତ୍ତମାନ ଏକ ପ୍ରକାର ଅଛି । ଚଳି ଯାଉଚି । ବାକି ତୋର ଶେଷ ପ୍ରଶ୍ନ,ଏତେ ରାତିରେ ମୁଁ କିପରି ତୋର ଅତିଥି ହେଲି ? ଆଚ୍ଛା ଶୁଣ, କହି ପଲଙ୍କ ଉପରେ ନିଜର କ୍ଳାନ୍ତ ଶରୀରଟା ମେଲାଇ ଦେଇ ସେ କହିଲା, ପଛରେ ମୋର ପୋଲିସ୍ ଲାଗିଛନ୍ତି । ମୋ ବିରୁଦ୍ଧରେ ଓ୍ୱାରେଣ୍ଟ ଝୁଲୁଚି । ଗତ ସେପ୍ଟେମ୍ବର ମାସରେ ଯେଉଁ ବଢ଼ି ହେଲା, ବଢି ନୁହେଁଚ, ପ୍ରଳୟ କହିଲେ ଚଳେ । ଯେଉଁ ଚଳମାନ ଅଞ୍ଚଳ ସହଜରେ ଟିକିଏ ବଢିରେ ଧୋଇଯାଏ, ସେଇ ଅଞ୍ଚଳରେ ପେଟକୁ ମୁଠାଏ ଖାଇବାକୁ ନପାଇ, ଗାଁ, ଭୂଇଁ, ଜନ୍ମମାଟିର ମୋହ ମାୟା ତୁଟାଇ ଲୋକେ ଯେତେବେଳେ ଛିନ୍ନଭିନ୍ନ ହୋଇ କଲିକତା ଆସାମକୁ କୁଲି କାମ କରିବାକୁ ଦୌଡ଼ିଲେ, ସେତିକି ବେଳେ ସେ ଅଞ୍ଚଳର ଯେ ବଣିଷ୍ଠ ପୁଞ୍ଜିପତି,

ଲ୍ଲ ପ୍ରଦେଶ ବାହାରକୁ ଓ୍ୱାଗନ ପରେ ଓ୍ୱାଗନ ଚାଉଳ
ାଇ ଲଦି ରପ୍ତାନି କରିବାକୁ ଲାଗିଲା । ନିରୀହ, ସରଳ
ଲର ଚାଷୀ ମାନଙ୍କୁ ମଧୁର କଥା ଆଉ ଟଙ୍କାର ପ୍ରଲୋଭନ
ଇ ସେ ବଶ କରିନେଲା । ପୁଷ ମାସ, ଅମଳ ସମୟ । ସେଇ
ରେ ସାଧାରଣ ଧାନର ଦର ଶସ୍ତା ଥାଏ । ସେତିକିବେଳେ
ଶସ୍ତାରେ ପିମ୍ପୁଡ଼ି ପରି ଚାଷୀଙ୍କର ଝାଳବୁହା ଧନକୁ ନିଜ
କୁ ନେଇ ଆସିଲେ । ନିଜର ଚାଉଳ କଳରେ ଚାଉଳ ଉତ୍ପାଦନ
ଯେତେବେଳେ ବିଦେଶରେ ବିଲରେ ବାଲି ଚରିଲା, ଲୋକେ
ା ମୁଠାକ ପାଇଁ ମୋହତାଜ ଦୁଆରକୁ ଟଙ୍କା ବୁଜୁଳାଧରି
ଲେ, ସେତେବେଳେ ଶୁଣିଲେ ଧାନ ନାହିଁ କି ଚାଉଳ ନାହିଁ ।
ସାୟୀ ଲୋକ ଯେ । ମୁଣ୍ଡରୁ ମସଲା ଝଡ଼ି କରନ୍ତି । ଭୋକିଲା
ଙ୍ଗଳା ଜନତା ଦୋମହଲା କୋଠା ପାଖରେ ଦଧାର
ାଳ ଫେରିଲେ । ପେଟରେ ଦାଉ ଦାଉ ହୋଇ ଜଳୁଥିବା
ର ନିଆଁ । ମୁଠାଏ ଭାତ ସକଳ ମାୟା ମମତାକୁ ଚାଳୁ
ଡ଼ିଦେଲା । ଲୋକେ ନିଜକୁ ବଂଚାଇବା ପାଇଁ କଲିକତା ଆସାମ
ୁ ବସିଲେ । ସାହା ସମ୍ବଲ ହୀନ ଭୋକିଲା ପ୍ରାଣରେ ମୁଁ
ଣ ଆଣିଦେଲି । ବୋଝାଇ ଚାଉଳ ବସ୍ତାର ସଂଧାନ
ନଙ୍କୁ ଦେଲି । ତାପରେ ଯୁଦ୍ଧିତ ଜନତା ଯାହା କରିଥିବେ, ତୁ
ାନ କରି ପାରୁଥିବୁ । ଦେଶର ସର୍କାରଙ୍କର ଗୁପ୍ତ ପୋଲିସ୍
ସରକାରଙ୍କୁ ଖବର ଦେଲେ ଯେ ଭୋକିଲା ଲୋକଙ୍କ ମୁହଁରେ
ଇବାକୁ ମୁଠାଏର ଯୋଗାଡ଼ କରି ଦେଇ ଦେଶରେ ବିପ୍ଳବ
ହ ସୃଷ୍ଟି କରୁଛି, ଦେଶର ଶାନ୍ତି ଭଙ୍ଗ କରୁଛି । ତାପରେ
ସରକାର ମୋ ପଛରେ ବାହାର କରିଦେଲେ ଓ୍ୱାରଣ୍ଟ ।
ସବୁ ଆପେ ଆପେ ଧରା ଦେଇ ଆରକ୍ଷୀ କେତେଦିନ; କିନ୍ତୁ

ଗୋଟାଏ ଜରୁରୀ କାମରେ ତୋ ପାଖକୁ ଆସିବାକୁ ବାଧହେଲି । ଗୋଟାଏ ନିଃଶ୍ୱାସରେ ଏତକ କହି ବିଜୟ ଦମ୍ ମାରିଲା । ଶାଢ଼ୀର କୁଅଁ କାନିରେ ଦାଢ଼ୀଟା ପୋଛି ପକାଇଲା ।

ଅନୁ ବିଜୟକୁ ଜାଣେ । ସତ୍ୟ ଆଉ ନ୍ୟାୟର ସଂଧାନ କରିବା ପାଇଁ ବିଜୟ ହିଁ ବିଜୟୀ ହୋଇ ପାରିଛି, କିନ୍ତୁ ପରାଜିତ ହୋଇନି । ବିସ୍ମିତ ଦୃଷ୍ଟିରେ ଚାହିଁ ରହିଲା ଅନୁ ବିଜୟର ମୁହଁକୁ । ଜରୁରୀ କାମ ? ପୁଣି ତା ପାଖରେ ? ସେ କିଛି ବୁଝି ପାରିଲାନି । ବିପ୍ଳବୀକୁ ସେ ଘରେ ସ୍ଥାନ ଦେଇଛି ବୋଲି ଯଦି ପୋଲିସ ଜାଣିପାରେ, ତେବେ ତାର କାଲି ସକାଳୁ ଚାକିରୀ ଖଣ୍ଡିକ ନଥିବ । ଦାନା ଗଣ୍ଡାକ ଯୋଗାଡ଼ କରିବା ପାଇଁ ସେ ଯଦିଓ ଚାକିରୀ କରିନି; ତଥାପି...

ଦମ୍ ମାରି ବିଜୟ କହିଲା--ହଁ, କିଛିଦିନ ତଳେ ଗୋଟାଏ ସଂଗଠନ ନେଇ ତୁମ ଗାଁକୁ ଯାଇଥିଲି । ସେଠାରେ ମଉସାଙ୍କ ସଙ୍ଗରେ ଦେଖା ହେଲା । ସେ କହୁଥିଲେ; ତୁ ଟଙ୍କା ପାଇଁ ଚିଠି ଲେଖିଥିଲୁ । ପୁଣି ସେ ଚିଠିରେ ଲେଖିଥିଲୁ ଯେ ଯଦି ନିର୍ଦ୍ଦିଷ୍ଟ ସମୟରେ ଟଙ୍କା ଆସି ତୋ ପାଖରେ ନପହଁଞ୍ଚେ, ତେବେ ତୁ ତୋର ସୁନା ହାରଟା ବନ୍ଧକରିବାକୁ ବାଧ ହେବୁ । ସେଇ କଥା ସେ କହୁଥିଲେ । କହିଲାବେଳେ ବଡ଼ ବିଚଳିତ ହୋଇ ପଡୁଥିଲେ । ମୋତେ ବାରମ୍ବାର ଅନୁରୋଧ କରି କହିଲେ-ବିଜୁ, ତୁମେ ତ ଜାଣିଛ ଅନୁ କିପରି ଜିଦ୍ ଖୋର । ହଠାତ୍ ତା ଚିଠିଟା ପାଇ ମୁଁ କିଛି କରି ପାରୁନି । ଅବଶ୍ୟ ଦଶ ପନ୍ଦରଦିନ ପରେ ଟଙ୍କା ଯୋଗାଡ଼ କରି ପଠାଇବି । ପେନସନ୍ ଟଙ୍କାଟା ମିଳିଥିଲା । ଏତେ ଗୁଡ଼ାଏ ଆରବା ଏଠାରେ ବୁଢ଼ିଲା ବେଳକୁ ସେତକ ନଅଣ୍ଟେ । ଅବଶ୍ୟ ତା ଚିଠିଟା ତାପରେ ମୁଁ ପାଇଲି । ସେ ଯେପରି ପିଲା, ନିଜର ମାନ ମର୍ଯ୍ୟାଦା

ଗୁଣଆଦିକୁ ସେ ଠିକ୍ ଅପେକ୍ଷା ଖୁବ୍ ଉଚ୍ଚରେ ଦେଖେ । ଗୋଟାଏ ଗରଜ ତୁଲାଇବା ପାଇଁ ପର ଦୁଆରେ ଗୋଡ଼ ଭାଙ୍ଗି ଠିଆ ହେବା ପୂର୍ବରୁ ସେ ନିଜର ଜୀବନକୁ ବି ବଳି କରିବାକୁ ପଛେଇବନି । ମୁଁ ତ ପତ୍ର ଲେଖୁଚି । ତଥାପି ତୁମେ ଟିକିଏ ଅନୁଗ୍ରହ କରି ଯେତେବେଳେ ଦେଖା ହେବ କହିବ, ନିଜର ବହି ବାସନ କୁସନ କି ଅନ୍ୟ କିଛି ସେ ପରେ ବିକି କରି ଦେଇ ପାରେ କିନ୍ତୁ ସେ ହାରଟାକୁ ସେ ଯେପରି ତା ଜୀବନରେ କରଛଡ଼ା ନକରେ । ସେଇ ହାରଟାକୁ ଦେଖିଲେ ମୋର ଅନେକ ପୁରୁଣା କଥା ମନେପଡ଼ିଯାଏ । ବହୁଦିନର ସ୍ମୃତି ସମ୍ବଳିତ ସେଇ ହାରଟାକୁ ତା ବେକରେ ଦେଖିଲେ ମନ ମୋର ଆନନ୍ଦରେ ପୂରି ଉଠେ । ତେଣୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଯେପରି ସେ ହାରଟାକୁ କରଛଡ଼ା ନକରେ । ଏଇ ଗୁରୁ ଦାୟିତ୍ୱଟା ତୁମେ ତୁଲେଇ ଦେଇ ପାରିବ ବୋଲି ମୋର ବିଶ୍ୱାସ । ଆଜି ତୁମେ କହିଲେ ସେ ନିଶ୍ଚୟ ତୁମକଥା ରଖିବ, ଏଥିରେ ମୋର ଭରସା ଅଛି । ଏତିକ କହି ବିଜୟ ଶାନ୍ତିରେ ଗୋଟାଏ ନିଃଶ୍ୱାସ ମାରି କହିଲା, ବୋଧହୁଏ ତୁ ପତ୍ର ପାଇଥିବୁ ?

ସବୁ ଶୁଣି ଅନୁ କହିଲା---ହଁ-ଗତି ଖଣ୍ଡିଏ ପାଇଥିଲି ।

ବିଜୟ ଜିଜ୍ଞାସୁ ଦୃଷ୍ଟିରେ ପଚାରିଲା କ'ଣ କଲୁ ସେ

—ହଁ କରିବି ଆଉ କ'ଣ ? ନିଜ ଠାରୁ ଧାର କରି କାମଟା ଚଳାଇ ନେଲି । ପରକୁ ହାତପାତି ନିଜର ଅଭାବ ବିଷୟରେ ଜଣାଇଦେବା ଏଇଟା ହେଲା ମୋ ଜୀବନରେ ପ୍ରଥମ । ତଥାପି ବାପାଙ୍କ ଅନୁରୋଧକୁ ରକ୍ଷା କରି ଧାର କରିବାକୁ ବାଧ୍ୟ ହେଲି କିନ୍ତୁ··· .

ପାଟିରୁ କଥାକୁ ଛଡ଼ାଇ ନେଇ ବିଜୟ କହିଲା, କିନ୍ତୁ ପ୍ରଶ୍ନ ଆଉ ଏଠାରେ ଉଠୁନି । ବାପାଙ୍କର ଆଦେଶ,ସେଇଟା ଆଜି ତୋତେ ପାଳିବାକୁ ହେବ । ଜୀବନରେ ଏପର୍ଯ୍ୟନ୍ତ ସୁଦ୍ଧା ତୋତେ ମୁଁ ତ କିଛି ଅନୁରୋଧ କରି ନ ଥିଲି । କିନ୍ତୁ ଆଜି କେବଳ ମଉସାଙ୍କ ପାଇଁ କରିବାକୁ ବାଧ୍ୟ ହେଉଛି ଯେ ଜୀବନରେ ଯେତେ ବାଧା, ବିପଦ ଆସିଲେ ମଧ୍ୟ ତୁ ବାପାଙ୍କର ଏଇ ଆଦେଶଟା ପାଳନ କରିବୁ । ହାରଟା କରଛଡ଼ା କରିବୁ ନାହିଁ । ତାଙ୍କ ମନରେ ଦୁଃଖ ଦେଇ କି ଲାଭ ତୋତେ ବା ମିଳିବ ?

କାହିଁକି ଯେ ଏଇ ହାରଟା ନେଇ ବାପାଙ୍କର ଏତେ ଅନୁରୋଧ ମୁଁ ବୁଝି ପାରୁନି । ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କୃତ୍ରିମତାର ଗଣ୍ଡି ଭିତରେ ଚାପି ଧରି ସେ ଯେ କି ଆନନ୍ଦ ପାଆନ୍ତି କେଜାଣି ? ତଥାପି ବାପା ଯେତେବେଳେ ଆଦେଶ ଦେଇଛନ୍ତି, ସେଇଟା ମୁଁ ନିଶ୍ଚୟ ପାଳନ କରିବି—ଏଇ ନିର୍ଭର ଜବାବଟା ମୁଁ ଆପଣଙ୍କୁ ଦେଉଛି···ହଠାତ୍ ଚମକି ପଡ଼ି ଅନୁ କହିଲା ଅରେ ଆପଣଙ୍କ ସଙ୍ଗେ କଥା ହେଉ ହେଉ ଏତେ ସମୟ ହୋଇଗଲାଣି ଅଥଚ ଆପଣଙ୍କୁ କପେ ଚା ଦେବାକୁ ମୁଁ ଭୁଲିଯାଉଛି । ମୁଁ ଷ୍ଟୋଭଟା ଲଗାଇ ଦେଉଛି—ଚା ତ ନାହିଁ ଓଭାଲଟିନ ମୁନ୍ଦେ ପିଇଦିଅନ୍ତୁ । ଗରିବ ଭଉଣୀ କୁଡ଼ିଆଟିରେ ଯାହା ଅଛି । କହି ଚାକର ଦାନାକୁ ଡାକ ପକାଇଲା—

ଦାନା—ଅନୁ ବାପାଙ୍କର ବହୁତ ଦିନର ଚାକର । ଅନୁ ବାପା ବିଦେଶ କଲାଦିନୁ ତାକୁ ଆଜିପର୍ଯ୍ୟନ୍ତ ସଙ୍ଗରେ ରଖି ଆସିଛନ୍ତି । କୋଳର କାଖର କରି ଅନୁକୁ ଏଇ ଦାନା ମଣିଷ କରିଛି । ଅନୁର ଚାକର ପୂଜାରୀ ଉଭୟ କାମ କରେ । ସବୁଜ ଜୀବନର ଶ୍ୟାମଳ ସ୍ୱପ୍ନ ଭିତରେ ସେ ନିଜର ବୋଲି କିଛି କରିପାରିନି । ଏଇ ଝୋଟିଆ

ସଂସାରଟିକୁ ନିଜର ବୋଲି ଭାବି ଅସନ୍ତି । ବିଦେଶରେ ଫେଅର ତାଙ୍କୁ ନେବାକୁ ଅନୁର ବାପା ପଠାଇଛନ୍ତି । ଦୀନାର ତୃପ୍ତି ଓ ଆନନ୍ଦ ଅପରିସୀମ ଅନୁ ପାଖରେ••• ।

ଅନୁ ଡାକରେ ଦୀନା ଆସି ପହଞ୍ଚିଲା । ଘର ଭିତରେ ବିଜୟଙ୍କୁ ଦେଖି, ଆନନ୍ଦରେ ହସି ହସି କହିଉଠିଲା ବି ବାବୁ କେତେବେଳୁ ଆଇଲେଣି ମା ? ହଉ— ହଉ—ଭଲ କଥା ଭଲ କଥା ।

--ଆଚ୍ଛା ଦୀନୁ କହିଲ, ତୋ ବିଜୁବାବୁଙ୍କୁ ଆଜି ରାତିରେ କ'ଣ ଖାଇବାକୁ ଦେବୁ ? କହି ଅନୁ ଦୀନା ମୁହଁକୁ ଚାହିଁ ରହିଲା ।

ହଠାତ୍ ବିଜୟ କହିଉଠିଲା—ନାଇଁ—ନାଇଁ- ମୁଁ କିଛି ଖାଇବି ନାହିଁ । ମୁଁ ବର୍ତ୍ତମାନ ଚାଲିଯିବି । ଦୀନୁ—ମୋ ପାଇଁ ବ୍ୟସ୍ତ ହେବୁନି ।

--କ'ଣ କହିଲ ବାବୁ ? ଚାଲିଯିବ ? ଏ ଗୋଟାଏ କଥା ନା ? କେତେ ଦିନ ପରେ ଆଇଚ, ଗରିବ ଉତ୍ତଣୀଟା ଘରେ ଯାହା ଥିବ ଲୁଣ ଭାତକର ଦିଟା ପାଟିରେ ନ ଦେଇ ଚାଲିଯିବ କେମିତି ବା ? ଆଜି, ମାସକୁ ମୁଁ ଘଡ଼ିକ ଭିତରେ କରି ଦେଉଛି·· କହି କହି ଦୀନା ଚାଲିଗଲା ।

ହସୁ ହସୁ ବିଜୟ କହିଲା ଏ ଲକ୍ଷ୍ମୀଛଡ଼ା ଭାଇଟାକୁ ଜେଲର ସେଇ ପଥର ପାଚେରୀ ଘେରା ଛୋଟ ସଂସାରଟା ଭିତରେ ତୁ ବହୁତ କଥା ଭାବିବାକୁ ଦେଇ ଛାଡ଼ି ଦେଉଛୁ · ସେଇକଥା ମୁଁ ଭାବୁଚି—ଗୋଟାଏ ନାହିଁ ଅମର ଦଖଣ୍ଡ ନ ହେଲା କାହିଁକି ?

## ଛଅ

ଅନେକ ଦିନୁ ବିଜୟ ଚାଲିଯାଇଛି । ପଥର ପାଚେରୀ ଘେରା ସଂସାରରୁ ସେ ମୁକ୍ତ ହୋଇଛି । ଅନୁ ତାର ଜୀବନ ନଉକା ମେଲି ଦେଇଛି ଚିର ପରିଚିତ ଗତିରେ ।

ସେ ଦିନ ସକାଳୁ ବର୍ଷା ଅସରାଏ ବର୍ଷି ଯାଇଥାଏ । ନରମ ହେମାଳ ସକାଳରେ ଅନୁ ନିଜ ଘରେ ବସି ରହିଥାଏ । ଆକାଶରେ ଗୋଟେ ଖଣ୍ଡେ କଳା ବଉଦ ଭାସି ଚାଲିଥାନ୍ତି । ଦମକାଏ ଥଣ୍ଡା ପବନରେ ଥରଉଠି ଅନୁ ଘରର ଝରକାଗୁଡ଼ା ବନ୍ଦ କରିଦେଲା । ଏଇ ସମୟରେ ମାନା ଆସି ତା ହାତକୁ ଖଣ୍ଡେ ଟେଲିଗ୍ରାମ ବଢ଼ାଇଦେଲା ।

ଟେଲିଗ୍ରାମ ଦେଖି ଚମକି ଉଠିଲା ଅନୁ । ମନକୁ ମନ ବହୁତ କିଛି ଚିନ୍ତା କରୁ କରୁ ଫଡ଼କିର ଚିଠି ପଢ଼ି ବସିଲା । ଲେଖାଥିଲା, ବାପାଙ୍କ ଦେହ ଭୀଷଣ ଖରାପ, ଶୀଘ୍ର ଆସ ଝାରେନ ।

ଦୁଃଖରେ ଥରି ଉଠିଲା ଅନୁ । ବାପାଙ୍କର ସାଙ୍ଘାତିକ ଅବସ୍ଥା । ହାତରୁ ତାର ଟେଲିଗ୍ରାମଟା ଖସିପଡିଲା । ମୁଣ୍ଡରେ ହାତ ଦେଇ ଚୁପ୍ କରି ବସିପଡିଲା ।

ମାନା ଆଶ୍ଚର୍ଯ୍ୟରେ ଚାହିଁ ରହିଲା ତାର ଅନୁଦେଈଙ୍କ ମୁହଁକୁ । କ'ଣ ସେ ଚିଠିଟା ? କ'ଣ ସେଥିରେ ଲେଖାଅଛି ? କିଛି ବୁଝି ପାରିଲା ନି ମାନା । ଦେଈ କ'ଣ ସେଇଠା ? ବୁଝି ମ

—କୁହ—କ'ଣ ଲେଖା ହୋଇଚି ? କହି ଦୀନା ଅନୁକୁ ହଲେଇ ଦେଲା ।

ସ୍ୱପ୍ନରୁ ଉଠିଲା ପରି ଦୀର୍ଘ ନିଃଶ୍ୱାସ ଛାଡ଼ି ଅନୁ କହିଲା, ହବ ଆଉ କ'ଣରେ ? ଆଜ ଆମକୁ ଯିବାକୁ ହେବ । ବାପାଙ୍କର ଦେହ ଭଲ ନାହିଁ । ତାର ଆସିଚି । ତୁ ଜିନିଷପତ୍ର ସବୁ ଠିକ୍ ଠାକ୍ କର । ମୁଁ ଅଫିସ୍‌ରେ କହି ଆସୁଚି । ଅନୁ ସେଇଠାରୁ ସେଇ ଟେଲିଗ୍ରାମଟା ଧରି ବାହାରକୁ ଗଲା ।

ଭଲକରି କିଛି ବୁଝିପାରିଲାନି ଦୀନା । ବୁଝିବାକୁ ବା ତାକୁ ସମୟ କାହିଁ ? ତେଣୁ ଦୀନା ନିଜ କାମରେ ମନ ଦେଲା ।

\+ + + +

ତାଲଚେର ପାସେଞ୍ଜର ଗାଡ଼ିରୁ ଅନୁ ଆଉ ଦୀନା ଯେତେବେଳେ ଢେଙ୍କାନାଳ ଷ୍ଟେସନରେ ଓହ୍ଲାଇଲେ— ସେତେବେଳକୁ ଦିନ ବାରଟା ବାଜିଗଲାଣି । ବଇଶାଖ ମାସ । ଠାଇଁ ଠାଇଁଆ ଟାଣୁଆ ଖରା । ସତେ ଯେମିତି କିଏ ଆକାଶରୁ ନିଆଁ ପିଣ୍ଡୁଳାମାନ ଫୋପାଡ଼ୁଛି । ସାଇଁ ସାଇଁ ଝାଞ୍ଜି ପବନରେ ଦେହ ସିଝି ଯାଉଥାଏ । ଷ୍ଟେସନଠାରୁ ନଅ ମାଇଲ ଚାଲିକରି ଯିବାକୁ ହୁଏ । ଖରାରେ ସିଝି ସିଝି ଅନୁ ଗାଁ କିଆ ଗୋହିରୀଠାରେ ସଇତା ଭଣ୍ଡାରୀକୁ ଦେଖିଲା । ହାତରେ ବୁଢ଼ାଏ ବାଠ ଧରି ସେ ଲସର ପସର ହୋଇ ଧାଇଁଛି । ଦୀନା ଆଉ ଅନୁକୁ ଦେଖି ସେଇଠି ଲମ୍ବେ ଲମ୍ବେ ଓଲଟି ହୋଇ ପଡ଼ିଲା । ସଇତା – ଦୀନାର ଦୂର ସମ୍ପର୍କୀୟ ମଉସା ପୁଅ ଭାଇ । ଦୀନା କ'ଣ ପଚାରିବ ପଚାରିବ ହେଉ ହେଉ, ସଇତା ତା ଗୋଡ଼ ଧରି ଖୁବ୍ ଜୋରରେ କାନ୍ଦିଉଠିଲା ।

ଆଶ୍ଚର୍ଯ୍ୟରେ ଦୀନା ପଚାରିଲା କିରେ କଥା କ'ଣ ?

ଆଉ ହବ କ'ଣ ଦୀନାଭ – ଗାଁଟାକୁ ଛତଲକ୍ଷ୍ମୀ କରି

କୋଠଘରଣୀ ସାଆନ୍ତେ ଚାଲିଗଲେ । ତାଙ୍କର ପାଇଁ ଏ ଅଲକ୍ଷଣୀ-ଚୁଡ଼ାଙ୍କ ଧରି ଧାଇଁଛନ୍ତି । ଆଖି ବୁଜିବା ପୂର୍ବରୁ ଦେଖିଲେ କେତେ ଥର ଖୋଜିଲେ । ଆଜି ଦଣ୍ଡେ ବଞ୍ଚିଥିଲେ ଦେଖି ପାରିଥାନ୍ତେ ।

କଥାଟିକ ସଇତା ପାଟିରୁ ଶୁଣୁ ଶୁଣୁ ରେଖାର ହାତରୁ ବ୍ୟାଗଟା ଖସିପଡ଼ିଲା । ଆଉ ସେଇଥିରୁ କେତେଟା କମଳା, ନାସପାତି ଏଣେ ତେଣେ ବିଞ୍ଚି ହୋଇ ପଡ଼ିଲା ।

ଆଖିର ଲୁହକୁ ଧୈର୍ଯ୍ୟର ସହିତ ଚାପି ରଖି ଅଧୀର ଦୀନାକୁ ସଙ୍ଗରେ ଧରି ସଇତା ସାଙ୍ଗରେ ସେ ଶ୍ମଶାନକୁ ଚାଲିଲା । ଶ୍ମଶାନର ଗୋଟାଏ ପାଖରେ କୋକେଇଟା ଥୁଆ ହୋଇଛି । ଆଉ ତା ଉପରେ ଖଣ୍ଡେ ସଫା ଧଳା ଚଦର ଢଙ୍କା ହୋଇଛି । କିଛି ଦୂରରେ ଦୁଇ ଅଣ୍ଟୁ ସନ୍ଧିରେ ମୁହଁକୁ ଲୁଚାଇ ସାନ ଭାଇ ବାବୁ ବସି କାନ୍ଦୁଛି । କାହାକୁ କିଛି ନ କହି ଚଦରଟି ଖୋଲି ବାପାଙ୍କ ମୁହଁକୁ ଠିକେ ଦେଖିଲା । ମରଣ ସଙ୍ଗେ ପ୍ରତିଦିନ ଖେଳୁଛି ସେ । କେତେ ମରଣ ଦେଖି ଛାତି ତାର ପଥର ପାଲଟି ଯାଇଛି । ଶେଷ ପୂଜାର ଅର୍ଘ୍ୟ ସ୍ୱରୂପ ଦୁଇ ଟୋପା ଲୁହ ସେଇ ଶ୍ମଶାନ ଭୂଇଁରେ ତା ପଥର ଆଖିରୁ ଗଳିପଡ଼ିଲା । ବାପାଙ୍କ ଗୋଡ଼ତଳେ ମୁଣ୍ଡ ଲଗାଇଲା । ପାଦ ଧୂଳି ଆଣି ମୁଣ୍ଡରେ ମାରିଲା । ଅନ୍ତରର ଦୁଃଖ କୋହକୁ ଚାପି ରଖି ଯେତେବେଳେ ଘରକୁ ଏକମୁହାଁ ହୋଇ ଫେରିଲା, ସେତେବେଳେ ବାବୁ ଧାଇଁ ଆସି ଅନୁକୁ ଧରି କାଇଁ କାଇଁ ହୋଇ କାନ୍ଦିଉଠିଲା । ମୁଣ୍ଡକୁ ତାର ଆଉଁସି ଦେଉ ଦେଉ କେତେ ଯେ ଲୁହ ନୀରବରେ ଗଡ଼ି-ଚାଲିଛି ତାହା ଦୁହିଙ୍କୁ ଅଜଣା ।

ଆଗରେ ଜଳି ଉଠିଲା ଚିତାଟା ଧୂ—ଧୂ—ହୋଇ ।

ବୀରକୁ ଛାଡ଼ି ଅନୁ ଘରକୁ ଫେରିଲା—

+ + + +

ବାପାଙ୍କର ଶ୍ରାଦ୍ଧକ୍ରିୟା ମହାସମାରୋହରେ ପାଳିତ ହୋଇଯାଇଚି । ସମାଜର ନିୟମ ମାନି ବ୍ରାହ୍ମଣ ଭୋଜନ କରାଇବା ପରେ ମଧ୍ୟ ଅନୁ କାଙ୍ଗାଳ ଭୋଜନ କରାଇଛି । ବ୍ରାହ୍ମଣଙ୍କୁ ଦାନ ଯାହା ଦେଇଛି ତା ଅପେକ୍ଷା ରାସ୍ତାକଡ଼େ ଗଛମୂଳେ ଶୀତରେ ଥରୁଥରୁ ହୋଇ ଥରୁ ଥିବା ଦରିଦ୍ରଙ୍କୁ ବେଶୀ ଲୁଗା ବାଣ୍ଟିଛି । ତା ଆଖିରେ ସଂସ୍କାର ହୀନ ବ୍ରାହ୍ମଣ ଅପେକ୍ଷା କାଙ୍ଗାଳର ସ୍ଥାନ ଅତି ଉଚ୍ଚରେ । ବଡ଼ ଠାରୁ ସାନ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ଫୁଟି ଉଠିଛି ଅନୁର ପ୍ରଶଂସା । ଏଇ ପ୍ରଶଂସା ଅନୁକୁ ବହୁତ କିଛି ଭାବିବାକୁ ଦେଇଛି । ମୁହଁରୁ ହସଟିକକ ପୋଛି ପକାଇଛି । ଗାଁ ଗଣ୍ଡାରେ ରାସ୍ତାରେ, ଘରେ, ବାହାରେ ସେ ଯେତେବେଳେ ଶୁଣେ; ପାଗଲା ଝିଅଟା ଯାହା କଲା ତା ଜନ୍ମ ଭଲା ଝିଅ କ’ଣ ପୁଅ ମଧ୍ୟ ତା ବାପା ପାଇଁ କରି ପାରିବ ନାହିଁ । ପାଗଲା ଝିଅ । ଜନମକଲା ନୁହେଁ । ଶୁଣି ସେ ଚୁପ୍ କରି ଘର ଭିତରକୁ ପଶିଯାଇ ଖଟଉପରେ ଦୁଲ୍ କରି ପଡ଼ିଯାଏ । ତାକୁ ଯେପରି ଜଣାଯାଏ ଲୋକମାନେ ଥଟ୍ଟା କରୁଛନ୍ତି । ତାର ଯେପରି ଏ କାମରେ ହକ୍ ଦାବୀ ନଥିଲା । କାରଣ ସେ ଏଇ ରକ୍ତରୁ ଲୁଅଡ଼େ ଫୁଟି ଉଠିନି; ଏଇ ତାର ଦୋଷ । ଆଖିରୁ ତାର ଲୁହ ବହେ; ସେ ଭାବିଚାଲେ……

ବୋଉ ଆସି ଡ଼ାକନ୍ତି ଅନୁ, ଆ ମା ଧଇଠା ଖାଇନେବୁ ।

ମୁହଁ ବୁଲାଇ ଅନୁ ଚାହେଁ—ଦୁଆରେ ବୋଉ ଠିଆ ହୋଇ ଡ଼ାକୁଚି, ସ୍ନେହ ବାତ୍ସଲ୍ୟରେ ତାର ହୃଦୟ ପରିପୂର୍ଣ୍ଣ । ଆଖିରେ ଛଳ ଛଳ ହେଉଛି ଲୁହ ।

ଆଖିରୁ ଶ୍ରାବଣର ଧାରା ପରି ଲୁହ ପୁଣି ବାଧା ନମାନି ବୋହିଚାଲେ । ସେ ଭାବେ ଏଇ ବୋଉ; କେତେ ସ୍ନେହ କେତେ ଲୋଭ; କେତେ ମାୟା ତା ପ୍ରତି । ସେ ପୁଣି ତାର ନୁହେଁ; ତାଠାରେ

ତାର ଅଧିକାର ନାହିଁ । ମୁହଁ ବୁଲାଇ ତକିଆରେ ମୁହଁ ଗୁଞ୍ଜି ସେ କଇଁ କଇଁ ହୋଇ କାନ୍ଦି ଉଠେ ।

ବୋଉ ଆସି ହାତ ଧରିଲେ--ଥର ଥର ଗଳାରେ ଡାକିଲେ; ଅ--ମାଅ ···ତୁ ଏପରି ଅଧୈର୍ଯ୍ୟ ହେଲେ ମୁଁ ବଞ୍ଚିବ କିପରି କହିଲୁ ?

ଅନୁ ଉଠେ । ପଣତ କାନିରେ ବୋଉର ଆଖିରୁ ଲୁହ ପୋଛି ପକାଏ । ଆଖିପଡ଼େ । ଦେଖେ ବୋଉ ମୁଣ୍ଡର ସିନ୍ଥିରେ ସିନ୍ଦୂର ନାହିଁ । କି ହତଲକ୍ଷ୍ମୀ ଦଶା ! କୋହ ତାର ବେଶୀହୁଏ ।

---ଚୁପ, ସୁନାଟା ପରା । ପିଲାଙ୍କ ପରି ଏମିତି ହେଲେ ଚଳିବ ? ବାପା ତାଙ୍କର କାମକରି ଚୁଲିଗଲେ । ଆଉ ଯେଉଁ କାମ ଅଧା ଅଛି--ସରିନି; ତାକୁତ ପୁଣି ଆମକୁ ସାରିବାକୁ ହେବ ।

ଅନୁ ଉଠି ରୋଷ ଘରକୁ ଯାଏ । ତାକୁ ଶୁଣାଯାଏ ସେ ପାଖରେ ପଢ଼ଶାଘରେ ରେବ ବୋଉ ଭାଉଜ ଆଉ ଗୌରୀ କଥା ହେଉଛନ୍ତି । ଗୌରୀ କହୁଛି--ହଇଏ ଭାଉଜ; ମାଇକିନା ଝିଅଟାଏ କ'ଣ ନକଲା ? ଆଉ କ'ଣ ଅଧିକା କରି ଥାନ୍ତା ? ପାଳିଲା ଝିଅ ହୋଇ ଜନମକଲା ପୁଅ ଠୁ ବଳିଗଲା ।

ରେବ ବୋଉ କହି ଉଠିଲେ, ହଁ ହେ ଗଉରୀ; ପାଠ ପଢ଼ିଲେ, କୁଳ ଲାଜ ସରମ ଛାଡ଼ି ଦାଣ୍ଡକୁ ବାହାରିଲେ, ଆମେ କ'ଣ ଏପରି ତାଳ ବାଲିଆରେ କରି ନଥାଅନ୍ତୁ କି ? ସେ ଯାହା ହେଉ ତାର ଋଣ ଶୁଝି ଦେଲା ।

ନିଜର ପ୍ରଶଂସା ଶୁଣି ଖୁସି ଆନନ୍ଦରେ ଫୁଲି ଉଠିବା ବଦଳରେ ମନ ତାର ଘୃଣାରେ ବିଷେଇ ଉଠିଲା; ମନରେ ପ୍ରଶ୍ନ ଜାଗିଲା,

ନିଜର ଜନମ କଲା ପୁଅ ହୋଇଥିଲେ·· ···ପାଳିଲିଟିଅ·· ··ସେ ବେଶୀ କିଛି ଆଉ ଭାବ ପାରିଲାନ । ଆଖିଆଗରେ ତାର ଠିଆହେଲା ପୁଷ୍ପା । ସେଇ ଚଳ ଚଳ ଆଖି, ହସ ହସ ମୁହଁ, କଇଁଫୁଲିଆ ଦେହ । ସେ ଯେପରି ହସିହସି କହୁଛି ତୁ ଏ ବଂଶର ନୁହଁଲେ, ଏ ବଂଶର ରକ୍ତ ସଙ୍ଗେ ତୋର ସଂପର୍କ ନାହିଁ, ତୁ ବାଟ କଡ଼ର ସାଉଁଣ୍ଟା ପିଲା···।

ଭାତ ଖିଆରୁ ଉଠିଯାଏ । ମୁହଁମାଡ଼ି ଚଦରେ ଶୋଇରହେ । ବାପାଙ୍କ ଫଟୋକୁ ଚାହିଁ ଆଖିରୁ ତାର ଅମାନିଆ ଲୁହଧାର ଛୁଟିଚାଲେ । ଅସ୍ଥିର ମନରେ ବାପାଙ୍କ ଫଟୋକୁ ଚାହିଁ ମନେ ମନେ ଭାବେ, ବାପା, ତୁମେ ତ ଚାଲିଗଲ । କିନ୍ତୁ ଏତେ ବଡ଼ ସଂଦେହର ଛୁରୁଡ଼ି ମୋ ପାଇଁ ରଖି ଦେଇଗଲ କାହିଁକି ?

ବୋଉ କାମ ସାରି ଆସନ୍ତି । ଅନୁ ମୁଣ୍ଡରେ ହାତ ବୁଲାଇ ଦିଅନ୍ତି, ଛି, ସ୍ନାଠା ପରା, ସବୁଦିନ ଏପରି ବାୟାଣୀଙ୍କ ପରି ହେଲେ କ'ଣ ବାପା ଆଉ ଫେରିଆସିବେ ? ଦେଖୁଛୁ ପାଖରେ ତୋର ସାନଭାଇ ବାବୁ ଠିଆ ହୋଇଛି । ତାର କଥା···କଣ୍ଠ ଓଜନ ହୋଇ ଉଠିଲା । ଆଖିରେ ଚଳ ଚଳ କଲା ଲୁହ ।

## ଗୁର

ଆଖିରେ ଚଳ ଚଳ କରୁଥିବା ଲୁହକୁ ପୋଛି ଅନୁ ଦାନାକୁ ଧରି ପୁଣି ତା କର୍ମମୟ ସଂସାରକୁ ପାଦ ବଢ଼ାଇଲା । ପଛରେ ପଡ଼ି ରହିଲା ତାର ପରିଚିତ ଗାଁ, ବିଲ, ବନ, ଭୂଇଁ---ବୋଉଙ୍କର ଅନାବିଲ ସ୍ନେହ ଆଉ ବାବୁର ଅଭୁଲା ଅନୁଅପା ଡାକ ।

ସଂସାରର ଘାତ ପ୍ରତିଘାତ ସହି ତାକୁ ବଂଚି ରହିବାକୁ ହେବ । ଡରିଗଲେ ସେ ଆଗେଇ ପାରିବ ନାହିଁ । ତାକୁ ବାଧାବନ୍ଧ ମଧ୍ୟରେ ସଂଗ୍ରାମ କରିବାକୁ ହେବ । ଏକା ତ ସେ ବଂଚିବନି, ବରଂ ତା ସଙ୍ଗେ ସଙ୍ଗେ ଗୋଟାଏ ଛୋଟ ପରିବାରକୁ ବି ବଂଚେଇବାକୁ ପଡ଼ିବ । ସେଇ ପରିବାର ଲାଗି ସେ ବଂଚି ରହିଆଛେ ମଣିଷ ଭିତରେ ଜଣେ ହୋଇ ଆଗେଇ ଆସି ପାରିଚି । ସେମାନଙ୍କର ପ୍ରତି ତାର ଯଥେଷ୍ଟ କର୍ତ୍ତବ୍ୟ ଅଛି ।

ନିଜର ମାନସିକ ଅବସ୍ଥାର ପରିବର୍ତ୍ତନ ପାଇଁ ଅନନ୍ତ ତାର ବସା ବଦଳାଇ ଦେଇଛି । ମହାନଦୀ କୂଳରେ ଗୋଟିଏ ଛୋଟ ପରିବାର ଚଳିବାଭଳି ଘର ଖଣ୍ଡିଏ ଭଡ଼ା ନେଇଛି । ଇଲେକ୍‌ଟ୍ରିକ୍ ଆଲୁଅ, ପାଣିକଳ ଆଉ ଅନ୍ୟାନ୍ୟ ସୁବିଧା ଯଥେଷ୍ଟ । ସକାଳୁ ନିଜର କାମ ସାରି ମେଡ଼ିକାଲକୁ ବାହାରେ । ଘର ଭଲ ମନ୍ଦ, ଭାବ ଅଭାବକୁ ଜଗି ପଡ଼ିରହେ ପାନା । ନିଜର ନୂଆ ବସାଠାରୁ ମେଡ଼ିକାଲଟା ଟିକେ ଦୂର ହେଲେ ସୁଖୀ ଜୀବନରେ ଟିକେ ଶାନ୍ତି ପାଇବା ପାଇଁ ସେ ଏ ଅଯଥା ଖର୍ଚ୍ଚ କରିବାକୁ ରାଜି ହୋଇଛି । ଆଗରେ ସେ ମନଖୋଲା ହସ ସେ ହସି ପାରେନା । ସମସ୍ତଙ୍କ ସଙ୍ଗେ ମନଖୋଲି ବସି ଅବାଧରେ ମିଳିମିଶି ପାରେନା ବୋଲି ସେ ନିଜେ ଅନୁଭବ କରେ । କିନ୍ତୁ ନିଜର ଅନ୍ତରର ଗୋପନ ବ୍ୟଥାକୁ ସେ ଅପରକୁ ଜଣାଇ ଦିଏନି । ଏଇ କେତେ ଦିନର ଅନୁଭୂତି ଭିତରେ ସେ ଏତିକି ଜାଣି ପାରିଛି ଯେ ନିଜର ଦୁର୍ବଳତା, ଦୁଃଖ, ଯଦି ଅନ୍ୟମାନଙ୍କୁ ଜଣାଏ ତେବେ ଦିନେ ସେଇ ବନ୍ଧୁମାନେ, ଯେଉଁମାନେ କି ଆତ୍ମୀୟ ଶୁଭାକାଂକ୍ଷୀ ବୋଲି କହି ହୁଅନ୍ତି, ସାମାନ୍ୟ ଦୁଃଖରେ ସମବେଦନାରେ "ଆହା" "ଆହା" କହି ବିକଳ ହୋଇ

ଉଠନ୍ତି, ସେଇମାନେ କଥା କଥାକେ ଉଲ୍ଟୁଣା ଦେବେ । ସେତେବେଳେ ପୋଡ଼ା ଘା'ର ଯନ୍ତ୍ରଣା ଅପେକ୍ଷା ଏ ଚୂନ ଲେପାର ଯନ୍ତ୍ରଣା ବେଶୀ ହୋଇ ଉଠିବ । ଏଇଥିପାଇଁ ସେ ନିଜର ଭିତରି କଥାକୁ କାହାରି ଆଗରେ ପ୍ରକାଶ କରେନି ।

କାହାଆଗେ ପ୍ରକାଶ କରେନି ବୋଲି ସେ ସିନା ଭାବେ, କିନ୍ତୁ ଦୀନା ବୁଢ଼ା ସବୁ ଜାଣିପାରେ; ସବୁ ବୁଝିପାରେ । କୋଳର ଝାଖର କରି ଯେଉଁ ସାଉଁଣ୍ଟା ଫୁଲକୁ ସେ ବଢ଼ାଇ ଆଣିଛି ତା ପେଟ ବ୍ୟଥା ତାକୁ ଅଛପା ରହିବ ? ଅନୁର ଉଦାସିଆ ଭାବ ଦେଖିଲେ ସେ ଅସ୍ଥିର ହୋଇ ଉଠେ । ଗୁଣୁ ଗୁଣୁ ହୋଇ ବହୁତ କଥା ମନେ ମନେ କହୁଥାଏ । ଶେଷରେ ଅନୁକୁ ଆସି ସବୁ ପଚାରେ । କିନ୍ତୁ ଅନୁ କଥାକୁ ଭୁଲାଇ ନିଏ । ଏଣୁ ତେଣୁ କହି ବୁଢ଼ାକୁ ଫାଙ୍କି ଦିଏ ।

ଏଥିରେ କି ଦୀନା ମନ ବୁଝେ ? ସେ ମୁହେଁ ମୁହେଁ କହିଦିଏ— ଦେଖ ଏଇ ଚମ ଧୁଡ଼ୁ ଧୁଡ଼ୁ ହାତ ଅଛି । କେତେ ପୂଜ, ମୂତ ଉଠେଇଛି । କେତେ ନାତ, ଗୋଇଠା ଏଇ ପଥର ଛାତି ସହିଛି । ସେଇ ଲୋକ ଆଗରେ ତୁମେ କଥା ଲୁଚୁଇଲେ ସେ ଲୁଚିବ କେଉଁଠୁ ? ହଉ ଯାଅ— ଦିନ କେତେ ହେଲାଣି । ଗାଧୋଇ ଆସି ଦିଇଟା ଖାଇଦେଇ ଶୋଇଶୋଇ ମନଇଚ୍ଛା ଭାବୁଥାଅ । ଭାତ ଦିଇଟା ଶୁଖି ଚଣାଚୂଉଲ ହେଲାଣି । ଯାଅମ, ଯା—

ଫେରିପଡ଼ି ଅନୁ ଚାହେଁ ଦୀନା ମୁହଁକୁ । ସେଇ ଚମ ଲୁଚୁ ଲୁଚୁ ମୁହଁକୁ ଚାହିଁ କେତେ ପ୍ରଶ୍ନର ଉତ୍ତର ସେ ଖୋଜୁଲେ । ନିର୍ବାକ ହୋଇ ଚାହିଁରହେ । ଶେଷରେ କହେ, ଦୀନା—ଏ ବଅସରେ ବହୁତ କଷ୍ଟ ପାଇଲୁଣି । ତୁ ଆଉ ରୋଷାଇବାସ କରିବ ବସିରହ । ଜୀବନ ସାରା ଖଟି ଖଟି ଅଣ୍ଟା ଲୁଇଁଲେ

ଯୋଗିଲାଣି, ଏଣିକି ଟିକେ ଦମ୍ ନେ । ମୁଁ ଅଭାବୋଟେ ଷ୍ଟୋଭପିଙ୍ଗ ଫଣ୍ଡେ ଆଣି ରଖିବି । ନଇଲେ—

ପାଚିରୁ କଥା ସରନ ଦୀନା ଖପ୍‌କରି କଥାକୁ ମାଡ଼ିବସି କହେ—କ'ଣ କହୁଲ ଦେଖି ? ଏଇ ବୁଢ଼ାଟା ବଂଶ ଥାଉ ଥାଉ ଆଉ ଗୋଟାଏ କାହାଁକି ପୋଷିବ କହୁଲ ? ଟଙ୍କା କେଇଟା ଦରମା ପାଇବ ଯେ ସେଥିରେ ନିଜେ ନ ଖାଇ, ନ ପିନ୍ଧି, ନିଜ ପେଟରୁ କାଟି ଘରକୁ ପଠାଇବ । ସେଇଠି ଗାଁରେ ଗୋଟାଏ ଘର ଚଳିବ, ଏଇଠି ବିଦେଶରେ ତୁମେ ଖାଇପିଇ ଚଳିବ । ଆଉ କେତେଟଙ୍କା ବଳିବ ଯେ ସେଥିରେ ଗୋଟାଏ ଲୋକ ରଖିବ ? ହବନି ଆଉ ହବନି । ତୁମେ ତ ସଂସାରରେ ରହୁଲ ପର ମତେ ଆଉ ଦଗୁନି ; ପୁଣି ଏଥିରେ ଶେଷରେ କହୁଲ କ'ଣ, ନଇଲେ ......ନଇଲେ ତୁମେ ବେପାଇ କରିବ ? ମୁଁ ବସି ବସି ଖାଇବି ? ତୁମେ ବସି ଘରେ ଭାତ ରାନ୍ଧିବତ—ସେଇଠି କାମ କରିବ କିଏ ? ସରକାର ଘର କ'ଣ ତୁମକୁ ବସାଇକରି ଟଙ୍କା ଗଣିବ ? ଯୋଉ କାମ—ସେଥିରେ ଗୁହ ନାହିଁ, ମୂତ ନାହିଁ—ଚବିଶ ଘଣ୍ଟା ଖାଟୁଛି । ଖାଇବାକୁ ଟିକିଏ ଫୁରୁସତ୍ ମିଳୁନି । ସେଇଥିରେ ପୁଣି ନିଜେ ରାନ୍ଧି କରି ଖାଇବ ? ଶୁଖିଶାଖି କ'ଣ ଏ ଦେହ ହେଲାଣି ? ବୁଝିଲ ଦେଖି, ବୁଢ଼ାଟା ମରି ଯାଉକି ତେଣିକି ତୁମର ଯାହା ଇଚ୍ଛା ତା କରିବ । କହି ଦୀନା ରୋଷ ଘରକୁ ଚାଲିଯାଏ ।

ଭାବେ—ପ୍ରକୃତରେ ଦୀନାକୁ ଛାଡ଼ିଲେ ସେ ମୁହୂର୍ତ୍ତେ ଚଳି ପାରିବନି । ଅପଣାକୁ ପୁରାପୁରି ଭୁଲିଯାଇ—ପରଘର ସେବାରେ ମଙ୍ଗଳରେ, ଜୀବନଟାସାରା ବିତାଇ ଦେଇ ସେ ଜୀବନରେ ତ ଟିକିଏ ଶାନ୍ତି ପାଇନି । ସେଥିରେ ତା'ର ଏ ଶେଷ ମୁହୂର୍ତ୍ତରେ

ସେ ଯଦି ଅକର୍ମା ହତାକୁ ଘରୁ ବାହାରକରି 'ତଡ଼ିଦେଲା ପରି ପାଖରୁ
ଘଉଡ଼ାଇ ଦିଏ, ତେବେ ବୁଢ଼ାର ଶେଷ ନିଶ୍ୱାସଟା ତା'ର ଉପରେ
ପଡ଼ିବ । ଅଶାନ୍ତିରେ ତା ଜୀବନଟା ଜଳିପୋଡ଼ି ଛାରଖାର
ହୋଇଯିବ । ପୂର୍ବଜନ୍ମର କେଉଁ ପାପ ଫଳରୁ ତ ଏ ଜନ୍ମରେ ଏ
ଅବସ୍ଥା ଭୋଗ କରୁଛି । ଅନ୍ତରେ ଅନ୍ତରେ ଚିନ୍ତା ଚିତା
ଜଳୁଛି । ଆଉ ସେ ପଳେ ପଳେ ଜଳି ପୋଡ଼ି ମରୁଛି । ସେଥିରେ
ପୁଣି ଏ କଥା । ନା......ନା......ସେ ତାହା କରି ପାରିବନି ।
ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଧୀନାକୁ ଛାଡ଼ି
ପାରିବ ନି । ଅନୁ ଅସ୍ଥିର ହୋଇ ଉଠେ ।
ସାବୁନଟା ଧରି ବାଥ୍ ରୁମ୍‌କୁ ଗୁଲିଯାଏ

× × ×

ଧନ ଧନଙ୍କର କଥା ଯୁଗ ଯୁଗ ପାଇଁ ବଞ୍ଚି ରହେ । ତା'ର
ସ୍ମୃତି କେବଳ ମନକୁ ଅସ୍ଥିର କରେନି ତ ବରଂ ବହୁତ କିଛି ଶିକ୍ଷା
ଦିଏ ଚେତନା ଦିଏ । ଭବିଷ୍ୟତ ପାଇଁ ମନରେ ପ୍ରେରଣା ଦିଏ
ଉତ୍ସାହ ଆଣେ ।

ବୀଜାଣୁ ସଙ୍ଗେ ନିରତ ଯୁଦ୍ଧ କରନ୍ତି ସେମାନେ । ଜୀବନ
ପ୍ରତି ମାୟା ମମତା ଟିକେ ନ ଥାଏ । ପରର ଦୁଃଖ କଷଣ ଦେଖି
ଦେଖି ହୃଦ ତାଙ୍କର କଠିଣ ପାଷାଣଠାରୁ ବି ଅଧିକ କଠିନ
ହୋଇଉଠେ । ବଞ୍ଚି ରହିବାକୁ ସ୍ପୃହା ଅସେନି । ସଉଖୀନଠାରୁ
ଦୂରରେ ରହିବାକୁ ଇଚ୍ଛା କରନ୍ତି ସେମାନେ । ଭାବନ୍ତି ଏଇ
ଦେହକୁ ଯେତେ ସଜାଇଲେ ମଧ୍ୟ ଏଇ ଦିନେ ମରଣର ଦୁଆରେ
ପହଞ୍ଚାଇ ଦେବ ।

କିନ୍ତୁ ଡାକ୍ତର ସୁକାନ୍ତ ମହାନ୍ତି ଏହାର ବିରୋଧ କରନ୍ତି ସେ ଏକା ନୁହନ୍ତି, ତାଙ୍କପରି ଗୋଟାଏ ଦଳ ଲୋକଙ୍କର ପ୍ରକୃତି ଅଲଗା ହେଲାପରି ନୀତି ମଧ୍ୟ ଅଲଗା ହୁଏ ।

ବିଜୟ ଓ ସୁକାନ୍ତ ଦୁଇଟି ଫୁଲ । ଜଣେ ଯଦି ଗୁହେଁ ନିଜର ଜୀବନକୁ ଚରିତାର୍ଥ କରିବା ପାଇଁ ଦେବତାଙ୍କର ମସ୍ତକ, ଅନ୍ୟଜଣେ ଜୀବନର ସ୍ୱାଦ ଅନୁଭବ କରିବା ପାଇଁ ଗୁହେଁ ସୁନ୍ଦରୀ ଷୋଡ଼ଶୀ ତରୁଣୀର ସଯତ୍ନ ସଜ୍ଜିତା ରୂପ । ନୀତିଗତ ଏଇ ସରଗ ପାତାଳ ପରି ପାର୍ଥକ୍ୟ ଥିଲେ ସୁଦ୍ଧା, ଦୁହେଁ ଦୁହିଁଙ୍କର ବନ୍ଧୁ । ଦୁହିଁଙ୍କର ଲକ୍ଷ୍ୟ ଏକ—ସେବା ହିଁ ପରମ ଧର୍ମ । ଜଣେ ଜୀବନକୁ ଉପଭୋଗ କରି ପରର ସେବାକରେ । ଅନ୍ୟଜଣେ ନିଜକୁ ଭୁଲିଯାଇ ପରର ସେବା କରେ । ଲକ୍ଷ୍ୟ ଦୁହିଁଙ୍କର ଏକ କିନ୍ତୁ ବାଟ ଅଲଗା ।

କଟକରେ ଯେଉଁ ଦୁଇ ତିନିଟା ଦୈନିକ ସଂବାଦପତ୍ର ପ୍ରକାଶ ପାଏ—ସେଥିରେ ଦିନେ ଅନୁ ପଢ଼ିବାକୁ ପାଇଲା, "ଦୀର୍ଘ ଦୁଇବର୍ଷ ଜେଲ୍‌ରେ ରହିବା ପରେ ବିପ୍ଳବୀ ନେତା ଶ୍ରୀଯୁକ୍ତ ବିଜୟ କୁମାର ଦାସ ମୁକ୍ତିଲାଭ କରିଛନ୍ତି । ଅଗଣିତ ଜନତା ତାଙ୍କୁ ଜେଲ ଫାଟକ ସାମନାରୁ ପାଛୋଟି ଆଣିଛନ୍ତି" କାଗଜଟା ପଢ଼ି ଅନୁର ସ୍ନାୟୁ ଗୁଡ଼ାକ ଗରମ ହୋଇ ଉଠିଲା । ରାଗରେ ଥରଉଠି ସେ କାଗଜଟାକୁ ଫିଙ୍ଗି ଦେଲା ଟେବୁଲ ତଳକୁ । ମନେ ମନେ କହି ଉଠିଲା—ଏଇ ଦେଶରେ ବିଜୁଳି ନେତା ହୋଇ ଗୋଟାଏ ମସ୍ତବଡ଼ ଭୁଲ କରିଛି । ଏଇ ଲୋକ ଗୁଡ଼ାକୁ ବିଶ୍ୱାସ କରି ତାଙ୍କର

ମଙ୍ଗଳ ପାଇଁ ଧାଇଁବା ଗୋଟାଏ ସବୁବଡ଼ ବୋକାମୀ । କୌଣସି ପାର୍ଟି କିମ୍ବା ଦଳର ସେ ମେମ୍ବର ନୁହେଁ । ତେଣୁ ସେ ସାହାଯ୍ୟ, ସହାନୁଭୂତି ପାଇ ପାରିବ ନାହିଁ । ଏଇ ବିଜୁ ଭାଇ—ଘର ନାହିଁ, ଦ୍ୱାର ନାହିଁ ଭାଇ ନାହିଁ, ବନ୍ଧୁ ନାହିଁ, କୌଣସି କଥାକୁ ଭ୍ରୂକ୍ଷେପ ନ କରି ସେ ଯେତେବେଳେ ଏ ଗାଁରୁ ସେ ଗାଁକୁ ବୁଲି—ଓଳିଏ ଖାଇ, ଓଳିଏ ଉପାସ ରହି, ବାର ନିନ୍ଦା, ଅପବାଦ ସମାଲୋଚନାକୁ ସହି, ବୁକୁକୁ ପଥର କରି ଯେଉଁମାନଙ୍କ ସେବାପାଇଁ ଲାଗିପଡ଼ିଥିଲା, ଯେତେବେଳେ ସେଥିପାଇଁ ସେ ବିନା ଦୋଷରେ ଜେଲର ଦୁଆର ଛୁଇଁଲା, ସେତେବେଳେ ଏଇ ଦେଶର ଲୋକେ କିମ୍ବା ଦଳମାନର କୌଣସି ଲୋକ ତାଙ୍କୁ ଜାମିନରେ ଆଣିବାକୁ ଆଗେଇ ଗଲେନି । ତାଙ୍କଲାଗି ସେମାନେ କାହିଁକି ବିପଦର ନିଆଁକୁ ଡେଇଁ ପଡ଼ିବେ ? ସେ କୌଣସି ପାର୍ଟିର ନୁହନ୍ତି---ତେଣୁ କୌଣସି ପାର୍ଟି କାହିଁକି ବା ତାଙ୍କୁ ସାହାଯ୍ୟ କରିବ ? ପଧାଛୁଣ୍ଡା ବାଛୁରୀକୁ ପଧାରେ ବାନ୍ଧିରଖି ହେବନି—ଏଇ ମନୋବୃତ୍ତି, ଏଇ ଚିନ୍ତାନେଇ ଯେଉଁ ଦେଶର ନେତା କିମ୍ବା ନାଗରିକ ବ୍ୟସ୍ତ—ଯେଉଁ ଦେଶରେ ସ୍ୱାଧୀନ ଚିନ୍ତାର ମୂଲ୍ୟ ନାହିଁ—ସେଇଠି… ସେ ଗୋଟାଏ ନେତା ହେବା ସବୁବଡ଼ ଭୁଲ୍ ଛଡ଼ା ଆଉ କ'ଣ ବୁଝାଯିବ ?

ମନର ରାଗ ଯେତେବେଳେ ତାର ମରି ମରି ଆସିଲା, ଦେହରୁ ଉତ୍ତେଜନା କମିଲା, ଆଖି ପଡ଼ିଲା ତାର ଟେବୁଲ ତଳକୁ । କାଗଜରେ ବିଜୁଭାଇଙ୍କର ଫଟୋଟା ବାହାରିଛି, ଠିକ୍ ସେଦିନ ବର୍ଷା ରାତିରେ ତାଙ୍କୁ ସେ ଯେପରି ଦେଖିଥିଲା । ମୁହଁର ଦାଢ଼ୀଗୁଡ଼ାକ ଅଧିକ ବଢି ଯାଇଚି । କିନ୍ତୁ ମୁହଁରେ ଲାଗିରହିଛି ସେଇ ପୁରୁଣା ହସ । ଏତେ ବିପଦରେ ପଡ଼ି ବି ତାଙ୍କ ମୁହଁରୁ ସେ ହସ ଟିକକ ଲିଭିନି ।

ଭକ୍ତିରେ ତନ୍ତୁ କାଗଜଟାକୁ ଉଠାଇ ଆଣି ମୁଣ୍ଡରେ ଲଗାଇଲା ଅନୁ । ଏଇ ବଜୁ ଭାଇ ତାର ଦେବତା । ଜଗନ୍ନାଥ ଶ୍ରୀକୃଷ୍ଣଙ୍କଠାରୁ ତାର ଏଇ ନର ଦେବତାଟି ଅଧିକ ବଡ଼ .....।

ଘଣ୍ଟାରେ ବାଜିଲା ଠନ୍ ଠନ୍ ବାର । ଧନ ଉଭଟି ସରିଲା ଅନୁର—ଘରକୁ ବାହାରିଲା ।

ଘରର ଗେଟ୍‌ଟା ଫିଟାଇ ଭିତରକୁ ପଶି ଯାଉ ଯାଉ ଅନୁର ଦେଖା ହେଲା ମୀନା ସଙ୍ଗେ । ଆନନ୍ଦରେ ମୀନା ଅଧୀର ହୋଇ କହିଉଠିଲା, ଦେଖ ବଜୁବାବୁ ଆସିଛନ୍ତି ।

ମୀନୁ ପାଟିରୁ ଏତକ ଶୁଣି ଅନୁ ଆଶ୍ଚର୍ଯ୍ୟ ହେଲା । ଭାବିଲା ବଜୁଭାଇ ତ ମୋର ଏ ନୂଆ ବସା ଦେଖି ନ ଥିଲେ. ଆସିଲେ କିପରି ?

ଘର ଭିତରକୁ ପଶି ଯାଉ ଯାଉ ଅପ୍ରତ୍ୟାଶିତ ଭାବରେ ବଜୁଭାଇ ସହିତ ଆଉ ଯେଉଁ ଭଦ୍ରଲୋକଙ୍କୁ ସେ ଦେଖିବାକୁ ପାଇଲା ସେଥିରେ ସେ ଯେତିକି ସରମରେ ମରିଗଲା ନା ବରଂ ଆଶ୍ଚର୍ଯ୍ୟ ହେଲା ବେଶୀ ।

ସରକାରୀ ବିରୋଧୀ ବ୍ୟକ୍ତି ସହିତ ସମ୍ପର୍କ ରଖି ସମୟ ସମୟରେ ସେ ଯେତେ ଡରେ ବରଂ ତା'ଠାରୁ ଜଣେ ଦାୟିତ୍ୱ ସଂପନ୍ନ ପଦସ୍ଥ କର୍ମଚାରୀ ହୋଇ ସୁକାନ୍ତ ଡାକ୍ତର ବାବୁ ଭୟ କରନ୍ତି କମ୍, ଏଇଟା ତାକୁ ବେଶୀ ଆଶ୍ଚର୍ଯ୍ୟ ଲାଗିଲା ।

ବଜୁଭାଇର ଚରଣତଳେ ମୁଣ୍ଡ ଲଗାଇଲା ।

ତନ୍ତୁ ଅନୁକୁ ଉଠାଇ, ତା'ଦେହକୁ ଆଦରରେ ଆଉଁସି ଦେଇ ଦେଇ ବ୍ରଜଭୂ କହିଲା, ଯା, ଗାଧୋଇଆ । ଡେରି ହେଲାଣି, ତାପରେ କଥା ହେବା ।

ଦୀନୁକୁ ଚା, ଜଳଖିଆପାଇଁ ବରାଦ କରି ଅନୁ ଅନ୍ୟ ରୁମ୍‌ରେ ତାର ବେଶ ବଦଳାଇ ଆସି ଦେଖେ ତ ଦୀନା ଆଗରୁ ସମସ୍ତ ସେପାଇ କରି ରଖିଛି । ଆନନ୍ଦରେ ଅନୁର ଓଠରେ ତୃପ୍ତିର ଗୋଟାଏ କ୍ଷୀଣ ହସର ରେଖା ଚହଟିଗଲା । ସେଇ ମୁହୂର୍ତ୍ତିକ ପାଇଁ ଦୀନା ଚାହିଁ ରହିଲା ଅନୁର ମୁହଁକୁ । ବାତ୍ସଲ୍ୟତାର ଅମୀୟ ପରଶରେ ବୁକୁ ତାର ଫୁଲି ଉଠିଲା ।

ତର ତର ହୋଇ ଅନୁ ଗାଧୋଇ ଆସି ନିଜର ଡ୍ରେସିଂ ସାରି ବିଜୁଭାଇ ପାଖକୁ ଚାଲି ଆସିଲା । ଘରୁ ଠିକେ ବାହାରକୁ ଚାଲିଆସି ବିଜୁଭାଇ ସହିତ ଦୁଇପଦ କଥା ହୋଇ ସେ ଫେରି ଆସିଲା ସେଇ ଘରକୁ । ଗୋଟାଏ ଶଙ୍କିତ ହୃଦୟରେ କଥାକୁ ଢୋକି ଢୋକି କହିଲା, ସାର୍ କିଛି ମନେ ନକଲେ...

କଥାକୁ ଅନୁ ମୁହଁରୁ ଛଡ଼ାଇ ନେଇ ବିଜୟ କହିଲା, ଗଣ୍ଡେ ଖାଇଦେବୁ କି ?

ଅନୁ ଗୋଟାଏ ବିପଦରୁ ରକ୍ଷା ପାଇଲା ପରି ସ୍ୱସ୍ତିରେ ନିଃଶ୍ୱାସ ମାରିଲା ।

---ନାହିଁ ଭାଇ, ବର୍ତ୍ତମାନ ତ ଘଣ୍ଟାଏ ହେବ ଖାଇକରି ଆସିଛେ, ପୁଣି କାହିଁକି ? ବଡ଼ ଅନିଚ୍ଛାରେ ସୁକାନ୍ତ ବାବୁ କହିଲେ ।

--ହଇରେ ଏ ଓଡ଼ିଆ କାଙ୍ଗାଳିଆଙ୍କ ପେଟକୁ ଘଣ୍ଟେ କ'ଣ ପ୍ରତି ପାଞ୍ଚ ମିନିଟ୍‌ରେ ପଶୁଥିଲେ ପରା ଭସ୍ମ ହୋଇଯିବ ! ଓହୋ, ହୋ, ମୁଁ ଭୁଲି ଯାଇଚି, ତୁମେ ପରା ଡ଼ାକ୍ତର ବାବୁ ? ଶରୀର-ତତ୍ତ୍ୱ ବିଷୟରେ ତୁମର ଧାରଣା ଖୁବ୍ ଉଚ୍ଚରେ । ତେଣୁ ଜଗିରଖି, ମାପି ଚୁପି ସଦାବେଳେ ଖାଅ । ତିନିଭାଗ ଖାଦ୍ୟଭ ଭାଗେପାଣି । କିନ୍ତୁ ମୁଁ ଭାଇ...

—ହେତ କ'ଣ ଗୁଡ଼ାଏ ଗପୁଛୁ ? ତୋତେ ଯଦି ଭୋକ କରିଲାଣି ତେବେ ଆଉ ଖାଇଦେ । ମୋ ବିଷୟରେ ତୋତେ ଏତେ ଭାବିବାକୁ କେହି କହୁ ନାହାନ୍ତି । ହସି ହସି ସୁକାନ୍ତବାବୁ କହିଲେ ।

---କଣ' କହିଲୁ —ଭାବିବାନ ? ଆମେ ଯେତେବେଳେ ଏଖାଲ ସଙ୍ଗରେ ଆମ୍ବୁଲ ଧରି ଖାଉଥିବୁ ସେତେବେଳେ ତୋ ପାଟିରୁ ଲାଳ ବାହାରିବ କି ନାହିଁ କହିଲୁ ? ଅରେ ମୁଁ ଭୁଲି ଯାଇଛି—ତୋର ସଂକୋଚ କରିବାର ଯଥେଷ୍ଟ କାରଣ ଅଛି । ତୁ ପରା ଡାକ୍ତର ସାହେବ । ଆଉ ଅନୁ ତୋ ତଳେ ନର୍ସ । ତା ଘରେ ପୁଣି···

ବଡ଼ ଅଡ଼ୁଆରେ ପଡ଼ିଲେ ଡାକ୍ତର ସୁକାନ୍ତ ବାବୁ । ଇତଃସ୍ତତଃ ହୋଇ ସେ କହିଲେ, ସଦାବେଳେ ଗୋଟାଏ କଥାରୁ ତୁ ଏଣୁତେଣୁ କ'ଣ ଯେ ବାହାର କର ବସୁ, କିଛି ବୁଝିହୁଏନା । ମୁଁ କ'ଣ ସେଇଆ କହିଲି ? ସେ ଉଦ୍ଦେଶ୍ୟ ମୋର ଥିଲେ ମୋ ବସାରେ ତୋତେ ପେଟେ ଗିଲାଇ ପୁଣି ବାଟ ପଚ୍ଛର ପଚ୍ଛର ଏଠାରେ ଆଣି କାହିଁକି ଗୁଡ଼ିଥାନ୍ତି ।

ହସି ହସି ବିଜୟ କହିଲା ଅରେ ଗରିବ ଭଉଣୀଟା ମୋର ଦ୍ଵିକଟତ ଦେବକି ? ଅଳ୍ପ ଦାଇଟା ତ ବୋଷାଇ କରିଥିବ । ସେଥିରେ ଗୃହିଜଣ ଆମେ ଚଳିବା । ଏଥିରୁ ବୁଝ୍, ନ ଥିବୁ ତେ ର ଓ ମୋର କେତେ ଭାଗ ପଡ଼ିବ ? ତେବେ ଭାତ ଅଉ ଅଧିକା ଖାଇଦେଲେ କିଛି ଖରାପ ହେବନି ମ । ହଁ ଯଦିବା ଖରାପ ହୁଏ ତୁ ଲେଖିଦେଲେ ଅନୁ ପାନେ ହଜମି ଔଷଧ ଛଅରି କଟିଦେବ । ଆମ ପରି ଆଉ ତ ତୁମେ ମାନେ ପର ଉପରେ ନିର୍ଭର କରୁନରେ ······ହସି ହସି ଏତକ ବିଜୟ କହି ଅନୁକୁ କହିଲା, ଯା ଭାତ ବାଢ଼·········

ଖାଇ ବସିଥାନ୍ତି ତିନି ଜଣ । ଆନନ୍ଦରେ ପରଷୁଥାଏ ଦୀନା । ଅଜି ତାର ଆନନ୍ଦ କହିଲେ ନ ସରେ । ଖାଉ ଖାଉ ବିଜୟ କହିଲା —ବୁଝିଲୁ, ସୁକାନ୍ତ, କଦବା କ୍ୱଚିତ କେହି ଆସିଲେ ଏଇ ଗରିବ ଭଉଣୀଟାକୁ ମୋର ଟିକେ ନ ଚାହିଁ ଦେଇ ଗଲେ ମନ ସନ୍ତୁଷ୍ଟ ହୁଏନି । ବହୁତ ଝଡ଼ଝଞ୍ଜା ଭିତରେ ସେ ତାର ଜୀବନ ନଉକା ବାହି ଆଣିଛି । ତୁ ତ ଜାଣିଛୁ, ମୋର ଭଙ୍ଗା ସଂସାରରେ କେହି ନାହାନ୍ତି । ଯେଉଁଦିନୁ ଏଇଟିକି ଭଉଣୀ କରି ପାଇଲି ସେଇଦିନୁ ମୋର ସ୍ନେହକାଙ୍ଗାଲ ମନ ଆନନ୍ଦରେ ପୂରିଉଠିଛି । ମୋର ନିର୍ଦ୍ଦେଶ, ମୋର କଥାକୁ ଯଦି କେହି ମାନୁଥାଏ—ତେବେ ସେ ଜଣକ ହେଉଛି ଅନୁ । ଏକା ନାହି ଆମର ଯଦିଓ ଦାଖଣ୍ଡ ହୋଇନି -ଏକା ରକ୍ତ ଯଦିଓ ଆମ ଦୁହିଁଙ୍କ ଭିତରେ ଦ'ଧାର ହୋଇ ବହୁନି, ତଥାପି ମୋ ଭଉଣୀଠାରୁ ତାର ସ୍ଥାନ ଅତି ଉଚ୍ଚରେ । ବାହାରେ ଯେତେ ଖାଇ ସୁଦ୍ଧା ଏଇଠି ଗଣ୍ଡେ ନ ଖାଇଥିଲେ ମନରେ ମୋର ଗୋଟାଏ ଅବଶୋଷ ରହିଯାଇଥାନ୍ତା । ଆଉ ଏ ବଗୁରୀଟା କିଛି ନ ବୁଝି ଅଭିମାନରେ ଫୁଲି ଫୁଲି କାନ୍ଦି ଉଠିଥାନ୍ତା ।

ସୁକାନ୍ତ ଡାକ୍ତର ଖାଉ ଖାଉ ସବୁ ଶୁଣୁଥାନ୍ତି । ମଝିରେ ମଝିରେ ଅମାନିଆ ଆଖିଦିଇଟା ତାଙ୍କର ଅନୁ ଆଡ଼େ ଘୂରି ଆସୁଥାଏ । ଏଇ ଅନୁକୁ ସେ ପ୍ରତିଦିନ ଦେଖୁଛନ୍ତି । ପୂରିଲା ପୂରିଲା ଗାଲ— ବଳିଲା ବଳିଲା ହାତ—ପାନ ପତ୍ରପରି ମୁହଁ---ଗୋରା ତକତକ କଇଁଫୁଲିଆ ଦେହ । ଅଙ୍ଗରେ ତାର ଯୌବନ ଲହଡ଼ୀ ଭାଙ୍ଗୁଛି । କଅଁଳିଆ ପତ୍ରପରି ନାଲି ଟୁକୁ ଟୁକୁ ଓଠକୁ ଚାହିଁ ସେ ଅନେକଥର ହୁକୁମ ଦେଇଛନ୍ତି । ତଥାପି ତାଙ୍କ ଆଖି ଦିଇଟା ଆଜ୍ଞା ହେଳା କରିବାକୁ ବାଧ ହେଉଛି । ଦିନେ ସେ ଅନୁକୁ ପଚାରିଥିଲେ—ସିଷ୍ଟର

—ଏ ଖବରଟା ଶିଙ୍ଘବାରେ ତୁମର ସତ୍ୟକ ଅଛି ନା ଗୋଟାଏ ନାକରେ ଛି ?

ଉତ୍ତରରେ ଅନୁ କହୁଥିଲା—ଦାଇଁଟା ପ୍ରଶ୍ନରୁ ସାର କୌଣସିଟି ଭୁଲ ନୁହେଁ । ତାପରେ ଆଉ ତାର କହିବାର କିଛି ନ ଥିଲା । କିନ୍ତୁ ଆଜ ସବୁ ପ୍ରଶ୍ନବାଚୀଙ୍କୁ ଦୂର କରିଦେଇଚି ବିଜୟ ଆଉ ଅନୁର ପବିତ୍ର ସମ୍ବନ୍ଧ ।

ଶିଆ ସରିଗଲା । ସୁକାନ୍ତବାବୁ—ବିଜୟ ବିଦାୟ ନେଇ ଚାଲିଗଲେ । ଗଲା ପୂର୍ବରୁ ରାତି ଭୋଜନ ପାଇଁ ଅନୁକୁ ତାଙ୍କ ଘରକୁ ନିମନ୍ତ୍ରଣ କରିଗଲେ ।

କଥାବାର୍ତ୍ତାର ସୁଅ ଭିତରେ ବିଜୟ ଅନୁ ବାପାଙ୍କର ମୃତ୍ୟୁ ଖବର ଶୁଣିଲା । ଆଖି ତାର ଲୁହରେ ପୁରିଉଠିଲା । ରୁମାଲ କାନରେ ଲୁହଗୁଡ଼ାକ ପୋଛି ପକାଇ ପକାଇ ମନକୁ ତାର କେତେଗୁଡ଼ାଏ ପୁରୁଣା ଚିନ୍ତା ଘେରିଗଲା । ସେ ଦେଖିଲା, ଅନୁର ବାପା ମରିଯାଇ ଅନୁ ଉପରେ ଯେତେ ଦାୟିତ୍ୱ ଲଦି ଦେଇ ନାହାନ୍ତି, ତା ଅପେକ୍ଷା ସେଦିନ ସନ୍ଧ୍ୟା ବେଳଠାରୁ ତା ଉପରେ ବେଶୀ ଦାୟିତ୍ୱ ଦେଇ ଯାଇଛନ୍ତି । ବୈରାଗୀ ହୋଇ ବୁଲୁଥିବା ଲୋକ ଶେଷରେ ଗୋଟାଏ ସଂସାରୀ ହେବାକୁ ବସିଲାଣି । ଆଗରେ ତାର ଦେଶର ଅଗଣିତ ଅଧାଲଙ୍ଗଳା, ଭୋକିଲା ଲୋକ ଅଗଣିତ ଅରକ୍ଷିତ ନିଃସହାୟ ଶିଶୁ, ଅସଂଖ୍ୟ କୁଷ୍ଠ, ଯକ୍ଷ୍ମା, ମେଲେରିଆ ରୋଗୀ— ଆକୁଳ ନୟନରେ ହାତପାତି ତା ମୁହଁକୁ ଚାହିଁଛନ୍ତି ; ପଛରେ ଗୋଟାଏ ପରିବାରର ମମତା— ଅସହାୟ ଦୃଷ୍ଟି —ଛଳ ଛଳ ଆଖି । ସେମାନେ ସାହସ ଆଉ ସାହାଯ୍ୟ ଚାହୁଁଛନ୍ତି ।

କର୍ତ୍ତବ୍ୟ ସ୍ଥିର କରିପାରିଲାନି ବିଜୟ ।

# ପାଞ୍ଚ

ନବବଧୂର କପୋଳର ଚନ୍ଦନ ଟିପା ପରି ଆକାଶରେ ଜଡ଼ିଆସିଛନ୍ତି ଅଗଣିତ ତାରକା । ଶାରଦୀୟ ଜ୍ୟୋତ୍ସ୍ନାର ଜୁଆରରେ ମହାନଦୀ ବାଲିପଠା ହସି ଉଠୁଛି । ନିର୍ମଳ ଆକାଶରେ ଚନ୍ଦ୍ରର ବିକାଶ ଜଳରେ ପ୍ରତିଛବି ନେଉଛି । କୂଳେ କୂଳେ ସଂଧ୍ୟାର ପ୍ରଥମ ପହରରେ ଜନ କୋଳାହଳ ବଢ଼ିଉଠିଛି । ରଜତ ଜ୍ୟୋତ୍ସ୍ନାର ଜୁଆରରେ ପ୍ରତ୍ୟେକ ନିଜର ଅସ୍ତିତ୍ୱ ଭୁଲିଯିବାକୁ ବସିଛନ୍ତି । ସହରର ନାଲି ଧୂଳି, କୋଇଲା ଧୂଆଁ -ଏଇଥିରୁ ଟିକେ ଶାନ୍ତି ପାଇବା ପାଇଁ, ମୁକ୍ତ ବାୟୁରେ ଟିକେ ମନଖୋଲି ହସିବା ପାଇଁ ଆଉ ଜଞ୍ଜାଳ ମୟ ଜୀବନରେ ଟିକେ ସ୍ଫୁର୍ତ୍ତି ଆଣିବା ପାଇଁ ସମସ୍ତେ ପାଗଳ ହୋଇ ଉଠିଛନ୍ତି ।

ସମସ୍ତଙ୍କ ସଙ୍ଗେ ଅନୁ ମଧ୍ୟ ପାଗଳ ହୋଇ ଉଠିଛି । ସମୟ ଆଉ ସୁବିଧା ପାଇଲେ ସେ ବରାବର ଏଇ ପଠାକୁ ଆସେ । ମୁକ୍ତ ଜ୍ୟୋତ୍ସ୍ନାତଳେ ବସି ଅନାବନା ଏଣୁତେଣୁ ଗୁଡ଼ାଏ ଭାବେ । ଭାବି ଭାବି ଅସ୍ଥିର ହୋଇ ଉଠିଲେ ଗୁଡ଼ାଏ ଭାବନା ନେଇ ସେ ଘରକୁ ଫେରେ ।

ବିଜୟ ବରାବର ଏଣିକି ଅନୁ ବସାକୁ ଆସେ । ଅନୁର ଭଲ ମନ୍ଦ ବୁଝେ । ଅସ୍ଥିର ପ୍ରାଣରେ ଭରସା ଦିଏ । ସାନ୍ତ୍ୱନା ଦିଏ । ଭବିଷ୍ୟତ ପାଇଁ ତାକୁ ପ୍ରେରଣା ଦିଏ । ବାପାଙ୍କ ମୃତ୍ୟୁ ପରେ ଅନୁ ଅଉ ଗାଁକୁ ଯାଇନି । ସମୟ ମିଳିଲେ ମଧ୍ୟ ଯିବାକୁ ଇଚ୍ଛା କରନ୍ତା ।

ବୋଉଠାରୁ ରୀତିମତ ଚିଠି ପାଏ । ଉତ୍ତର ଦିଏ । ଘରର ଚଳା ଚଳ ପାଇଁ ଦରକାର ଟଙ୍କା ପ୍ରତିମାସରେ ପଠାଇଦିଏ । ଗାଁକୁ ଯିବାକୁ ବୋଉ ତାକୁ ଅସ୍ଥିର କଲାବେଳେ ଦାନାକୁ ପଠାଇ ସେ ଦାହିଁଙ୍କୁ ଆଣି କାଲୁଦାନ ପାଖରେ ରଖି ପୁଣି ଘରକୁ ପଠାଇ ଦିଏ । ଗାଁର ସେଇ ଅଶାନ୍ତ ବାୟୁ ମଣ୍ଡଳ ଠାରୁ ଦୂରେଇ ରହିବାକୁ ଚେଷ୍ଟାକରେ ।

ମନରେ ଗୋଟାଏ ପ୍ରଶ୍ନ ଥରେ ଆସିଲେ ତାର ସମାଧାନ ନ ହେବା ପର୍ଯ୍ୟନ୍ତ ମନରେ ଗୁଡ଼େଇ ତୁଡ଼େଇ ହୋଇ ମନକୁ ଅସ୍ଥିର କରି ପକାଏ । ଉତ୍ତର ନପାଇବା ପର୍ଯ୍ୟନ୍ତ ଶାନ୍ତି ମିଳେନା ।

ଟିକିଏ ଅବସର ପାଇଲେ ଅନୁ ମନରେ ସେଇ ସନ୍ଦେହ ଉଙ୍କି ମାରେ । ସେ ଭାବିଚାଲେ ବିଦେହ ରାଜା ଜନକଙ୍କ ଦ୍ୱାରା ପରି ପାଳିତା ଜାନକୀଙ୍କ ପରି ସେ ବାପାଙ୍କ କୋଳରେ ବଢ଼ି ଆସିଛି । ଏକଥା କ'ଣ ସତ ? କେତେ ଅଡୁ କେତେ ଭାବେ । କେତେ କାହାକୁ ପଚାରି ବୁଝିବାକୁ ମନହୁଏ । କିନ୍ତୁ ପଚାରି ପାରେନା । ଯାହା ପାଖରେ ପଚାରି ସେ କଥାର ସତ୍ୟତା ପାଇ ପାରିବ ବୋଲି ଭାବେ ସେଠି ତାର ସାହାସ ହୁଏନି ।

ଦିନେ କିନ୍ତୁ ସାହାସ ଧରି ସେ ଦାନାକୁ ପଚାରିଥିଲା— ସେ ଜାଣିଥିଲା — ଏଇ ଦାନାର ବାଳ ପାଚିଛି ତାଙ୍କର ଘରେ । ତା'ରି ଠାରୁ ସେ ସଠିକ୍ ଉତ୍ତର ପାଇ ପାରିବ । କିନ୍ତୁ ଦାନା କହିଲା – କିଏ କହିଲା ଦେଖି, ତୁମେ ଏ ବଂଶର ନୁହଁ ବୋଲି । ପର ଲୋକେ ଆମ ଶିରୀ ଦେଖି ହିଂସାରେ ଜଳି ପୋଡି ମରିଯାଉଛନ୍ତି । ସେଥିପାଇଁ ମିଛରେ ଏକଥା ଉଠାଉଛନ୍ତି । ତୁମେ କ'ଣ ପାଇବ

ସେଥିରୁ । ପୁଣି ଚିନ୍ତିତ ହୋଇ ଗୁଣୁଗୁଣୁ ହୋଇ କହିବସିଲା—ଏକଥା କିଏ କହିଲା ।

ଅନୁ ଜାଣିଲା ମୀନା ଜାଣିକରି ଲୁଚାଉଚି । ତେଣୁ ବୃଥା ଚେଷ୍ଟା କରି ଲାଭ କ'ଣ । ଯେ ସିଧା ସତ କହୁନି, ତାକୁ ବାଧକଲେ ସେ ନାପଟି ମିଛ ସିନା କହିବ କିନ୍ତୁ ସତ କହିବନି ।

ଅନୁ ଚୁପ୍ ରହିଲା । ସେଇଦିନୁ ମୀନା ପାଖରେ ତାର ପ୍ରଶ୍ନ ଭିତ ହୋଇଯାଇଚି ।

ବୋଉକୁ ପଚାରିବାର ପ୍ରଶ୍ନ ଉଠୁନି, ଆଉ ବିଜୁଭାଇ ପାଖରେ ସାହାସ ହେଉନି ।

ବିଜୁ ଭାଇଙ୍କର ବହିଟା ସଜାଡି ରଖି ରଖୁ ସେ ଦେଖିଲା ବିଜୁଭାଇ ଖଣ୍ଡେ ଚିଠି ଛାଡ଼ି ଯାଇଛନ୍ତି ।

ବଡ଼ ଆଉପାଗଳା ଲୋକ । ଏଇମିତି କେତେ କେଉଁଠି କେତେ କ'ଣ ଜିନିଷ ସେ ହଜେଇଲେଣି ତା'ର ହିସାବ ନାହିଁ । ବହିଟା ଦେଖୁ ଦେଖୁ ସେ ଚିଠିଟା ପାଇଲା । ଖୋଲା ଚିଠିଟା । ବଡ଼ ବଡ଼ ଅକ୍ଷରରେ ବାବୁ ହାତରେ ବୋଉ ଲେଖାଇଛି—

ବିଜୁ,

ତୁମର ପତ୍ର ପାଇଲି । ସେଦିନ ସଂଧ୍ୟାବେଳେ କଥା ତୁମର ତ ବେଶ୍ ମନେଥିବ । ମଉସା, ତୁମେ ଓ ମୁଁ ଥିଲେ । ଆଜି ସିନା ମଉସା ନାହାଁନ୍ତି କିନ୍ତୁ ଆମେ ଦୁହେଁ ତ ବଞ୍ଚିଛେ । ଅନୁ ପାଇଁ ତୁମେ ଯେଉଁ ବ୍ୟବସ୍ଥା କରିବ ସେଥିରେ ମୋର କହିବାର କିଛି ନାହିଁ । ମଉସା ତା ହାତ୍ଟି ତୁମ ହାତରେ ଦେଇ ଯାଇଛନ୍ତି । ତାର ମଙ୍ଗଳ ଦୃଷ୍ଟିରୁ ଯାହା ଭଲ ମନେ କରିବ । ମୋତେ ପଚାରି କିଛି ଲାଭନାହିଁ । ତୁମପରା ପୁଅ ଥାଉ ଥାଉ ମୁଁ କ'ଣ

ଏ ବୟସରେ ନେଇ ପଦାକୁ ଗୋଡ଼ କାଢ଼ିଲେ ଭଲ ହେବ ? ଲୋକେ ହସିବେ । ମୋର ଆଶିଷ ନେବ ।

ତୁମର
ମାଉସୀ

ପୁଣି ଅନୁ ମନରେ ଭୂତ ପଶିଲା । କାହିଁକି ଏମାନେ ତା ଲାଗି ପାଗଳ ହୋଇ ଉଠିଛନ୍ତି ? କି ଦରକାର ତାଙ୍କର ? ମନ ହେଉଛି ବଜୁ ଭାଇଙ୍କୁ ଖୋଲାଖୋଲି ଏ ବିଷୟରେ ପଚାରିଦେବେ । କିନ୍ତୁ ସାହସ ହେଉନି । ପଚାରିବାକୁ ବସିଲାବେଳେ ଯେପରି କିଏ ଜଣେ ଭିଡ଼ି ଧରୁଛି । ଆଜି କିଏ ବା କାହିଁକି ତା ହାତ ଧରିବାକୁ ଆଗେଇ ଆସିବେ ? ରାମାୟଣ ଯୁଗର ରାମ ଆଜି ନାହାଁନ୍ତି କି ସେ ଅଯୋଧ୍ୟା ଆଜି ନାହିଁ । ସେତେବେଳେ ଏତେ ବାଛ ବିଚାର ନ ଥିଲା । ଲୋକେ ଶୁଣିବା ଅପେକ୍ଷା ଦେଖିବାକୁ ବେଶୀ ପସନ୍ଦ କରୁଥିଲେ କିନ୍ତୁ ଆଜି……

ନା—ସେ ଏ ବୁଢ଼ୀଅକୁ ସେବା କରିବା ପାଇଁ ଆସିଛି । ସେବା କରି କରି ଦେହକୁ ମାଟିରେ ମିଶାଇ ଦେବ ।

ପୁଣି ଆଖି ଆଗରେ ତା'ର ଠିଆ ହୁଏ ପୁଷ୍ପା । କୋଳରେ ତା'ର କଅଁଳ ଗୁଲୁ ଗୁଲୁ ପିଲାଟି । ଫୁଲ୍‌କା ଫୁଲ୍‌କା ଗାଲକୁ ଓସାରି ଦେଇ ହସି ହସି ସେ ପୁଣି ଡେଇଁ ପଡୁଛି ତା କୋଳକୁ । ନାରୀ ମନ ତା'ର ବିଳପି ଉଠେ । ସୁପ୍ତ ମାତୃତ୍ୱ ଚେଇଁଉଠେ । ଜୀବନଟାକୁ ପରିହାସ ଲାଗେ । ଅନ୍ୟଙ୍କ ପ୍ରତି ହିଂସା ହୁଏ । ଅମୂଲ୍ୟ ରତନଟି ପାଇବା ପାଇଁ ଇଚ୍ଛା ହୁଏ ।

ଦୂରରେ ଆମ୍ବଗଛ ଡାଳରେ ବସି କପୋତୀଟା ତା ପ୍ରିୟ ପାଇଁ ବାହୁନି ଉଠେ । କଳା ରାତି ଆହୁରି କଳା ହୋଇଉଠେ । ବାଉଳା ମନଟା ବିଳପି ଉଠେ । ମନରେ ଚିନ୍ତାଧାର ସେ ଫେରେ । ବାଟରେ ଭାବେ – ତା ଦାୟିତ୍ୱ ବାପା ଦେଇ ଯାଇଛନ୍ତି ବଜୁ ଭାଇ ହାତରେ ।

ସେ ବୁଝିବେ । ବାପା ତ ବୁଝିକରି ଗଲେ, ବାକୀ ସେ ବୁଝିବେ । ସେ ବାହାହେବ--ମଣିଷ ହେବ---ଘର ସଂସାର କରିବ । ମନକୁ କଥାଟା ତାର ଅପସନ୍ଦ ଲାଗେ । ହାଲୁକା ହସ ହସି କହେ--- ଏଗୁଡ଼ାକ ନିହାତି ବାଜେ କଥା ।

ସେ ଘର ଖୁଜିଛନ୍ତି, କୁଳ ଖୁଜିଛନ୍ତି ହାଣ୍ଡି ପାଣି ଜାତି ଅଜାତି ସବୁ କଳି ବୁଝିଛନ୍ତି । ଯାହା ହାତରେ ପାଉଛନ୍ତି ସେଇଠି ଖାଉଛନ୍ତି । ଜାତି ବିଚାର ନାହିଁ । ଏଣୁପରି ଗୋଟାଏ ଝିଅକୁ କିଏ ଅବା ଜାଣିଶୁଣି ତା'ର କୁଳବଧୂ କରିନେବ ? ତା ହାତରୁ ପାଣି ଟୋପାଏ ଖାଇଁ ସେ ସ୍ୱରରେ ଆକୁଳ ନୟନରେ ଚାହିଁ ବସିବ ? ରେଖା ମନକୁ କଥାଟା ପ୍ରତେ ହୁଏନା ।

ବେଳେ ବେଳେ ତରଳ ମନଟା ଉହଲି ଉଠେ । ଆଖି ଆଗରେ ତା'ର ନାଚି ଉଠନ୍ତି ସୁକାନ୍ତ ବାବୁ । ତାଙ୍କର ଭଲ ଭଲ ଆଖି । କେତେ ପ୍ରଶ୍ନ ସେଥିରୁ ବାହାରୁଛି । ବଳିଷ୍ଠ ବଳିଷ୍ଠ ହାତ, ଫୁରୁଲା ଫୁରୁଲା ଗାଲ, ପାନପତ୍ର ପରି ମୁହଁ, ତୋଳା ଚକ ଚକ, ସତାଇଶି ବର୍ଷର ଯୁବକ । ସେ ଯେଉଁଠି ଅଫେଇ ଅସୁଛନ୍ତି । ସେଇ ଅମାନିଆ ଆଖି, ଯେ ଚୈର କରିବା ଛଡ଼ା ଆଉ କିଛି ଜାଣେନା । ସେ ଦାଣ୍ଡଟିକୁ ଧରି ସେ ପୁଣି ଉଠିଟି ରୁମ୍ ଭିତରକୁ ପଶି ଆସୁଛନ୍ତି । ହାତରୁ ଷ୍ଟେଥସ୍ କୋପଟା ଟେବୁଲ ଉପରେ ରଖିଦେଇ ଚେୟାରରେ ବସିପଡ଼ି ପଚାରନ୍ତି—ସିଷ୍ଟର୍, ଗୋଟାଏ କଥା ପଚାରିବି ?

—ପଚାରନ୍ତୁ ନାହାଁନ୍ତି ସାର୍, ଗୋଟାଏ କାହିଁକି ଯେତେ-ଇଚ୍ଛା—

—ସତ କହିବତ ?

—ମିଛ କହି ଶିଖିନି ସାର୍......

—ଏପରି ଜୀବନ ତୁମକୁ ଭଲ ଲାଗୁଚି ?

—ଖରାପ ତ କିଛି ଲାଗୁନି ।

— କେତେଦିନ ଏପରି ରହିବାକୁ ସ୍ଥିର କରିଛ ?

—କେତେଦିନ ରହି ପାରୁଛି ଦେଖିଲେ, ତା ପରେ ସିନା କହିବି ।

—ବିଜୟ ସାଙ୍ଗରେ ତୁମର ପରିଚୟ ହେଲା କିପରି ?

—ଆପଣଙ୍କର ତ ତାଙ୍କ ସଙ୍ଗରେ ଯେପରି……

—ମାନେ ?

—କିଛି ଅବୁଝା ରହୁନି ସାର ।

—ସିଧା କଥା କ'ଣ କହି ଶିଖିନ ?

—ବଙ୍କା କଥା କହେବୋଲି ତ ଆପଣଙ୍କୁ ବୁଝାଇ ବୁଝାଇ ପଚାରିବାକୁ ଭଲ ଲାଗେ ।

— ତୁମେ ତାହା ହେଲେ ମୋ ଖୁସି ପାଇଁ ସବୁକାମ କରୁଛ ?

ସମସ୍ତଙ୍କୁ ଭଲ ଲାଗିବାଭଳି ମୁଁ କାମ କରେ ସାର୍ ।

—ତୁମେ ବାହା ହବନି ?

—କିଏ କହିଲା ସାର ?

—ନାଇଁ ମୁଁ ଜାଣିବା ପାଇଁ ପଚାରୁଛି ।

—ଜାଣିକରି ଆପଣଙ୍କର ଲାଭ କ'ଣ ଅଛି ?

—ଭୋଜି ଭାତ, ମଉଜ ମଜଲିସ୍‌ରେ ଟିକେ ଭାଗ ନେବା କଥା ।

—ସେଇଟା ହବାର କଥା ସାର୍ ।

—ମାନେ, ତୁମେ ବାହା ହେଉଛ ?

—ବର୍ତ୍ତମାନ ହଉନି ସାର୍

କୌଣସି ଆଶାନୁରୂପ ଉତ୍ତର ନ ପାଇ ବଡ଼ ଆହତ ହୋଇ ଡାକ୍ତର ସୁକାନ୍ତ ଫେରିଲେ । ଅନୁ ଚୁପ୍ ହୋଇ ଟେବୁଲ ଉପରେ ମୁଣ୍ଡ ରଖି ଭାବିବସେ । କାହିଁକି ସୁକାନ୍ତ ବାବୁଙ୍କର ଏତେ ପ୍ରଶ୍ନ ଅଜି ତା ପାଖରେ ? କର୍ତ୍ତବ୍ୟ କରି ଘରକୁ ଫେରିବା ଲୋକ, ହଠାତ୍ ଫେରି ଏତେ ପ୍ରଶ୍ନ ତାକୁ କାହିଁକି ପଚାରି ବସିଲେ ? ଅନୁ ସୁକାନ୍ତ ବାବୁଙ୍କର ଦୁର୍ବଳତା ବୁଝେ । ଚୁପ୍ ରହେ । ମନେ ମନେ ଭାବେ — ସୁନାକୁ କଣି କଷଟି ପଥରରେ କଷିସାରି ନାଆଁରେ ପୋଡ଼ ମୁଣ୍ଡରେ ଲଗାଇଲେ ଠକାମିରେ ପଡ଼ିବନି । ଦଉଡ଼ି ଗୁଡ଼ଉଦିଏ – ଯାଆନ୍ତୁ କେତେ ବାଟ ଯିବେ ସିଏ । ଦଉଡ଼ିର ଲମ୍ବା ସରିଲେ ବଳରେ ଖୁଣ୍ଟ ମୂଳକୁ ଫେରି ଆସିବେ । ଟିକିଏ ହସି କାମରେ ମନଦିଏ ।

ପୁଣି ଆଖି ଆଗରେ ଦେଖା ଦିଅନ୍ତି ଯୁବକ କମ୍ପାଉଣ୍ଡର ରମାକାନ୍ତ ବାବୁ । ସଦାବେଳେ ହସ ହସ ମୁହଁ । ଆନନ୍ଦ ବ୍ୟତୀତ ସେ ଦୁନିଆରେ କିଛି ଅଛି ବୋଲି ବିଶ୍ୱାସ କରନ୍ତି ନାହିଁ । ଗୀତ ଖିଆଲ ହୁଅନ୍ତି । ସ୍ନୋ ଲଗାଇବାକୁ ଭଲପାଆନ୍ତି । ଭଲ ଭଲ ବହି ଆଣି ପଢ଼ନ୍ତି । ପଢ଼ିବାକୁ ବି ଯାଚନ୍ତି । ହସି ହସି ସେ ପୁଣି ଦିନେ ଆଗେଇ ଆସିଲେ । ହାତରେ ଗୋଟାଏ ନାଲି ଗୋଲାପ ଫୁଲ । ଗୋଟାଏ ଭଅଁର ସେଇ ଫୁଲ ପାଖରେ ଗୁଣ୍ ଗୁଣ୍ ହୋଇ ଉଡ଼ୁଛି । ହସି ହସି ପଚାରିଲେ —

—ଦିଦି ଏଇ ଫୁଲଟା ସୁନ୍ଦର ହୋଇନି ?

—ତୁମକୁ ସୁନ୍ଦର ଦିଶୁଚି ତ ?

ହସିଉଠନ୍ତି ରମାକାନ୍ତ ବାବୁ —

—ହସିଲ ଯେ ?

—ନାଇଁ ଯେତେ ମନାକଲେ — ଘଉଡ଼ାଇଲେ ଏ ଭଅଁରଟା ଜମା ମାନୁନି, ସେଥିପାଇଁ••••••

—ସେ ତ ଗିରିଜା । ସୁନ୍ଦର ଜିନିଷ ଦେଖିଲେ ସମସ୍ତେ ଖୋଜିବାକୁ ନାରାଜ ହୁଅନ୍ତି । ଅନାହୂତ ଭାବେ ବଳେଇ ପଡ଼ନ୍ତି ।

—କିମିତି ? ଆଶ୍ଚର୍ଯ୍ୟରେ ରମାକାନ୍ତ ବାବୁ ଚାହିଁ ରହନ୍ତି ଅନୁର ମୁହଁକୁ ।

—ଠିକ୍ ଜୁମଡ଼ିଲା ।

ଶେଷରେ ହାଲିଆ ପଡ଼ିଲେ ରମାକାନ୍ତ ବାବୁ । ଅନୁ ତାଙ୍କର ଦୁର୍ବଳତା ବୁଝି ସାରିଲାଣି । ପ୍ରତିଉତ୍ତର ଦେବାକୁ କିଛି ଲେଖୁଥିଲା ନା । ଗୋଲାପ ଫୁଲ୍‌ଟା ଧରି ଫେରିବାକୁ ବସିଲେ ।

ପଛରୁ ଅନୁ ଡାକିଲା, ଶୁଣନ୍ତୁ—

କ'ଣ ? ବଡ଼ ଅଳସ ଗଳାରେ ପଚାରିଲେ ।

"ଦେଖନ୍ତୁ ସେ ଫୁଲ୍‌ଟା", କହି ଅନୁ ତାଙ୍କ ହାତରୁ ଫୁଲ୍‌ଟା ଛଡ଼ାଇ ନେଇ ଆସିଲା । ଡେଙ୍ଗ ତଳକୁ ହାତ ଦେଇ ପଚାରିଲା ଏ କ'ଣ ଦେଖୁଛ ?

କଣ୍ଟା ।

ହସି ହସି ଅନୁ କହିଲା—ଏତେ କଣ୍ଟା ଭିତରୁ ଫୁଲକୁ ଆଣିଲ କିପରି ?

ବଡ଼ ସାବଧାନରେ—

ହାତ ଗଣ୍ଡି ଅ ହୋଇନି ତ ?

ନାହିଁ......

ସାବଧାନରେ ସବୁ କାମ କଲେ ବିପଦ ଆଦୌ ଆସିବନି । କହି ହସି ହସି ଫୁଲ୍‌ଟା ନିଜ ଗଣ୍ଠିରେ ଖୋସି ପକାଇଲା ।

ଫୁଲ୍‌ଟା ଗ୍ରହଣ କରିନି ଅନୁ । ରମାକାନ୍ତ ବାବୁଙ୍କର ମନକାମନା ପୂର୍ଣ୍ଣ ହୋଇଛି । ଯେ କେହି ଭାବିବା କଥା । କିନ୍ତୁ

ରମାକାନ୍ତ ବାବୁ ଭାବନ୍ତି ଆଉ କେତେ କଥା । କେତେ ସୂକ୍ଷ୍ମ ଅର୍ଥ ତା ଭିତରୁ ସେ ବାହାର କରନ୍ତି ।

ହସି ହସି ଅନୁ ରୋଗୀ ପାଖରୁ ଛୁଟେ······

ଝଞ୍ଜାଳମୟ ଜୀବନରେ—କର୍ମ କ୍ଷେତ୍ରରେ ପୁଣି ଦେଖାଦିଅନ୍ତି ଡାକ୍ତରଖାନା କିରାଣୀ—ପ୍ରେମସୁନ୍ଦର ବାବୁ । ବୟସ ଗଡ଼ିଲାଣି ପଚାଶପାଖି । ଜୀବନ ପାତ୍ରରୁ ମଧୁ ସଉଞ୍ଚିବାକୁ ବସିଲେଣି । ତିନୋଟି ପିଲାର ବାପା । ସବୁଗୁଡ଼ାକ ଝିଅ । ବଡ଼ ଝିଅ ସୁଷମା ବାହା ହେଲାଣି । ତା ତଳ ଅଣିମା ପାଠ ପଢ଼ୁଛି । ସବା ସାନ ଝିଅ ନୀଳିମା ଦୁଆର-ବନ୍ଧ ଡେଇଁନା ମାଟିରେ ଘୁଷୁରୁଛି । ଭଗବାନ ପୁଅଟିଏ ଦେଇ ନାହାନ୍ତି । ସେଥି ପାଇଁ ମନ ତାଙ୍କର ଭାରି ଦୁଃଖ । ତଥାପି ଦମ୍ଭଧରି ବସନ୍ତି । କହନ୍ତି କପାଳେ ଥିଲେ, ଗୋପାଳ ଦେବେ । ମାଳା, ତୁଳସି, ଟିକା ତିଳକର ଭାରି ଭକ୍ତ । କଥା କଥାକେ ଭାଗବତରୁ ପଦେ ପଦେ କାଢ଼ି ବସନ୍ତି—

ବାତ୍ସଲ୍ୟ ମମତାର ଛଳନା ଦେଖାଇ ସେ ପୁଣି ଅସନ୍ତି—ବାପାଙ୍କ ଦେଇଥିବା ହାରଟାକୁ ଧରି ପଚାରନ୍ତି—

—ମା ଏ ହାରଟାର ଦାମ କେତେ ?

—ମୁଁ ଜାଣେନା ମଉସା—

—ବଡ଼ ସୁନ୍ଦର ହୋଇଛି ଏ ପଥରଟା—

"କେଉଁଠୁ ପାଇଲୁ ? ଦାମ କେତେ ?"

"ମୁଁ ଜାଣିନି ମଉସା—"

ଛାତିରେ ହାତ ବାଜେ । ଥରେ କାହିଁ ବହୁତ ଥର । ଦେହରେ ଚମକ ଲାଗେ ତାର । ତଳୁ ମୁହଁ ଉଠାଇ ମଉସାଙ୍କ ମୁହଁକୁ ଚାହେଁ, ଦେଖେ ଲୋଲୁପ ବାଘର ଚାହାଁଣି ତା ମଉସାଙ୍କ ଆଖିରେ । ଘୃଣାରେ ମନ ବିଷେଇ ଉଠେ । ବାପ ସମାନ ପର ଲୋକକୁ

ଘୋଡ଼ରୁ ଚପଲ ଖୋଲି ବାଡ଼େଇବାକୁ ଇଚ୍ଛାହୁଏ । ବଡ଼ ଝିଅ ସୁଷମା ଅନୁଠାରୁ ବଡ଼ । ତା ତଳେ ଯେତେକ ସମସ୍ତେ ତାକୁ 'ଦିଦି' ଡାକନ୍ତି । ଫଟ୍‌କର ସିରିଞ୍ଜଟା ଧରି ସେ ଇଞ୍ଜେକ୍‌ସନ ଦେବାକୁ ଚାଲିଯାଏ । ଭାବେ କି ଦୁଷ୍ଟ ଏଗୁଡ଼ାକ । ବଣ ମଣିଷ, ଛିଃ ।

ଆଖିଆଗରେ ତାର ଦେଖା ଦିଅନ୍ତି ତିନି ଜଣ—

ତିନି ଜଣରୁ ଦୁଇ ଜଣ ବଡ଼ ହୋଇ ଉଠନ୍ତି । ଜଣେ ସୁକାନ୍ତ ଆଉ ଜଣେ ରମାକାନ୍ତ । କଥା କହିବସନ୍ତି ସେମାନେ—ବିବାହ କରିବନି ? ····ଏ ଫୁଲଟା ସୁନ୍ଦର ଦିଶୁନି ?

ଚମକି ଉଠେ ଅନୁ । କାହା ପ୍ରଶ୍ନର ଉତ୍ତର ଦବ ଭାବିପାରେନା । ଦୁହିଁଙ୍କଠାରେ ମଧୁ ଅଛି, ସ୍ନେହ ଅଛି, ଶରଧା ଅଛି । କାହାକୁ ବା ସେ ରଖିବ —କାହାକୁ ବା ସେ ଫିଙ୍ଗିଦେବ ?

ଅନୁ ଭାବେ---ବୋଧହୁଏ ଦୁହେଁ ଲୋକ ମୁହଁରୁ ତା ବିଷୟରେ କିଛି ଜାଣି ନାହାନ୍ତି । ଜାଣିଥିଲେ ଏପରି କରିବାକୁ ଇଚ୍ଛା କରନ୍ତେ ନାହିଁ---ଜାଣି ଶୁଣି ଯଦି ସେମାନେ ଆଗେଇ ଆସିଥାନ୍ତି ତେବେ ଦେହର କ୍ଷୁଧାରେ ସେମାନେ ବ୍ୟାକୁଳ ହୋଇ ଉଠିଛନ୍ତି । ପରୀକ୍ଷା କରିବାକୁ ରେଖାର ମନହୁଏ ।

ସେ ଖାଲି ଏତିକି ଭାବେ—ରକ୍ତ ମାଂସର ଦେହ ଧରି କେତେ ଦିନ ସେ ଲୋଭିଲା ଆଖିରୁ ନିଜକୁ ବଞ୍ଚାଇ ରଖିବ ?

ଚାନ୍ଦଟା ବଉଦ କୋଳରେ ମୁହଁ ଛପାଏ । ଚାରିଆଡ଼େ ଅନ୍ଧାର ହୁଏ । ଅନ୍ଧାରରେ ବସିରହେ । ଆଲୁଅ ଖୋଜି ପାଏନା ।

ଏଣୁ ତେଣୁ ଭାବି ଭାବି ଘରକୁ ଫେରୁ ଫେରୁ ପ୍ରାୟ ପ୍ରତିଦିନ ଅନୁର ଡେରି ହୁଏ । ସେଥିପାଇଁ ସମୟ ସମୟରେ ବଡ଼ ଭାଇଠାରୁ ତାକୁ ଗାଳି ଶୁଣିବାକୁ ପଡ଼ିଥାଏ । କୈଫିୟତ ମଧ୍ୟ ଦେବାକୁ ହୋଇଥାଏ ।

ଦିନେ ରାତିରେ ଖାଇ ଖାଇ ବିଜୟ କହିଲା ଅନୁ ତୋର ବାହାଘର ମୁଁ ସ୍ଥିର କରୁଛି । ତୋର ମତ କ'ଣ ?

ଏ ବିଷୟରେ ମୋର ଅନୁକୂଳ ମତ ନାହିଁ ।

କାହିଁକି ?

ଆପଣ କ'ଣ ଜାଣନ୍ତି ନି—ବାପାଙ୍କ ମୃତ୍ୟୁ ପରେ ଘରର ଯାହା ଅବସ୍ଥା, ସେଥିରେ······

—ସେଥିପାଇଁ ତୋ ମୁଣ୍ଡ ଖେଳାଇବାକୁ କେହି କହୁ ନାହାନ୍ତି । ମୁଁ ସୁକାନ୍ତକୁ ପଚାରି ତା ମତ ସ୍ଥିର କରିବି ।

ଆଶ୍ଚର୍ଯ୍ୟରେ ଅନୁ ବିଜୁ ଭାଇ ମୁହଁକୁ ଚାହିଁ ରହି କହିଲା ସୁକାନ୍ତ ବାବୁ ! !

ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ମୋ ଦାୟିତ୍ୱ ମୁଁ ବୁଝୁଛି—।

ସୁକାନ୍ତ ବାବୁଙ୍କର ଏବେ ସୁଦ୍ଧା ଏ ବିଷୟରେ ସ୍ୱାଧୀନ ମତ ଦେବାର ଅଧିକାର ନାହିଁ ଭାଇ । ଘରେ ତାଙ୍କର ବାପା ଅଛନ୍ତି । ତେଣୁ ସେ ଅଡ଼ୁ ପ୍ରଥମେ ସ୍ଥିର କରନ୍ତୁ········କହି ଅନୁ ଚୁପ୍ ରହିଲା ।

ବିଜୟ ବି ଚୁପ୍ ରହିଲା । ବୁଝିଲା ଅନୁର ଅନ୍ତରର କଥା ।

ଅନୁ ପ୍ରକୃତିସ୍ଥ ହେଲା—ଲଜ୍ଜାରେ ମୁହଁ ତାର ପୋଡ଼ିଗଲା । କହୁ କହୁ ଅଜାଣତରେ ତା ପେଟ ଭିତର କଥା ବିଜୁ ଭାଇ ଆଗେ ଏତେ ଧନକେ ଫିଟିପଡ଼ିଲା ।

## ଛଅ

ଏତେ ଦିନ ପରେ ଅନୁର ଦମ୍ଭ ଭାଙ୍ଗିଲା । ମନ ତାର ନଇଁଲା । ତରଳ ଲୁହ ବହିଗଲା । ଠାଣି ରଖି ପାରିଲାନି । ବଳିଷ୍ଠ ମାଂସ ଭିତରର ପ୍ରକୃତି ହାତରେ ନିଜର ଅବିବେକକୁ ବାନ୍ଧି ଦେବାକୁ ବାଧ୍ୟ ହେଲା ।

ନିରାଶାର ବାଦଲ ଫାଙ୍କିଣି ଠେଲି ଆଶାର ସୂର୍ଯ୍ୟ ଦେଖାଗଲେ । ବାଳ ସୂର୍ଯ୍ୟର କିରଣରେ ମନ ତାର ପ୍ରଫୁଲ୍ଲିତ ହୋଇ ଉଠିଲା । ମନରେ ତାର ଗର୍ବ ଆସିଲା । ନାରୀ ହୋଇ ସେ ଆଜି ବିଜୟିନୀ ହୋଇ ପାରିଛି । ତା ନିକଟରେ ହାରିଛନ୍ତି ସୁକାନ୍ତ ବାବୁ !

କାନ୍ଥରେ ବଡ଼ ଦର୍ପଣଟା ଝୁଲୁଛି । ତାର ଦେହରେ ତାର ପ୍ରତିବିମ୍ବଟା ଝଲସି ଉଠୁଛି । ସୁନ୍ଦର ସ୍ୱାସ୍ଥ୍ୟ ଲୋଭନୀୟ ଗଠନ । ସାଧାରଣ ଅଳଙ୍କାର ଭିତରେ ସେ ଯେପରି ଜଳି ଉଠୁଛି ଏଇ ଦେହ, ଏଇ ଯୌବନ, ସୁକାନ୍ତ ବାବୁଙ୍କ ପୁରୁଷ ମନକୁ ନୁଆଁଇଛି । ସେ ତାକୁ ଜୀବନ ସାଥୀ କରିବା ପାଇଁ ମତ ଜଣାଇ ଦେଇଛନ୍ତି । ଗର୍ବରେ ସ୍ଫୀତ ତାର ଫୁଲି ଉଠିଲା---

ଅନୁ ଭାବିଲା---ସୁକାନ୍ତ ବାବୁଙ୍କ ବାପା ଜଣେ ପ୍ରଗତି ପନ୍ଥୀ ସଂସ୍କାରକ ବୋଲି ସେ ଜାଣେ । ସେ କେବେହେଲେ ପୁଅର ମତ ଉପରେ ପଦାଘାତ କରି ପୁଅ ମନରେ ଦୁଃଖ ଦେବେନି । ମନ ହରିଣୀ ତାର ଆନନ୍ଦରେ ଚରିମାରି ବୁଲିବାକୁ ଲାଗିଲା । ସାଥୀ ଖୋଜି ବୁଲିଲା ।

ମୁକ୍ତ ଅଉ ସ୍ୱାଧୀନ ଭାବରେ ଏଣିକି ସୁକାନ୍ତ ବାବୁଙ୍କ ତା ସଙ୍ଗେ ମିଶିବାର ସୁଯୋଗ ସେ ଦେଇଛି । ବାଜୁ ଭାଇର ପ୍ରସ୍ତାବ ପରେ ମନରେ ଆସିଯାଇଛି ତାଙ୍କ ପ୍ରତି ମାୟା, ମମତା ଅଉ ଲୋଭ ।

ନୂଆ ମମତାରେ ଭୁଲି, ନୂଆ ଆଶାରେ---ଭବିଷ୍ୟତକୁ ସେ ଅନୁ ଭୁଲିଯାଉଛି । ସ୍ୱାଧୀନତା ଅପେକ୍ଷା ବନ୍ଧନକୁ ସେ ଆଜି ଅଳ୍ପେ ଅଳ୍ପେ ସ୍ୱାଗତ କରୁଛି ।

ଶାନ୍ତି

ରନ୍ତଲେଇ--ଅନୁଗୁଳର ଗୋଟାଏ ଅଖ୍ୟାତପଲ୍ଲୀ ଭୂଗୋଳ ପୋଥି ପତ୍ରରେ ଯାହା ନାମ ଦିନେ କେହି ସପନରେ ଦେଖି ନଥିଲେ—ସେଇ ରନ୍ତଲେଇ ଆଜି ଭାରତ ପ୍ରସିଦ୍ଧ ତୀର୍ଥସ୍ଥାନ ହୋଇଛି । ସାମାନ୍ୟ ବାରବର୍ଷର ଗଉଡ଼ ଟୋକା ନେପାଳ ହୁକୁମ ଔଷଧ ଦେଇ ଅସାଧ୍ୟ ରୋଗ ମାନ ଭଲ କରି ଦେଉଛି । ଏପରିକି ଯେ ଯେଉଁ ମନ ନେଇ ଯାଉଛନ୍ତି ସେମାନଙ୍କର ମନୋବାଞ୍ଛା ପୂର୍ଣ୍ଣ ହେଉଛି । ଦେଶ ବାହାରରୁ ବି ଅଗଣିତ ଲୋକ ପିମ୍ପୁଡ଼ି ଧାର ପରି ନେପାଳୀ ବାବାଙ୍କ ଦର୍ଶନକୁ ବାହାରିଲେଣି । ପ୍ରତିଦିନ ଖବର କାଗଜରେ ରନ୍ତଲେଇ ବିଷୟରେ ନାନା ପ୍ରକାର ଅଦ୍ଭୁତ ଘଟଣା ପ୍ରକାଶ ପାଉଛି ।

ଓଡ଼ିଶାର ପ୍ରତି ଘରେଘରେ ରନ୍ତଲେଇ ନେପାଳୀ ବାବାର ଅଦ୍ଭୁତ କାର୍ଯ୍ୟର ପ୍ରଶଂସା ସହ ବିଭିନ୍ନ ଆଲୋଚନା ଚାଲିଥାଏ ।

ଅମର ହେବାକୁ ଯାଉଥିବା ଭଗବାନଙ୍କର ଚେଷ୍ଟୁ ସାର୍ଥକ

ସୃଷ୍ଟି ଗୁଣ୍ଡଙ୍କୁ ମରଣ ମୁହଁରୁ ଫେରାଇବା ପାଇଁ ଡାକ୍ତର ସୁକାନ୍ତ ବାବୁ ଯାଇଛନ୍ତି । ସୁକାନ୍ତ ବାବୁଙ୍କ ସଙ୍ଗେ ଲଳିତ ବାବୁ, ଶରତ ବାବୁ ମଧ୍ୟ ଯାଇଛନ୍ତି । ବିଜୁ ଭାଇଙ୍କ ପ୍ରସ୍ତାବ ପରେ ଦୁହିଁଙ୍କର ସଂପର୍କ ଟିକେ ନିକଟରୁ ନିକଟତର ହୋଇ ଉଠୁଛି । ଦିନକୁ ଦିନ ଜଣଙ୍କର ଜଣଙ୍କ ପ୍ରତି—ଲୋଭ, ମାୟା, ମମତା ଆସି ଯାଇଛି । ଏଇ ଲୋଭ, ମାୟା, ମମତା ମନରେ ଏପରି ଜମାଟ ବାନ୍ଧି ଯାଇଛି ଯେ ଦୁହେଁ ଢ଼ନେ ସଞ୍ଜବେଳେ ଇହକାଳ ଓ ପରକାଳରେ ଜୀବନ ସାଥୀ ହୋଇ ରହିବାକୁ ଶପଥ କରିଛନ୍ତି ।

ବିଜୁ ଭାଇ ନେଇଛି ସୁକାନ୍ତ ବାବୁଙ୍କ ବାପାଙ୍କ ଦାୟିତ୍ୱ । ସୁକାନ୍ତ ବାବୁଙ୍କ ବାପା—ସମାଜକୁ ଡରିଯିବେନି । ସେ ଭଲକରି ଜାଣନ୍ତି ମଣିଷ ସମାଜ ତିଆରି କରେ କିନ୍ତୁ ସମାଜ ମଣିଷ ସୃଷ୍ଟି କରି ପାରେନା । ସେ ଯଦି ହଁ ଭରିଦିଅନ୍ତି ତେଣିକି···

ତେଣିକି ଏ ଦୂରତ୍ୱ ଆଉ ରହିବ ନାହିଁ । ସୁକାନ୍ତ ବାବୁ ମେସ୍‌ରେ ନଖାଇ ତା ପାଖରେ ରହି ଖାଇବେ । ଦୁହେଁ ରୋଜଗାର କରିବେ । ଜୀବନର ପୂର୍ଣ୍ଣ ସାର୍ଥକତା ଆଣିବେ । କାଠି କୁଟା ଦେଇ ଛୋଟ ଘରଟିଏ କରି ତାରି ଭିତରେ ଦୁହେଁ ରହିବେ । ଶିରି ଶିରି ଶୀତରେ ଥରି ଉଠିବେ । ହାତ ବୁଲାଇବ ପରଶ ପାଇଁ । ଖରାଦିନେ ଆମ୍ବ ଗଛର ଛାଇ ତଳକୁ ଦୁହେଁ ବୁଲିଯିବେ । ସୁଲୁ ସୁଲୁ ପବନରେ ବସିବେ । ସେ କଥା କହିବେ । ତାଙ୍କ ଜୀବନର ଅନୁଭୂତି । ଆଉ ଅନୁ ଚୁପ୍ ହୋଇ ତାଙ୍କ ପାଖରେ ବସି ଗପ ଶୁଣିବ । ତାଙ୍କ ହସରେ ହସିବ । ତାଙ୍କ କାନ୍ଦରେ କାନ୍ଦିବ । ଅଙ୍ଗ ପାଇଁ ପ୍ରତିଅଙ୍ଗ ଝୁରିବ । ତା ପରେ·· ······ଅନୁଦିନେ ଅନୁ ଆଉ ଥୟଧରି ବସି ପାରିଲାନି---ଅସ୍ଥିର ହୋଇ ଶେଯ ଭିତରେ ଗୁଡ଼ି ହୋଇଲା ।

ଅଖି ଆଗରେ ଦେଖାଗଲା ପୁଷ୍ପା; କୋଳରେ ତା'ର ପୁଅଟି । ନାଲି ଚୁଲୁ ଚୁଲୁ ଓଠ, ଫୁଲୁକା ଫୁଲୁକା ଗାଲକୁ ଉଷାର ଦେଇ ସେ ହସୁଛି ।

ପୋଷ୍ଟ ପିଅନ ବଢ଼ାଇ ଦେଲା ଖଣ୍ଡେ ଚିଠି । ପ୍ରାୟ ପ୍ରତି ସାତଦିନରେ ଖଣ୍ଡେ ଖଣ୍ଡେ ପତ୍ର ସୁକାନ୍ତ ବାବୁଙ୍କ ଠାରୁ ଆସେ । କେତେଅଡ଼ୁ କେତେକଥା ନେଇ ସେ ଲେଖିଥାନ୍ତି । ଭବିଷ୍ୟତର ରଙ୍ଗୀନ ସ୍ୱପ୍ନ କେତେ ଦେଖିଥାନ୍ତି । ଅନୁ ପ୍ରତି ଚିଠିର ଉତ୍ତର ଦିଏ । ସରଳ ପ୍ରାଣ ତା'ର, ଦେହରେ ଅଛି ଲହଡ଼ୀଭଙ୍ଗା ଯୌବନ । ରକତ ମାଉଁସର ଦେହ ଟାଣି ରଖି ପାରେନା, ମନକଥା ଖୋଲି ସବୁ କଥାର ଉତ୍ତର ଦିଏ ।

ଚିଠିଟା ଖୋଲି ପଢ଼ି ବସିଲା ଅନୁ । ସୁକାନ୍ତବାବୁ ଲେଖିଛନ୍ତି ଦୀର୍ଘ ଚାରିପୃଷ୍ଠା ବ୍ୟାପୀ ବିରାଟ ଚିଠି ।

ଅନୁଗୁଳ

ଅନୁରାଧା ଦେବୀ,

ମୋର ଶୁଭେଚ୍ଛା ନେବ । ଭଲ ଅଛି । ଆଶାକରେ ଭଲରେ ଥିବ । ଗୋଟାଏ ପାଟଳ ସଂଧ୍ୟାର ଅବଗୁଣ୍ଠନ ତଳେ ତୁମକୁ ମୁଁ ଭଲ ପାଇ ବସି ବଡ଼ ଭୁଲ କରିଛି । ଆମ ଦୁହିଁଙ୍କର ପରସ୍ପର ପ୍ରତି ଏତେ ନିବିଡ଼ ଆକର୍ଷଣର ପରିଣାମ ଯେ ଏତେ ଶୀଘ୍ର ଏପରି ଦୁଃଖଦାୟକ ହେବ ତା ମୁଁ ଆଦୌ କଳ୍ପନା ସୁଦ୍ଧା କରି ପାରି ନଥିଲି । ତୁମେ ତ ଜାଣ ମଣିଷ ଗୋଟାଏ ସାମାଜିକ ଜୀବ । ସମାଜକୁ ପରିତ୍ୟାଗ କରି ସେ ଚଳି ପାରେନା । ବର୍ତ୍ତମାନ ତୁମ ଓ ମୋ ବିବାହ ଭିତରେ ସେଇ ସମାଜ ଖଣ୍ଡାଧରି ଠିଆ ହୋଇଛି । ଅନୁମତି ଦେଉନି । ତଥାପି ସମାଜକୁ ପରିତ୍ୟାଗ କରି ପାରେରେ

ଠେଲି ମୁଁ ତୁମକୁ ସଙ୍ଗରେ ଧରି ଗୋଟାଏ ନୂଆ ସମାଜର ପରି-କଳ୍ପନା କରନ୍ତି । କିନ୍ତୁ ତୁମକୁ ଧରି ଚାଲିଯିବା ଆଗରୁ ଆଜ ଚାରୋଟି ଆଖିରେ ଲୁହଧାର ଦେଖି ମୁଁ ସଂଭାଳି ରହି ପାରିବି ନାହିଁ । ବାପା ମାଆଙ୍କର ସେଇ ଚାରିଟା ଆଖି । କେତେ ଆଶା, ଆନନ୍ଦ ମୋତି ତାଙ୍କର ଅଛି । କୋଳରେ ଧରି ଦୁଧ ପିଆଇଲା ବେଳେ ସେଇ ମା' ମୋର କେତେ ସୁନେଲି କଳ୍ପନା କରି ନଥିବ ? କେତେ ଦୁଃଖ କଷ୍ଟରେ ସେଇ ବାପା ମୋତେ ମଣିଷ କରି ନାହାନ୍ତି ? ସେମାନଙ୍କର ଏତେ ଆଶା ଆଉ ଆକାଂକ୍ଷାକୁ ପାଦରେ ଠେଲି ଦେଇଗଲେ ଦୁହେଁ କ'ଣ ସୁଖୀ ହୋଇ ପାରିବା ? ତାଙ୍କ ମନରେ କଷ୍ଟ ନ ଦେବା ପାଇଁ ସବୁ ଭାବ ଏ ପର୍ଯ୍ୟନ୍ତ ସୁଙ୍ଗା କରି ଆସିଛି । ତେଣୁ……

ଏ ଚିଠି ଆଜି ତୁମ ପାଖକୁ ଲେଖିଲା ବେଳେ ଦୁଇ ଆଖିରେ ମୋର ଲୁହ ପୂରି ଉଠିଛି । ମନରେ କୋହ ଉଠିଛି । ଅନୁଭବ ନ କଲେ କେହି ସହଜରେ ବୁଝି ପାରିବେନି । ବିଜୟ ବାପାଙ୍କ ପାଖକୁ ଆମ ଦୁହିଁଙ୍କର ପ୍ରସ୍ତାବ ନେଇ ଯାଇଥିଲା । ତା' ପରେ·· ବିଜୟ ନିକଟକୁ ତୁମର ଇତିବୃତ୍ତ ବିଷୟରେ ବାପା ଯେଉଁ ପତ୍ର ପାଇଥିଲେ, ତା'ର ଅବିକଳ ନକଲ ତଳେ ଦେଲି ।

କଟକ

ପୂଜନୀୟେଷୁ,

ମୋର ଭୂମିଷ୍ଠ ନମସ୍କାର ଗ୍ରହଣ କରିବେ । ଆପଣଙ୍କର ପ୍ରେରିତ ପତ୍ର ମୁଁ କାଲି ନରସିଂହ ପୁରରୁ ଫେରି ପାଇଲି । ସେଥିରେ ଆପଣ ବାର ଲୋକଙ୍କ ମୁହଁରୁ ବାଉକଥା ଶୁଣି ପ୍ରକୃତ କଥା ଜାଣିବା ପାଇଁ ମୋ ପାଖକୁ ଲେଖିଛନ୍ତି । ସାଫ କଥାରେ ସଫା

ଛୁଟିଲେ । ସୁକାନ୍ତ ଆପଣଙ୍କର ପୁଅ । ଆପଣ ତାର ଭବିଷ୍ୟତ ଦେଖିବେ । ତେଣୁ ଅନୁର ଜନ୍ମ ନେଇ ଯାହା ଲେଖିଛନ୍ତି ତା' ମୁଁ ପରିଷ୍କାର ଲେଖି ଜଣାଇ ଦେଉଛି । ଆପଣ ଯାହାକୁ ସାରା ଜୀବନ ପାଇଁ କୂଳ ବଧୂ କରି ନେବେ ତା ବିଷୟରେ କିଛି ଲୁଚାଇ ରଖିବାକୁ ମୁଁ ଉଚିତ୍ ମନେ କରେନି । ମୁଁ ଭଲକରି ଜାଣେ— ସତକଥା ଦିନେ ନା ଦିନେ ପାତାଳରୁ ଫୁଟି ବାହାରିବ । ସତ୍ୟକୁ ମିଥ୍ୟାର ଆବରଣ ଦେଇ ଢାଙ୍କି ରଖିଲେ ହାସ୍ୟାସ୍ପଦ ହେବାକୁ ହୁଏ । ଅନୁର ବାପା—ରାଜୀବ ଲୋଚନ ବାବୁଙ୍କର ମୋ ସହିତ କଥାବାର୍ତ୍ତା ଓ ତାଙ୍କରି ଲିଖିତ ୨୦-୧ ର ଡାଇରୀର ଗୋଟିଏ ପୃଷ୍ଠାର ଅବିକଳ ନକଲ ତଳେ ଦେଲି— ପଢ଼ିଲେ ସବୁ ଜାଣି ପାରିବେ ।

କୋଡ଼ିଏ ଜାନୁୟାରୀ ତାରିଖ ଗୋଟିଏ ସ୍ମରଣୀୟ ଦିନ ହୋଇ ମୋ ଜୀବନରେ ରହିବ । ଭୁବନେଶ୍ୱରରେ ଅଶୋକାଷ୍ଟମୀ ଭିଡ଼ । ରୁକୁଣା ରଥ ଦେଖିବା ପାଇଁ, ଆଉ ମରୀଚି କୁଣ୍ଡରେ ଗାଧୋଇବା ପାଇଁ ରନ୍ନା ମୋତେ ବହୁତ ଦିନୁ ଲଗାଇ ଥାଏ । ମାଇପୀ ଲୋକ ସେ । ଯାହା ବୁଝିଥିବ ସେଇଆ । ତାକୁ ଅସି ପଇଁତିରିଶ ହେଲାଣି, ଗୋଟିଏ କାହିଁକି ଲାଗେ ଲାଗେ ତନୋଟି, ଗୁଡ଼ିଏ ପିଲାଙ୍କର ମୁହଁ ଦେଖିଲାଣି । କିନ୍ତୁ ଦେବକୀପରି କାହାକୁ କୋଳରେ ଧରି ରଖି ପାରିଲାନି । ଏଥିପାଇଁ ମୁଁ ବହୁତ ପ୍ରକାର ଚେଷ୍ଟା କରିଛି । କିନ୍ତୁ କୌଣସିଥିରେ କିଛି ହେଲାନି । ଶେଷରେ ସେ ଗୋଟାଏ ଜିଦର ଧରିଛି, ଯେ ଭୁବନେଶ୍ୱର ଯିବ । ଚେମେଇ ମାଉସୀ କହିଛି ମରୀଚି କୁଣ୍ଡରେ ଗାଧୋଇଲେ ଦେହରୁ ସକଳ ପାପ ଗୁଳିଯାଏ । ଆଉ ଏହାପରେ ସନ୍ତାନ ଦୀର୍ଘଜୀବୀ ହୁଏ । ମନରେ ମୋର ଏଥିରେ ଟିକେମାତ୍ର ବିଶ୍ୱାସ ନଥିଲେ ସୁଦ୍ଧା ତା

ମାଇପୀ ମନରେ ଦୁଃଖ ନ ଆଣିବା ପାଇଁ କାଲଠାରୁ ତାକୁ ଧରିଆସି ଧର୍ମଶାଳାରେ ଅଛି ।

ଆଜି ସକାଳୁ ମର୍କଟକୁଣ୍ଡ ନିକଟରେ ଭାରି ଭିଡ଼ । ଥାଳପାଠ ଗୁଳିଫିଙ୍ଗ । ହଜାର ହଜାର ସ୍ତ୍ରୀଲୋକ, ବହୁ ଦୂରଦୂରାନ୍ତରୁ ମନରେ ନାନା ଆକାଂକ୍ଷା ଧରି ଆସିଥାନ୍ତି । ରତ୍ନାକୁ ସେ ଭିଡ଼ରେ ନେଇ ଠେଙ୍କାଏ ପାଣି ମୁଁ ପଚିଶ ଟଙ୍କାରେ କିଣି ଆଣିଲି । ସେଇଥିରେ ରତ୍ନା ଗାଧୋଇ ପଡ଼ିଲା । ଭିଡ଼ରୁ ଆମେ ଦୁହେଁ ଫେରି ଆସିଲୁ । କଣ୍ଟବାଟ ଆସିଛୁ, କେଦାରଗୌରୀ କୁଣ୍ଡକୁ ଯିବା ରାସ୍ତାରେ ଯେଉଁ ହଙ୍କାଳିଆ ଆମ୍ବଗଛଟା ଅଛି, ତାରି ତଳେ ଗୋଟେ ପିଲାଟିଏ କାନ୍ଦୁଥିବାର ଦେଖିଲି । ଦୁଇ ବର୍ଷର କଅଁଳ ଶିଶୁଟିଏ । କାହାକୁ ଖୋଜି ଖୋଜି ବଡ଼ ଅଥୟ ହୋଇ ପଡ଼ୁଥାଏ । କେତେ ଲୋକ ସେବାଟେ ଯା'ଆସ କରୁଥାନ୍ତି, କିନ୍ତୁ କେହି ପିଲାଟି ଆଡ଼କୁ ଚାହୁଁ ନଥାନ୍ତି କି ତା କଥା ବୁଝି ପାରୁ ନଥାନ୍ତି । ଖଣ୍ଡିଏ ସାଧା ଫ୍ରକ୍ ଆଉ ପ୍ୟାଣ୍ଟ ପିନ୍ଧିଥାଏ । ମୋତେ ଦେଖି ବାପା ବୋଲି ଡାକି ଧାଇଁ ଆସି କୁଣ୍ଢାଇ ପକାଇଲା । ଆପଣା ଛାଏଁ ମୋ ହାତ ଦୁଇଟା ତାକୁ ଆଦରରେ ମୋ ଛାତି ଉପରକୁ ଟେକି ନେଲା । ତା'ର ଏ ଡାକରେ ସ୍ନେହ କାଙ୍ଗାଳ ମନ ମୋର ପୂରି ଉଠିଲା । ତା ପରେ ମୋ ମୁହଁକୁ କଲବଲ କରି ଚାହିଁ ପିଲାଟି ଭେଁ କରି କାନ୍ଦି ଉଠିଲା । ଅଚିହ୍ନା ପାଇଲା । ପିଲାଟିର ପିଠି ଆଉଁସି ଦେଇ ପଚାରିଲି, ବାପାଙ୍କର ନାଁ କ'ଣ କୁନା ? ଦରୋଟି ଭାଷାରେ ସେ କେବଳ କହିଲା 'ବାପା' । ଅଜ୍ଞାନ ଶିଶୁକୁ ସଙ୍ଗରେ ଧରି ଧର୍ମଶାଳାକୁ ଫେରିଲି । ବାଟରେ ରତ୍ନା କହିଲା, କାହାର ଛୁଆଟି ଏଠି ବାଟହୁଡ଼ି ବୁଲୁଛି । ତାକୁ ଖୋଜି ଖୋଜି ତା' ବାପ ମା' କି ଅଥୟ ହେଉ ନ ଥିବେ ? ତୁମେ ଯାଅ ଥାନାରେ ଡାଇରୀ କରିଦେଇ ଆସିବ ।...

ଝିଅଟିକୁ ସଙ୍ଗରେ ନେଇ ଥାନାକୁ ଗଲି । ଡାଇରୀ କରି ଫେରିଲି । ଘରେ ପହଞ୍ଚି ରତ୍ନା ତାକୁ ଆଗେ ଆଣିଥିବା କ୍ଷୀରରୁ ଦୁଇଠା ଢ' ପାଟିରେ ଧରାଇ ଦେଲା । ଆଦର ସ୍ନେହପାଇ କଅଁଳ ଲତାଟି ପରି ପିଲାଟି ଆମ ଆଡ଼କୁ ଲୋଠାଇ ପଡ଼ିଲା । ପଛକଥା ସବୁ ଭୁଲିଗଲା । ସ୍କେଟ ଫ୍ରକ୍ ତଳେ ସେ ଗୋଟିଏ ହାର ପିନ୍ଧିଛି ବୋଲି ସେତେବେଳ ପର୍ଯ୍ୟନ୍ତ ଆମର ନଜର ନ ଥାଏ । ରତ୍ନା ଫ୍ରକ୍‌ଟି ଖୋଲୁ ଖୋଲୁ ସେ ହାରଟି ଦେଖି ମୋତେ ଡାକ ପକାଇଲା । ମୁଁ ଯାଇଁ ଦେଖେ ଯେ ଗୋଟିଏ ସୁନ୍ଦର ହାର, ଦେହରେ ଗୋଟିଏ ଦାମିକା ପଥର ଲାଗିଛି । ହାରଟି ପାଇଁ ଯେତେ ବିସ୍ମିତ ନ ହେଲି ବରଂ ବେଶୀ ହେଲି ପିଲାଟିର ଜୀବନ ପାଇଁ । ହୁଏତ ଅଳ୍ପ ସମୟ ଭିତରେ ଏଇ ହାରଟି ଲାଗି ତା ପ୍ରାଣ ଚାଲିଯାଇ ଥାଆନ୍ତା ।

ଆଜି ଦିନକ ଅପେକ୍ଷା କଲି । ଏ ପର୍ଯ୍ୟନ୍ତ ଥାନାରୁ କୌଣସି ପ୍ରକାର ଉତ୍ତର ନ ପାଇଲେ କାଲି ସକାଳୁ ବାରଟା ଗାଡ଼ିରେ ଘରକୁ ଫେରିବୁ ।

ରାତିରେ ରତ୍ନା ମୋତେ କହିଲା ବୁଝିଲଣି ଲିଙ୍ଗରାଜ ମହାପ୍ରଭୁ ଆମ ଦୁଃଖ ଶୁଣି ଏଇଟିକୁ ଆମ କୋଳକୁ ଦେଇଛନ୍ତି ।

ସେଦିନ ରାତିରେ ଝିଅଟିର ନାଁ ଦେଲୁ ଅନୁରାଧା ।

× × ×

ଅନୁର ଇତିବୃତ୍ତ ବିଷୟରେ ଯାହା ଜାଣିଲି ଲେଖିଲି । ଏଣିକି ଆପଣଙ୍କର ଇଚ୍ଛା । ମୋର ଏତିକି ଆତ୍ମ-ବିଶ୍ୱାସ ଅଛି ଯେ ସେ ଗୋଟିଏ ସମ୍ଭ୍ରାନ୍ତ ବଂଶୀୟ କନ୍ୟା ।

ଆପଣଙ୍କର ମତାମତ ଅପେକ୍ଷାରେ ରହିଲି

ସ୍ନେହାଧୀନ

ବିଜୟ

ଏହି ଚିଠିଟି ପଢିସାରି ବାପା ନିହାତି ଅରାଜି ହୋଇ ମୋ ପାଖକୁ ଲେଖିଛନ୍ତି । ବିଜୟକୁ ମଧ୍ୟ ପତ୍ର ଦ୍ୱାରା ଜଣାଇ ଦେଇଛନ୍ତି । ବାପା ଯଦିଓ ଜଣେ ପ୍ରଗତିଶୀଳ ସଂସ୍କାରକ ଏବଂ ଗୋଟିଏ ନର୍ସକୁ ତାଙ୍କର କୂଳବଧୂ କରିବାରେ କିଛି ଆପତ୍ତି ନଥିଲା– କିନ୍ତୁ ତୁମର ବଂଶ ପରିଚୟ ନଜାଣି ସେ ଅରାଜି ହୋଇଛନ୍ତି । ସଂସାରର ତିକ୍ତ ଅନୁଭୂତିରେ ସେମାନେ ବୁଢ଼ା ହେଲେଣି । ଦୂର ଦୃଷ୍ଟିରେ କ'ଣ ଦେଖି ସେ ହୁଏତ ମନା କରିଛନ୍ତି । ଆଜି ଏ ବିଷୟ ତୁମ ପାଖକୁ ଲେଖିଲାବେଳେ ମନ ମୋର ବିଳପି ଉଠୁଛି । ବାପା ମାଙ୍କର ଏକମାତ୍ର ବାଧ୍ୟ ସନ୍ତାନ ହେତୁ ନିଜର ଇଚ୍ଛା ବିରୁଦ୍ଧରେ ମୁଁ ତାଙ୍କ ପ୍ରସ୍ତାବରେ ବାଧ୍ୟ ହୋଇ ରାଜି ହେଉଛି । କିନ୍ତୁ ଏକଥା ନିଶ୍ଚୟ, ତୁମର ବିବାହ ନହେବା ପର୍ଯ୍ୟନ୍ତ ମୁଁ ଘର ସଂସାର ନକରିବା ପାଇଁ ଚେଷ୍ଟା କରିବି ।

ଭାଗ୍ୟରେ କଷ୍ଟ ଭୋଗିବାକୁ ଥିଲେ ତାହା କେହି ନେଇ ପାରିବେନି । ଜୀବନର ପହିଲି ପ୍ରଭାତରେ ଯେଉଁ ସ୍ନେହ, ସୋହାଗ ତୁମଠାରୁ ପାଇ ଏ ହୃଦୟର ଗୋଟିଏ କୋମଳ ଅଂଶରେ ତୁମକୁ ସ୍ଥାନ ଦେଇଥିଲି, ତାହା ସବୁଦିନ ଲାଗି ତୁମ ପାଇଁ ଖାଲି ରହିବ । ମନେ ମନେ ଝୁରି ମରିବି । ଘର ସଂସାର କାନ୍ଧପରେ ତୁମେ ଓ ମୁଁ ଫିମ୍ପା ଜୁଆ ନେଇ ଚଳିବା ସିନା, କିନ୍ତୁ ସେ ଜୀବନରେ ତୃପ୍ତି ଆସିବନି କି ପୂର୍ଣ୍ଣତା ଆସିବ ନାହିଁ ।

ବିଶେଷ କିଛି ଲେଖିବାକୁ ହାତ ଚଳୁନି, ଆଜି ତୁମ ପାଖକୁ ଏପରି ପତ୍ର ଲେଖିବାକୁ ହେବ ବୋଲି ମୁଁ କଳ୍ପନା ସୁଦ୍ଧା କରି ନଥିଲି । ମୋର ଦୋଷ ପାଇଁ କ'ଣ ମୋତେ କ୍ଷମା ଦେବନି ?

ତୁମର ଦଗାଦିଆ

ଡାକ୍ତରବାବୁ

ଚିଠିଟା ପଢିସାରି ଥକ୍କା ମାରି ବସିଗଲା ଅନୁ । ବୁଝିଆଠା କ'ଣ ସେ କରୁଛି ବୁଝିପାରିଲାନି । ଚାରିଆଡ଼ ତାକୁ ଅନ୍ଧାର ଦିଶିଲା । ଭାବିଲା ସତୀ ସୀତାଙ୍କୁ ଜନକ ମାଟି ସିଆରରୁ ପାଇ ପାଳି ଆଣିଥିଲେ । ପାଟି ଫିଟୁ ନଥିଲା ତାଙ୍କର । ଠିକ୍ ସେଇ ପରି ବାପା ତାର ତାକୁ ବାଟରୁ ପାଇ ପାଳି ଆଣିଛନ୍ତି ସୀତାଙ୍କୁ ବିଭାହେବା ପାଇଁ ଜନକ ସ୍ୱୟଂମ୍ବର କଲେ । କେତେ ଅଡୁ କେତେ ରାଜା, ମହାରାଜା ଆକୁଳ ହୋଇ ଦଉଡ଼ି ଆସିଲେ । ଶେଷରେ ଗୋଟାଏ ଝିଅ ପାଇଁ ଯୁଦ୍ଧ ଲାଗିଲା ପରି ଜଣ ଜଣଙ୍କର ବଳ, ଶକ୍ତି ସାମର୍ଥ୍ୟ କଷାଗଲା । ଶେଷରେ ସମସ୍ତଙ୍କୁ ହରାଇ ସୀତାଙ୍କୁ ପାଇଲେ ଶ୍ରୀରାମ ; ଶିବଧନୁ ଭାଙ୍ଗିଲେ । ବିଜୟୀ ହେଲେ । ସେମାନେ ଦେବତା ହୁଅନ୍ତୁ ବା ମଣିଷ ହୁଅନ୍ତୁ ଲୋକେ ଏ କଥାକୁ ତ ବିଶ୍ୱାସ କରନ୍ତି ! ତାଙ୍କର ମୂର୍ତ୍ତିତଳେ ମୁଣ୍ଡ ଲଗାନ୍ତି । କିନ୍ତୁ ମୁଣ୍ଡ ଲଗାଇଲା ବେଳେ କେହି ତ ପଚାରନ୍ତି ନାହିଁ ଯେ ଦଶରଥ କିପରି ଗୋଟାଏ ଜାତି, ଗୋତ୍ର ହୀନା କନ୍ୟାକୁ ତାଙ୍କର କୂଳବଧୂ କରି ନେଲେ ? ଆଉ ଆଜି ତାର ପାଇଁ ଏଇ ପ୍ରଶ୍ନ ଉଠୁଛି କାହିଁକି ? ସେ ତ ଏ ପର୍ଯ୍ୟନ୍ତ ତା ପଥରୁ ହୁଡ଼ିନି — ପାଦ ତାର ଖସିନି ।

ସୁକାନ୍ତ ବାବୁଙ୍କର ଆଦୌ ଭୁଲ୍ ନାହିଁ । ଯାହା ସେ ଲେଖିଛନ୍ତି ତା ଅକ୍ଷରେ ଅକ୍ଷରେ ଠିକ୍ । ବାପା ମାଙ୍କର ଗୋଟିଏ ପୁଅ ହୋଇ ଯେଉଁ ମାନଙ୍କ ଲାଗି ସେ ଆଜି ଦୁନିଆରେ ମୁଣ୍ଡଟେକି ମଣିଷ ଭିତରେ ଜଣେ ବୋଲି ଗଣିତ ହୋଇ ପାରିଲେ, ସେଇ ବାପ ମା'ଙ୍କ ବୁକୁରେ ଗୋଇଠା ମାରି କାହିଁକି ବା ତାକୁ ଜୀବନ ସାଥୀ ରୂପେ ଧରି ସଂସାର ସଂଗ୍ରାମକୁ ଡେଇଁ ପଡିଥାନ୍ତେ ?

କିନ୍ତୁ ଭାବି ପାରେନା ତେଣିକି........ଖାଲି ଏତିକି ଭାବେ, ଡାକ୍ତର ସୁକାନ୍ତ ଯାହା କରିଛନ୍ତି ଠିକ୍ କରିଛନ୍ତି ।

ପୁଣି ଅଭୁଲା ମନଟା ବୁଝେନା । ବାଉଳା ହୋଇ ଯାଏ । ଘୁଣତଳେ ପରଶ ଲାଗେ । ଭାବେ କାହିଁକି ସୁକାନ୍ତ ବାବୁ ଲେଖିଛନ୍ତି, ତା ବିବାହ ପରେ ଘର ସଂସାର କରିବେ ? ଆଉ କି ସଂପର୍କ ଅଛି ତାସଙ୍ଗେ ତାଙ୍କର ? ତାଲାଗି କାହିଁକି ସେ ନିଜର ସବୁଜ ଜୀବନରେ ଫେରି ଫେରି ପଛକୁ ଡାକି ଆଣିବେ ? ନା ସେ ନିଶ୍ଚୟ ଲେଖି ଜଣାଇ ଦେବ ଯେ ତୁମେ ବିବାହ କର । ଜୀବନ ତୁମର ଜୟଯୁକ୍ତ ହେଉ । ସୁଖମୟ ହେଉ । ତୁମ ଯାତ୍ରା ପଥରେ ଦେବତା ପୁଷ୍ପ ଚନ୍ଦନ ବୃଷ୍ଟି କରନ୍ତୁ । ମୋ ଲାଗି ନିଜ ଜୀବନକୁ ପଳେ ପଳେ ନଷ୍ଟ କରି ବୁଢା ବାପ ମା'ଙ୍କ ଆଖିରେ କାହିଁକି ଲୁହ ଆଣିବ ? ସେମାନେ ତୁମକୁ ଜନ୍ମ ଦେଇଛନ୍ତି । ତାଙ୍କଲାଗି ତୁମେ । ତେଣୁ ତାଙ୍କ ସୁଖଲାଗି ନିଜକୁ ବଳିଦିଅ । ଆଗେ ବିବାହ କର ..

ଘଣ୍ଟାରେ ବାଜିଲା ନଅଟା । ନିରୁ ଆସି ପହଞ୍ଚିଲା । ତନ୍ଦ୍ରା ଭାଙ୍ଗି ଗଲା । ଅଳସ ଗତିରେ ଅନୁ ଜିନିଷ ପତ୍ର ଧରି ବସାକୁ ବାହାରିଲା ।

# ଆଠ

ରିକ୍ସାରୁ ଓହ୍ଲାଇ ପଡ଼ି ଅନୁ ଘର ଭିତରକୁ ପଶିଗଲା । ବେଡ୍ ରୁମ୍‌ରେ ଲୁଗା ପାଲଟୁଚି, ମୀନା ପଚାରିଲା---ଦାଦା ଖାଇବାକୁ ବାଢ଼ିବି ?

ଚିଡ଼ି ଉଠି ଅନୁ କହିଲା---ସବୁତ ଖାଇ ସାରିଛୁ—ଆଉ ଖାଇବ କଅଣ ?

ଡରି ଡରି ମୀନା ଚୁପ୍ ହୋଇ ସେ ଘରୁ ବାହାରିଗଲା ।

ଅନୁ ଭାବିଲା—ବଚରା ବୁଢ଼ାଟାର କି ଦୋଷ ? ମୋ ମନରେ କଷ୍ଟ ହେବ ବୋଲି ସେ ଜାଣିଶୁଣି କଥାକୁ ଲୁଚାଉଛି । ସେ କ'ଣ ଏକା ? କେବଳ ପୁଷ୍ପାକୁ ଛାଡ଼ିଦେଲେ ତାର ପରି ବୋଉ ଆଉ ଗାଁର ସମସ୍ତ ବନ୍ଧୁ ବାନ୍ଧବ କଥାକୁ ଲୁଚାଉଛନ୍ତି । ସେଦିନ ସଂଧ୍ୟାରେ ପୁଷ୍ପା ଯାହା କହିଥିଲା ତା ପ୍ରକୃତ ସତ୍ୟ । ସେଦିନ ସେ ସତ କହିଥିଲା ବୋଲି ସେ ତା ଉପରେ ଅଭିମାନ କରିଥିଲା—ଘୃଣା କରିଥିଲା । ପ୍ରକୃତରେ ସେ ସେଇ ବଂଶର ରକ୍ତରୁ ଫୁଟି ଉଠିଛି । ତଥାପି ତ ସ୍ନେହ, ମାୟା, ମମତା କେଉଁଥିରେ ବାପା ବୋଉ ତାକୁ ଊଣା କରି ନାହାନ୍ତି । କାନ୍ଥରେ ଟଙ୍ଗା ହୋଇଛି ବାପାଙ୍କର ଫଟୋ । ଆଖି ପଡ଼ିଲା ଅନୁର । ବାପାଙ୍କ ଫଟୋକୁ ଚାହିଁ କଇଁ କଇଁ ହୋଇ କାନ୍ଦ ଉଠିଲା । ମନେ ମନେ ଭାବିଲା – ଚୋର ଖଣ୍ଟଙ୍କ ହାତରେ ପ୍ରାଣ ଯାଇଥିଲେ ଭଲ ହୋଇଥାନ୍ତା ବାପା । ତୁମେ କାହିଁକି ଗୋଟାଏ ସାଉଁଣ୍ଟା ଫୁଲକୁ ଆଣି ସାଇତ

ରଖିଲ ? ଯେଉଁ ସାଉଁଣ୍ଟା ଫୁଲକୁ ଆଣି ସାଇତ ରଖିଥିଲ ତାକୁ ଆଜି କୌଣସି ଦେବତା ଗ୍ରହଣ କରୁ ନାହାଁନ୍ତି । ଏଇମିତ ଜୀଅନ୍ତା କଲବଲ ହେବା ଅପେକ୍ଷା ମରଣ କ'ଣ ଶହେ ଗୁଣରେ ଭଲ ନ ଥିଲା ?

ଆର ପାଖରେ ବାପାଙ୍କ ଫଟୋ ସାମ୍ନାରେ ଝୁଲୁଛି ବିଜୁଭାଇଙ୍କ ଫଟୋ । ହସ ହସ ମୁହଁ । ମୁଣ୍ଡରେ ଖଦଡ଼ ଟୋପି । ପ୍ରଶାନ୍ତ ଲଲାଟ । ଦୀପ୍ତ ନୟନ । ଆଉ ମୁହଁସାରା ଦାଢ଼ୀ ଲମ୍ବିହୋଇ ରହିଛି । ଜ୍ୟୋତି ବାହାରୁଛି । ଅନୁ ମୁହଁ ଫେରାଇ ଚିଡ଼ି ଉଠିଲା । ଭାବିଲା—ଅହେତୁକ ଝଡ଼ପରି ତୁମର କି ଦରକାର ଥିଲା ଆମ ପରିବାର ଭିତରେ ପଶିବାକୁ ? ଆମର ମଲାଗଲା ସଙ୍ଗେ ତୁମର କି ସଂପର୍କ ଥିଲା ?

ସୁକାନ୍ତ ବାବୁ ଆଉ ମୁଁ, କିଏ କେଉଁଠି, କି ପ୍ରକାରରେ ଥିଲୁ ତାହା ତ ତୁମେ ଭଲଭାବରେ ଜାଣିଥିଲ । ଜାଣିଶୁଣି ଦୁଇଟା ବିପରୀତ ଦିଗକୁ ବହି ଯାଉଥିବା ନଈକୁ ଏକାଠି କରିବାକୁ ବସିଲ କାହିଁକି ? ଦୁଇଟା ତରୁଣ ବୁକୁରେ ଝଞ୍ଜା ଉଠାଇ ତୁମକୁ କି ଲାଭ ମିଳିଲା ?

ବିବାହ ନ କରିବାକୁ ମୁଁ ଆରମ୍ଭରୁ ଜିଦ୍ ଧରିଥିଲି । ମୋର ସେଇ ଅଟଳ ପ୍ରତିଜ୍ଞାକୁ ମାଟିରେ ଠେଲାଇ ଦେଇ କି ସୁଖ ପାଇଲ କହି ପାରିବ ? ଦୁଃଖରେ କଇଁ କଇଁ ହୋଇ କାନ୍ଦି ଉଠିଲା ଅନୁ । କହି ଉଠିଲା କୁହ—କୁହ ବିଜୁ ଭାଇ । ଜବାବ ଦିଅ । ପାହାଡ଼ ଶିଖରରୁ କୁଳୁ କୁଳୁ କରି ଦୁଇଟା ଝରଣା ବୁହାଇ ଦେଇ ତାଙ୍କର ଗତିପଥରେ ଗୋଟାଏ ମରୁଭୂମି ସୃଷ୍ଟି କଲ କାହିଁକି ? କି ଉଦ୍ଦେଶ୍ୟ ତୁମର ଥିଲା ? ତୁମେ ଭଲକରି ଜାଣିଥିଲ ମୁଁ ଗୋଟାଏ ବାଟ

କଡ଼ର ସାଉଁଣ୍ଟା — ବାଟର ଅରକ୍ଷିତ ପିଲା । ତଥାପି ଜାଣିଶୁଣି ତୁମେ ମୋ ଜୀବନକୁ ନେଇ ଖେଳି ବସିଲ କାହିଁକି ?

ଉତ୍ତେଜନାରେ ଅନୁର ମୁଣ୍ଡ ଓଜନ ହୋଇ ଉଠିଲା । ଆଖିରୁ ଲୁହ ପୋଛି ସେ ଖାଇବାକୁ ଗଲା ।

ମୁହଁରେ ଗୋଟାଏ ହାଲୁକା ହସ ଫୁଟାଇ ଅନୁ କହିଲା — ଜାଣି ଶୁଣି ତୁ ସିନା କଥା ଲୁଚାଇଲୁ, କିନ୍ତୁ ସେ କଥା ଲୁଚି ପାରିଲା ନାହିଁରେ...।...

ଆଶ୍ଚର୍ଯ୍ୟରେ ଦୀନୁ ଅନୁ ମୁହଁକୁ ଚାହିଁ କହିଲା— କେଉଁ କଥା ଦେଇ ? ମୁଁ ତ କିଛି ବୁଝି ପାରୁନ ।

ହସି ହସି ଅନୁ କହିଲା—ପ୍ରଥମେ ତୋରି ପରି ମୁଁ ମଧ୍ୟ ବୁଝି ପାରି ନ ଥିଲି ।

ଆହୁରି ଆଶ୍ଚର୍ଯ୍ୟରେ ଦୀନା ଅନୁ ମୁହଁକୁ ଚାହିଁ ରହିଲା ।

ବୁଝିପାରୁନୁ ? ଶୁଣିବୁ ମୋ ଜନମ ଇତିହାସ ? ସେ ଗୋଟାଏ ପୁରାଣରେ । ବାପା ଲେଖିଦେଇ ଯାଇଛନ୍ତି । ହସି ହସି ଅନୁ କହିଲା ।

କଥାର ସୁଅକୁ ବଦଳାଇ ଦେବାପାଇଁ ଦୀନା ବାହାରକୁ ଚାଲିଗଲା । ଅତୀତ ଘଟଣା ଗୁଡ଼ାକ ତା ଆଖିରେ ଜଳଜଳ ହୋଇ ଦେଖାଗଲା । ତାକୁ ଯେପରି ଜଣାଗଲା — ପୁଣି ରାଜୀବଲୋଚନ ବାବୁ ଫେରି ଆସିଛନ୍ତି । ହାତରେ ମହାପ୍ରସାଦ ଧରି ଜଣଜଣକରି ଘରର ସମସ୍ତଙ୍କୁ ନିୟମ କରାଇ ସାରି ତା ପାଖକୁ ଆସି କହୁଛନ୍ତି--ବୁଝିଲୁ ଦୀନୁ---କୋଡ଼ର କାଖର କରି ଏଇ ପିଲାଟିକୁ ମଣିଷ ତୁଇ କରିବୁରେ । ମୋର ଝିଅ ନୁହଁରେ ତୋହର ଝିଅ । ତୋତେ ଆଜିଠାରୁ ସମର୍ପି ଦେଇଛି । ବାଟ କଡ଼ରୁ ସାଉଣ୍ଟି ଆଣିଛି ବୋଲି ଯେପରି ଝିଅ ମୋର ନ ଜାଣେ । କାଲି ଯେତେବେଳେ ଝିଅର

ମୁଣ୍ଡକୁ ହାତ ପାଇବ ଦେହରେ ଜ୍ଞାନ ଆସିବ ସେତେବେଳେ ସେ ଯଦି ଜାଣି ପାରିବ ଯେ ସେ ମୋ ଝିଅ ନୁହଁ ବୋଲି, କହିଲ କେତେ କଷ୍ଟ ତା ମନରେ ନ ଆସିବ ?

ପୁଣି ଦେଖାଦେଲେ ଅନୁବୋଉ ଦଶମାସ ପେଟରେ ଧରି ନ ଥିଲେ ସୁଦ୍ଧା ସମସ୍ତେ ଡାକନ୍ତି ଅନୁବୋଉ । ଗାଁର ମାଇନର ସ୍କୁଲ ପାଶ୍ କରି ଅନୁ ଯେତେବେଳେ କଟକ ନର୍ସିଂ ପଢ଼ିବାକୁ ଆସିଲା ସେତେବେଳେ ସେ ଦୀନୁକୁ କହିଛନ୍ତି ଦୀନୁ, ପିଲା ଝିଅଟା ମୋର, କିଛି ଜାଣେନା । ଖାଇସାରି ହାତଧୋଇ ଆସେନା । ବୋର୍ଡ଼ିଙ୍ଗ୍‌ରେ ରହି କିପରି ଚଳିବ ସେ ? ତୁମେ ଯାଅ, ତାକୁ ବୋର୍ଡିଙ୍ଗ୍‌ରେ ରଖି ତାର ସବୁ ସୁବିଧା କରିଦେଇ ଆସିବ ।

ଅନୁ ପାଶ୍‌କରି ଚାକିରୀ କରିବାକୁ ବାହାରିଲା । ସାଙ୍ଗରେ ମୁରବୀ ହୋଇ କିଏ ଯାଇ ରହିବ ଭାବିଲେଣି ପଣ୍ଡିଲା । ପିଲା ଝିଅ ଆଉ ନୁହେଁ ଅନୁ । ବଅସ ଆସିଛି । ଏଇ ସମୟଟା ଡରିବା ବେଳ । ଟିକେ ସାବଧାନ ନ ହେଲେ ଆଖି ନ ଦେଲେ ଆଖି ପିଛୁଡ଼ାକେ ଗୋଡ଼ ଖସିଯିବ । ଲେଡ଼ିଗୁଡ଼ା କହୁଣୀକୁ ବୋହି ଯିବ । ଭାବିବାକୁ ଆଉ କିଛି ନ ଥିବ । ତରଳ ମନରେ ଗୋଟାଏ ବନ୍ଧ ବାନ୍ଧିବା ଦରକାର । ନ ହେଲେ ଯୁଆଡ଼େ ଇଛା ସେଆଡ଼େ ବୋହିଯିବ ।

ଶେଷରେ ଠିକ୍ ହେଲା ଦୀନା । ସେଇ ଯିବ । ଶକ୍ତି, ସାମର୍ଥ ନାହିଁ । ବୁଢ଼ା ସେ କାମକୁ ପାରିବ ନାହିଁ । ଏଥିପାଇଁ ରାଜୀବ ଲୋଚନ ବାବୁ ତାକୁ ପଠାଇ ନ ଥିଲେ । ପଠାଇଥିଲେ ଏହି ଆଶାରେ ଯେ କୋଉଠର କାଖର କରି ଏଡ଼ିଠିରୁ ଏଡ଼େଟିଏ ପର୍ଯ୍ୟନ୍ତ ଯେ ପାଳି ଆଣିଲା ସେଇ କେବଳ ଝିଅର ଭଲମନ୍ଦ ଦେଖି ପାରିବ । ବେଳ ପଡିଲେ ପଦେ ଆକଟି କରି କହି ପାରିବ । ଲୋକ

ଦେଖି ପେଟପୂରା ଗଣ୍ଡେ ଖାଇବାକୁ ଦେବ । ଘରର କବାଟ ଘର ରହିବ । ଦାଣ୍ଡ ଘାଟକୁ ମୁରବୀହୋଇ ଚଳିଲେ, ଦାଣ୍ଡଲୋକେ ଚଦେ ଅଧେ ଭରସି କଥା କହିବାକୁ ଭୟ କରିବେ ।

ସେଇଦିନୁ ଦୀନା କଟକରେ । କେବେ କମିତି ଦେଶ ଗାଁରେ ପାଦଦିଏ ନରଣି ପୁରରେ ।

ସେହି ଦେଶ ଆଜି ତାକୁ ଅବିଶ୍ୱାସ କରିଛନ୍ତି । ଯେତେ ଖୋଲିତାଡ଼ି ପଚାରିଲେ ସୁଦ୍ଧା ସେ ଯେତେବେଳେ ପୁରୀ ମହାଦି ଛୁଇଁ ନିୟମ କରିଛି ସେତେବେଳେ କମିତି କହିଦେବ ଭଲା ? ଯେତେ ପାଠ ପଢ଼ି ଚାକିରୀ କଲେ, ଶହହଜାର ରୋଜଗାର କଲେ ସୁଦ୍ଧା ସେ ସେଇ ପିଲା ତା ଆଖିରେ ।

ଅନୁ ଡାକିଲା ଦୀନୁ ପାଣି ଦେଇ ଯା ।

ପାଣି ଦେଇ ଆସିଲା ଦୀନା ଭାବନାରେ ତା'ର ବାଧା ପଡ଼ିଲା ।

ଖଣ୍ଡେ ବହି ଧରି ଅନୁ ପଢ଼ିବାକୁ ବସିଲା । ହାଲୁକା ମନରେ ନିଦ ଅସିବା ପାଇଁ ଲଘୁ ସାହିତ୍ୟର ପ୍ରୟୋଜନ, କିନ୍ତୁ ............

ବହିଟା ଛାତି ଉପରେ ପଡ଼ି ରହିଲା କିନ୍ତୁ ଅନୁ ଭାବିବାକୁ ଲାଗିଲା —ତା ଜୀବନରେ ଏ ବିପର୍ଯ୍ୟୟ ହେଲା କାହିଁକି ? ସଂସାରରେ ମଣିଷଟିଏ ହୋଇ ବଢ଼ି ଅସିଲା ଅଥଚ ତାର ବାପା, ମା'ଙ୍କୁ ଚିହ୍ନି ପାରିଲା ନାହିଁ । ତାକୁଇ ମନେ ପକାଇ ତା'ର ଜନମ କଲା ବାପା, ମା'ଙ୍କ ଆଖିରୁ କେତେ ଲୁହ ବହି ନଥିବ ବା ବହୁ ନଥିବ ? କାମରୁ ଯେତେବେଳେ ଦି ପ୍ରାଣୀ ଅବସର ପାଉଥିବେ, ନିଶ୍ଚୟ ତା' କଥା ନେଇ ପରସ୍ପର ଆଲୋଚନା କରୁଥିବେ । ବାଘ, ସାପ କି ଚୋର, ତସ୍କରଙ୍କ ହାତରେ ତା ପ୍ରାଣ ଗଲାବୋଲି ଆକୁଳ

ହୋଇ ତାଙ୍କ ଆଖିରୁ କେତେ ଲୁହ ଗଡ଼ ଆସୁ ନ ଥିବ । ଅଥଚ ସେ ଏଇଠି ବଞ୍ଚିଛି କିନ୍ତୁ ସେମାନେ ତାକୁ ଚିହ୍ନନ୍ତି ନି ।

ସେ ଯଦି ଆଜି ତାଙ୍କ କୋଳରେ ବଢ଼ି ଆସିଥାନ୍ତା ତେବେ… ..ତେବେ ଆଜି କାହାର କୂଳବଧୂ ହୋଇ ଏତେବେଳକୁ ହୋଷାଇ ସାରି ପିଲାଛୁଆ ନେଇ ସଂସାର କରୁଥାନ୍ତା । ନାରୀ ଜନମ ତାର ସାର୍ଥକ ହୁଅନ୍ତାଣି । କେଉଁ ବାପା ମାଅ ଯେଉଁମାନେ ଅନ୍ତ ଫଟେଇ ଜନମ ଦେଇଥାନ୍ତି । ସେମାନେ ଝିଅକୁ ଖଣ୍ଡେ ରୁଟି ଆଉ ବକଟେ କନା ପାଇଁ ଦାଣ୍ଡକୁ ଠେଲିଦେବେ ? ଝିଅ ମୋର ସ୍ୱାଧୀନ, ସ୍ୱାବଲମ୍ବୀ ହେବାର ଦୁହାଇ ଦେଇ ସେମାନେ ଝିଅ ଉପରେ ନିର୍ଭର କରିବେ ? ବାପାଙ୍କର ପ୍ରକୃତ ସ୍ନେହଥିଲେ ସେ ଆଜି……..

ଆଖିରେ ତାର ଲୁହ ପୂରି ଉଠିଲା । ଲୁହ ଛଳ ଛଳ ଆଖିରେ ବାପାଙ୍କ ଫଟୋକୁ ଚୁହିଁ ସେ ଶିହରି ଉଠିଲା । ଆଖିରୁ ଲୁହ ପୋଛି ସେ ଅସ୍ଥିର ହୋଇ କହି ଉଠିଲା ବାପା ମୁଁ ଭୁଲ୍ କରିଛି । ମତେ ଦଣ୍ଡ ଦିଅ । ଶାସ୍ତି ଦିଅ । ତୁମପରି ଲୋକକୁ ମୁଁ ଅବିଶ୍ୱାସ କରିଚି । ମନରେ ଅନ୍ୟ ପ୍ରକାର ଭାବିଛି । ମତେ ଶାସ୍ତି ଦିଅ । ରାସ୍ତା କଡ଼ରୁ ତୁମେ ଯଦି ମୋତେ ଗୋଟେଇ ଆଣି ନ ଥାନ୍ତ, ତେବେ ଆଜି ହୁଏତ ମୋର ଅବସ୍ଥା କ'ଣ ହୋଇ ଥା'ନ୍ତା — କିଏ କହି ପାରିବ ?

ଆଉ ତେଣିକି ଭାବି ପାରେନା ଅନୁ ତାକୁ ଯେପରି କଣ ଯାଏ । ବାପା ଖୁବ୍ ମନ ଦୁଃଖରେ କହୁଛନ୍ତି ସୃଷ୍ଟି କାଳବେଳେ ମା, ଅନୁ, ଭଗବାନଙ୍କର ବି ଭୁଲ୍ ହୋଇଯାଇଚି । ତୁ ଦେଖ୍ । କେନ ପନ୍ନ ମୂଲ୍ୟବାନ ଆଉ ସୁବାସିତ ଗଛରେ ସେ ଫୁଲଟିଏ ରଖିଲେନି । ଅନୁ ଗଛକୁ ଏତେ ମଧୁର କରି ତହିଁରେ ଫଳଟିଏ ସୃଷ୍ଟିଲେ

ନାହିଁ । ଅମୃତକୁ ଚପୁଡ଼ି ଚନ୍ଦ୍ରକୁ ତିଆରି କଲେ ସୁଦ୍ଧା ସେଥିରେ କଳଙ୍କ ଦାଗ ରଖିଲେ । ଶୋଷୀର ଶୋଷ ନିବାରଣ କରିବା ପାଇଁ ସମୁଦ୍ରର ସୃଷ୍ଟି କରି ତହିଁରେ ଲୁଣ ଭରି ଦେଲେ । ଶେଷରେ ଏଡ଼େ କମନୀୟ, ଲୋଭନୀୟ, ଆଉ ସୁନ୍ଦର ଗୋଲାପ ଫୁଲରେ ମଧ୍ୟ ସେ କଣ୍ଟାକୁ ଖଞ୍ଜି ଦେଲେ । ମୁଁ ତ ସ୍ୱର ଛୁକର ମଣିଷଟିଏ । ସଂସାରରେ ମଣିଷ ପରି ମଣିଷଟିଏ କରି ଠିଆ କରାଇଲି । ମୁଣ୍ଡରେ ଭାବିବାକୁ, ମନରେ ଚିନ୍ତିବାକୁ ଜ୍ଞାନ ଦେଲି । ସବୁ ଗୁଣରେ ତୋତେ ଅଳଂକୃତା କଲି । କିନ୍ତୁ ଗୋଟିଏ ବିଷୟ କରି ମୋର କର୍ତ୍ତବ୍ୟ ପୂର୍ଣ୍ଣ କରି ପାରିଲି ନାହିଁ । କର୍ତ୍ତବ୍ୟ ଅପୂର୍ଣ୍ଣ ରହିଲା । ଏତେ କଲି ସୁଦ୍ଧା ନ କରିବା ସଙ୍ଗେ ସମାନ ହେଲା । ବାପା ମୁଁ ତୋର— କେତେ ଗୋଇଠା ଏଇ ଛାତି ସହିଛି । କେତେ ଅଳି ଅଝଟ ଏଇ ମୁହଁରେ ସମାଧାନ କରିଛି । ଅଥଚ ତୋ କଅଁଳ ପାଦର ଗୋଇଠାର ପ୍ରତିଶୋଧ ନେବା ପାଇଁ ଆଉ ଦିଓଟି କଅଁଳ ପାଦ ମୁଁ ତୋ କୋଳରେ ସୃଷ୍ଟି କରି ପାରିଲିନି । ଏଇଠି ମୋର ଭୁଲ୍ ରହିଯାଇଚି ତା ମୁଁ ମାନୁଚି । ସଂସାରର ରକ୍ଷଣଶୀଳତା, ଅନ୍ଧାନୁଶରଣୀ ଓ ବୃଥା ଆଡ଼ମ୍ବର ଭିତରେ ମୁଁ ଦିଗ ହରା ହୋଇ ପଥ ପାଇନି । ହାରି ଯାଇଚି । ସେଥି ପାଇଁ ତୋର ବିବାହ ନେଇ ବିଜୁର ସାହାଯ୍ୟ ଲୋଡ଼ିଛି । ତାକୁ ଅନୁରୋଧ କରିଛି ତୋର ପରି ବିଜୟ ମଧ୍ୟ ମୋ ରକ୍ତରୁ ଫୁଟିନି । ତଥାପି ବାକୁ ଅପେକ୍ଷା ତାକୁ ମୁ ବଡ଼ ବୋଲି ଦେଖେ । ସେ ଯେଉଁ ଦାୟିତ୍ୱ ନେଇଚି - ତାକୁ ଶେଷ କରିବା ପାଇଁ ସେ ଅପ୍ରାଣ ଚେଷ୍ଟା କରିବ । ଏ ସାହସ, ଏ ଧୈର୍ଯ୍ୟ ତାର ଅଛି । ମୁଁ ବିଶ୍ୱାସ କରୁଚି । ତୁ କହିଲୁ ତା ଘର ଗୋଟାଏ ସ୍ପଷ୍ଟବାଦୀ ଯୁବକ ତାର କି ଦରକାର ଥିଲା ଆମ ଦୁଃଖ ସୁଖରେ ଭାଗୀ ହେବା ପାଇଁ ? ତୁ ତ କଟକରେ ରହିଲୁ । ତେଣେ ବୋଉ ଏକା ଆଉ

ଖାଲି ପିଲା । ପିଲା—ନାହାଙ୍କ ପିଲା । ସେଥିରେ ଘରର ଜମିବାଡ଼ି ଆୟ, ଆମଦାନୀ ଚଳେ କାହାର ? କିଏ ସେ କଥା ବୁଝେ ? କେବେ ଖାଇଛୁ ? ଦେଶର ଅଗଣିତ ଅସହାୟ, ଦୁଃସ୍ଥଙ୍କର ସେବା କରି ଯେଉଁ ଟିକକ ସମୟ ମିଳେ ସେତକ ସେ ଆମରି ପରିବାର ପଛରେ ଖଟାଏ । ତୁ କଳ୍ପନା କରି ପାରୁଛୁ ଯେ ପର ପାଇଁ କିଏ ଆଜି ଏ ସ୍ୱାର୍ଥ ତ୍ୟାଗ କରି ପାରିବ ବୋଲି ।

ମୋର ବିଶ୍ୱାସ ଅଛି ତୁ ସଂସାର ସଂଗ୍ରାମରେ ନିଶ୍ଚୟ ଜୟ ଲାଭ କରିବୁ । ଦେବତା ନିଶ୍ଚୟ ତୋର ଯାତ୍ରା ପଥରେ ପୁଷ୍ପ ଚନ୍ଦନ ବୃଷ୍ଟି କରିବେ ।

ଚମକି ଉଠିଲା ଅନୁ କ'ଣ ଭାବୁ ଭାବୁ ସେ ଆସି କ'ଣ ଭାବି ବସିଲାଣି ।

ମୁହଁରୁ ଲୁହ ପୋଛୁ ପୋଛୁ ହାତରେ ବାଜିଲା ସୁନାର ନେକ୍‌ଲେସ୍‌ଟା । ଇଲେକ୍‌ଟ୍ରି ଆଲୁଅରେ ଜକ ଜକ କରି ଉଠିଲା ତା ଦେହର ପଥରଟା । ……

ପଥରଟାକୁ ଦେଖି ଅନୁ ଭାବିଲା—ଏଇ ପଥରଖଣ୍ଡ, ଏଇ ସୁନାହାରଟା, ଦିନେ ତାର ଜୀବନ ନେଇଥାନ୍ତା । ଆଉ ଆଜି ଏଇ ପଥର ଲାଗି ସେ ଜୀଅନ୍ତା କଲବଲ ହୋଇ ମରୁଛି । ଏଇ ପଥର ଖଣ୍ଡ ଯେଉଁ ବାପା ଦେଇଛନ୍ତି ତାକୁ ଦୁଇବରଷ ପରେ ସେ ଆଜି ତା ମୁହଁ ଦେଖିବାକୁ ପାଇନାହାନ୍ତି । ଏଇ ହାରଟି ପିନ୍ଧାଇ ତା ମୁଣ୍ଡରେ ସୁନ୍ଥା ପାରି ସେଦିନ ମା ତାକୁ ଅଶୋକାଷ୍ଟମୀ ଯାତ୍ରା ଦେଖାଇଆଣିଥିଲେ । ସେ ତିନିବରଷ ପର୍ଯ୍ୟନ୍ତ ଗୁହ ମୂତ ସବୁ କରିଛନ୍ତି । କେତେ ଗୋଇଠା ସହିଛନ୍ତି । ସେଇ ଦୁଃଖୀଙ୍କ ସ୍ମୃତି ଏଇଟା । କେତେ ସହାଗ, ସ୍ନେହ, ଆଦର ଏଇ ପ୍ରାଣହୀନ ପଥର ଖଣ୍ଡି ଭିତରେ ଲାଗିରହିଛି । ତା ପକ୍ଷରେ ଏ ପଥର ଖଣ୍ଡିଏ ମୂଲ୍ୟହୀନ,

ଗୋଟିଏ ହୀରା ମୁଣ୍ଡା । ନା—ନା ତା ଜୀବନ ଠାରୁ ଏଇ ଖଣ୍ଡିକର ମୂଲ୍ୟ ଅଧିକ । ଏହାକୁ ତାର ଜୀବନ ଦୀପ ଲିଭିଲା ପର୍ଯ୍ୟନ୍ତ ହାତଛଡ଼ା କରିବ ନାହିଁ । ଅଗ୍ନିରେ ଧୋଇ ଅନନ୍ଦରେ ନିତ ଦେଖୁଥିବ । ତାର ଆଦରର ବାପା, ମାଆ—ଏଇ ଖଣ୍ଡିକରେ ଫଟ ରହିଛନ୍ତି । ମରି ନାହାନ୍ତି—ଛାଡ଼ି ଯାଇନାହାନ୍ତି ।

ଆଖି ପଡ଼ିଲା କାନ୍ଥର ଫଟୋ ଉପରେ—ବାପା ହସି ଉଠୁଛନ୍ତି ।

ଆଖି ବୁଜି ଶୋଇ ରହିବାକୁ ଅନୁ ଚେଷ୍ଟା କଲା ।

ଯାଇ ନିଦ ମାଡ଼ିଆସୁଛି, ଅନୁ ସପନ ଦେଖିଲା—ସୁକାନ୍ତ ବାବୁ ରକ୍ସୌଲେଇ ଡ଼ିଉଟିରୁ ଫେରି ଆସିଛନ୍ତି । ମୁହଁ ଶୁଖି ଯାଇଚି । ନିହାତି ଉଦାସିଆ ଭାବ । ମନ ଦୁଖାଇ ସେ କହୁଛନ୍ତି ଅନୁ ଦେଖ୍ ଭୁଲ୍ ବୁଝିଛ ମୋତେ ? ମୋର ଦୋଷ କ'ଣ ?

ରାଗରେ ଚିତ୍କାର କରି ଉଠିଲା ଅନୁ, ଦୋଷ ତୁମର ନୁହେଁ, ଆଉ କ'ଣ ମୋର ?

ପାଟିଶୁଣି ମୀନା ଦୌଡ଼ି ଆସିଲା । ରୁମ୍ ଭିତରକୁ ପଶି ଯାଇ ଅନୁକୁ ଜୋର୍‌ରେ ହଲାଇ ଦେଇ କହିଲା—ଦେଈ ଦେଈ ମ—

ଚମକିପଡ଼ି ଉଠିବସିଲା ଅନୁ । କହିଲା, କ'ଣ କିରେ ?

—କ'ଣ ସପନ ଦେଖିଲ ଦେଈ ? ଯେତେ ମନାକଲି, ତୁମେ ବାର ଲୋକଙ୍କ କଥା କାନରେ ପୂରାଅନା—ମନକୁ ଦୃଢ଼ କର । କାହିଁକି ବୃଥା କଥାରେ ଚିନ୍ତାଏ ଟୁଣିବ ! ବେଳ ସଅଳରେ ଟିକେ ଖାଇବା—ଟିକେ ଶୋଇବା ତୁମଦେଇ ଆଉ ହେଲନି । ଘରକଥା ଯାହା ହେଉଛି ତା ମାଆ ଦେଖି ବୁଝୁଛନ୍ତି । କିଏ ତୁମକୁ କହୁଛି ଏତେ କଥାରେ ମନଦେବାକୁ ? ଭାବି ଭାବି ଏ ଧିଅ ଦେହଟା କ'ଣ ହେଲାଣି ?

ମୀନା ମୁହଁରୁ କଥା ଛଡ଼ାଇ ନେଇ ଅନୁ କହିଲା ଯା ତୁ ଭୋର ଶୋଇବୁ । ଭୋର ଏତେ ବିଷୟରେ ମୁଣ୍ଡ ଖେଳାଇବାକୁ କେହି କହୁନାହାନ୍ତି । ଯା ଶୋଇବୁ ।

ମୀନା ଚାଲିଗଲା ।

ଅନୁ ଭାବିବାକୁ ଲାଗିଲା—ଦୋଷ ସୁକାନ୍ତ ବାବୁଙ୍କର ନୁହେଁତ, ଆଉ କ'ଣ ତାର ? କୁକୁଡ଼ର ପୀରତି ଧରି କିଏ ଆଗ ଆସିଥିଲା ? ନାରୀତ୍ୱର ଚୋରି କରି ଶେଷରେ ତାକୁ ଜୀବନ ସାରା ଜାଳିପୋଡ଼ି ମାରିବାକୁ କିଏ ତୁମକୁ କହିଥିଲା ? ତୁମେ କ'ଣ ତୁମର ବାପ ମା ଅଛନ୍ତି ବୋଲି ଜାଣିନଥିଲ ? ସେମାନଙ୍କର ମତ ଗତି ତୁମେ କ'ଣ ବୁଝିନ ? ସବୁ ଜାଣି ଶୁଣି ତୁମେ ଏ ସ୍ୱୀକୃତି ଦେଇଥିଲ କାହିଁକି ? ତୁମର ବଜୁଭାଇ ସାଥିରେ ମୋ ବସାକୁ ଆସିବା କି ଦରକାର ଥିଲା ? ଗୋଟାଏ ନାରୀର କିଶୋରୀ ଜୀବନ ସହିତ ଖେଳି ବସି ଶେଷରେ କହି ବସିଲ ଏଥିରେ ମୋର ଦୋଷ କ'ଣ ?

ନା—ତାଙ୍କ ପତ୍ରର ଉତ୍ତର ତାଙ୍କୁ ସେ ଲେଖି ଜଣାଇ ଦେବ । ଉତ୍ତେଜିତ ହୋଇ ଅନୁ ସୁକାନ୍ତ ବାବୁଙ୍କ ପାଖକୁ ଲେଖିବସିଲା—

କଟକ

ପ୍ରିୟ ଡାକ୍ତର ବାବୁ,

ମୋର ଭକ୍ତିର ନମସ୍କାର ଗ୍ରହଣ କରିବେ । ଆଶାକରେ ଭଲରେ ଥିବେ । ଆପଣ ଭାବିଚନ୍ତି ଯେ ମୁଁ ଆପଣଙ୍କ ପତ୍ର ପାଇ ରାଗ କରିଚି । ମୁଁ ଆପଣଙ୍କ ଉପରେ ରାଗ କରିନାହିଁ, କରିଛି ମୋ ଭାଗ୍ୟ ଉପରେ । ମୋତେ ଦିନେ ଆପଣ ଆଶା ଦେଇଥିଲେ । ଆଜି ଭାବୁଚି ସେ ସବୁ ଆପଣଙ୍କ ଛଳନା । ଆଶ୍ଚର୍ଯ୍ୟ ବି ହେଉନି । ଏତ ଦୁନିଆର ନିତିଦିନିଆ ଘଟଣା । ତେବେ ଆଜି ମୋ ମନରେ ଏତେ କା

କିନ୍ତୁ ହୁଏ ଯେ ଆପଣଙ୍କ ମନରେ ଯଦି ଏଇଆ ଥିଲା, ତାହା ହେଲେ ଆଗରୁ ଜଣାଇ ଦେଇ ଥିଲେ କି କ୍ଷତି ବା ଆପଣଙ୍କର ହୋଇଥାନ୍ତା ? ଜଣାଇ ଦେଇ ଥାନ୍ତେ, ଉତ୍ତରବାର କ'ଣ ଥିଲା ? ମୁଁ ତ ଏପର୍ଯ୍ୟନ୍ତ ସୁଦ୍ଧା ଚିର କୁମାରୀ ହୋଇ ରହିବାର ବାସନା ମନରୁ ହେଜି ନାହିଁ । ଛାଡ଼, ଯାହା ହୋଇ ଯାଉଛି ସେ ସବୁ ମୋର ଭାଗ୍ୟ ।

ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ । ଆପଣଙ୍କର ମାନ ସମ୍ମାନରେ ମୁଁ କେବେ ହେଲେ ବାଧା ଆଣିବି ନାହିଁ । ମୋର ଶେଷ ଆଶାଟିକକ ଗୁଲଗଲା । ଖୁବ୍ ଭଲ ହୋଇଛି । ମନୁଷ୍ୟ ଆଶାକୁ ନେଇ ବଞ୍ଚିରହେ । ମୁଁ ଏଣିକି ମୋ ଭାଗ୍ୟକୁ ନେଇ ବଞ୍ଚି ରହିବି । କାହାକୁ ଦୋଷ ଦେବି କାହିଁକି ?

ଦୁଃଖିତ ହେଲି । ଆପଣ କାହିଁକି ଏ ହତଭାଗିନୀ ପାଇଁ ଆପଣଙ୍କର ସୁନାର ଭବିଷ୍ୟତକୁ ନଷ୍ଟ କରିବେ ? ଆପଣ ବିବାହ କରନ୍ତୁ । ବୃଦ୍ଧ ବୟସରେ ବାପ, ମା'ଙ୍କ ମୁହଁରେ ଫୁଟାନ୍ତୁ ହସ । ତାଙ୍କ ଅନ୍ତରରୁ ଆପଣଙ୍କ ମଙ୍ଗଳ ପାଇଁ ଆଶୀର୍ବାଦ ଧାରା ଝରି ଚାଲୁ । ଦେବତା ଆପଣଙ୍କ ଯାତ୍ରା ପଥରେ କୁସୁମ ବୃଷ୍ଟି କରନ୍ତୁ । ଘର ଆପଣଙ୍କର ହସି ଉଠୁ । ଆପଣଙ୍କ ଆନନ୍ଦରେ କ'ଣ ମୋର ଉପଭୋଗ କରିବାର କିଛି ନାହିଁ ?

ଜନମ ଦୁଃଖିନୀ—ନିରମାଖୀ ଠାକୁ ଭୁଲିଯିବେ । ମୁଁ ବଡ଼ ଅନୁତପ୍ତା ଆଜି । ନିଜର ଭୁଲ ପାଇଁ ପ୍ରାୟଶ୍ଚିତ୍ତ ମୋତେ କରିବାକୁ ହିଁ ହେବ । ରକ୍ତ ମାଂସ ଭିତରର ପ୍ରକୃତି ଆଗରେ ବିବେକ ମୋର ହାର ମାନିଛି, ଏଇଥି ପାଇଁ ।

ସମୟ ଦେଖି ପତ୍ର ଦେବେ—

ଆପଣଙ୍କର

ଅଭାଗିନୀ ଅନୁ

ଶଠିଟି ଲେଡିସାର ଅନୁ ପଡ଼ି ବସିଲା । ପଛୁ ପଛୁ ପେଟ ପୂରାଇ ବମେ ହୁଦିଲା । ଏତେ ଦମ୍ଭ, ଏତେ ଅଭିମାନ ତାର ଗଲା କୁଆଡ଼େ ? ସାମାନ୍ୟ କାଳି କଲମରେ ସେ ମନର ଭାଷାକୁ ରୂପ ଦେଇ ପାରିଲାନି ?

ଭାବନା ଅତୀତ କୁ ଧାଇଁଲା ।

ଆପଣା ସ୍ୱାଏଁ ମାନହିଁଙ୍କର କବିତାରୁ ପଦେ ପାଦିକ ତାର ବାହାରି ଆସିଲା—

ସବୁ ଭିଅଣରୁ ପୀରତ ଭିଅଣ କଠିନ
ବିଲପି ବସିଲେ ବୋଧିବାର ଲୋକ ନଥାଏ
କଠିନ ଅନ୍ତର ବାକବା ଲୁହ ଅଖିର
ଯେତେ ପୋଛ ପୁଣି ସେତିକି ଗୋ ଝୁରୁ ଥାଏ ।

## ନଅ

ସେ ଟିଏ ସୁନ୍ଦର ଶାନ୍ତ ସକାଳ । ସୂର୍ଯ୍ୟ ଉପରେ କୁହୁଡ଼ି ନାହିଁ । ରକ୍ତ ମାଂସ ପିଣ୍ଡୁଳାପରି ନବ ସୂର୍ଯ୍ୟ – ମଧ୍ୟାହ୍ନ ମାର୍ତ୍ତଣ୍ଡରେ ପରିଣତ ହେବାକୁ ଆଉ ଡେରି ଅଛି । କଟକ ଷ୍ଟେସନରେ ହାଲଟେର ଲୋକାଲ ଗାଡ଼ି ଆସି ପହଞ୍ଚିଲା । ଜନମୁଖରିତ କଟକ ଷ୍ଟେସନରେ ଜନତା ଅଧିକ ଚଞ୍ଚଳ ହୋଇ ଉଠିଲେ । ସ୍ୱେଚ୍ଛାସେବକମାନେ ଷ୍ଟ୍ରେଚର ଧରି ଆସି ଡବା ପାଖରେ ପହଞ୍ଚିଲେ । ରହିଗଲେଇ ଫେରନ୍ତା ରୋଗୀ ମାନଙ୍କୁ ଧରି ଆମ୍ବୁଲାନ୍ସରେ ପହଞ୍ଚାଇ ଦେଉଥାନ୍ତି । ଘର୍ ଘର୍ ହୋଇ ଆମ୍ବୁଲାନ୍ସ ଚାଲିଯାଏ ···ପୁଣି ଲେଉଟି ଆସୁଥାଏ । ······ପୁଣି ନେଉଥାଏ···।···

ରୋଗ, ଶୋକ, ଦୈନ୍ୟ ଦୁର୍ବିପାକରେ ବିଜୟକୁ ସଂଗ୍ରାମ କରିବାକୁ ଭଲଲାଗେ । ସେ ସେଥିରୁ ଆନନ୍ଦ ପାଏ । ଆଜି ତେଣୁ ଶତ ଶତ ବିସୂଚିକା ରୋଗୀଙ୍କର ସେବା କରିବାକୁ ସେ ପଳେଇଛି । ପଳେଇ ଯାଇଥିବା ଅନ୍ୟ କର୍ମୀମାନଙ୍କ ଭିତରେ ଆଣି ଦେଇଛି ଉତ୍ସାହ ପ୍ରେରଣା, ଉନ୍ମାଦନା । ସେଇ ଅଣ୍ଟୁଲୁଗୁ ଖଦଡ଼ ଲୁଗା । ଦେହରେ ଖଣ୍ଡେ ସଫା ଖଦଡ଼ ଗେଞ୍ଜି, ମୁଣ୍ଡରେ ସେଇ ଟୋପି, କାନ୍ଧରେ ଖଣ୍ଡେ ମୁଣି ଝୁଲାଇ ବିଜୟ ଗୋଟିଏ ଥାର୍ଡ଼କ୍ଲାସ ଡବାରୁ ଗୋଟିଏ ବୁଢ଼ାକୁ ଧରି ତଳକୁ ଓହ୍ଲାଇ ଆସିଲା । କୌଣସିମତେ ତାକୁ ଆମ୍ବୁଲାନ୍ସରେ ଭର୍ତ୍ତି କରିଦେଇ ସେ ମେଡ଼ିକାଲକୁ ଗଲା ।

ଦୀର୍ଘ ଛଅମାସ ପରେ ବିଜୟର ଅନୁ ସଙ୍ଗେ ସାକ୍ଷାତ ହେଲା । ବହୁତ କିଛି କହିବାକୁ ଇଚ୍ଛା ହେଉଥାଏ । କିନ୍ତୁ ଅବସର କାହିଁ ? ମେଡିକାଲର ଖୋଲା ପଡ଼ିଆରେ ଗୁଡ଼ାଏ ଅସ୍ଥାୟୀ ଘର ତିଆରି ହେଉଥାଏ । ସେଇଠି ଲମ୍ବଲମ୍ବ ହୋଇ ହଇଜା ରୋଗୀମାନେ ପଡ଼ିଥାନ୍ତି ।

ଝାଡ଼ୁଧରି ମେହନ୍ତରମାନେ ଆସୁଥାନ୍ତି । ଫିନାଇଲ୍ ପାଣି ଛିଞ୍ଚୁ ଛିଞ୍ଚୁ ହାତ ବଢାନ୍ତି, ବକ୍‌ସସ୍ । ହସି ହସି ନେଇ ଚାଲନ୍ତି । କମ୍ପାଉଣ୍ଡର ବାବୁ ଆସନ୍ତି, ସାଲାଇନ୍ ଦିଅନ୍ତି । ମରଣ ମୁହଁକୁ ଆଗେଇଥିବା ରୋଗୀଙ୍କ ଅଣ୍ଟାରୁ ପଇସା ଆସି ପକେଟରେ ପଶେ । ଗୋଟା ପରେ ଗୋଟା କେଶ୍ ଫେଲ୍ ଚାଲନ୍ତି । ପୁଷ୍ପମାସ ଅମଲ ସମୟ ଏଇଠା । ରୋଗହେଲେ ସିନା ଦୁଇ ପଇସା ପାଇବେ — ନ ହେଲେ ··· । ବିଜୟ ଶୁଣିଲା — ଗୋଟାଏ ବେହେରା ଆଉ ଜଣକୁ ଡାକି କହୁଛି — କାଲୁଦା ଏଇମିତି ବରଷ, ଛ'ମାସକେ ଗୋଟାଏ ଗୋଟାଏ ହୁକୁମ ଓଷଦ କାହାରନ୍ତା କି ?

କାଲି କହିବ—ସୁଯୋଗ କ'ଣ ସବୁବେଳେ ଆସେ କାଳରେ ? ଯାହା ନେଇଥିବୁ — ଯାହା ଖାଇଥିବୁ ଏତିକି ବେଳେ ।

ବୁଢ଼ାଟିକୁ ଗୋଟିଏ ବକ୍ଷଣା ଦେଇ ବିଜୟ ଫେରି ଆସିଲା । ଅନ୍ୟ ରୋଗୀଙ୍କ ପରି ଅନୁ ଉପରେ ବୁଢାର ଦାୟିତ୍ୱ ଲଗି ରହିଲା । ବିଜୟ ଛୁଟି ଗଲା ଷ୍ଟେସନକୁ । ଆହୁର ଆସିବ ।

ଗେଟ୍ ବାହାରକୁ ବାହାରିଲେ ଲମ୍ବା ରାସ୍ତାଟା ରାଣୀହାଟକୁ ମାଡ଼ିଛି । ସେ ପାଖ ଦେଇ ରାସ୍ତା କାଳିଆବୋଦାକୁ ଲମ୍ବି ଯାଇଚି । ସେ ପାଖରୁ ରୋଗୀ ଜୀବନକୁ ମୃତ୍ୟୁ ମୁଖରୁ ବଂଚାଇବା ପାଇଁ ଭିତରେ ପଶୁଛନ୍ତି । ଆଉ ଏପାଖେ ଜୀବନର ଶେଷ ବାୟୁ ଟିକକ ପଡ଼ିଆର ମୁକ୍ତ ବାୟୁରେ ମିଶାଇ କାଳିଆବୋଦାକୁ ବୁହା ହେଉଛନ୍ତି । ବିଜୟ ଗେଟ୍ ପାଖରେ ପହଞ୍ଚି ଦେଖିଲା, ମେହନ୍ତର ବୁଢ଼ାଟିଏ ପୁଅଟିକୁ ସାଙ୍ଗରେ ଧରି ପ୍ରତ୍ୟେକ ମୁର୍ଦ୍ଦାରକୁ କାଳିଆ-ବୋଦାକୁ ନେବା ପୂର୍ବରୁ ଭଲ ଭାବରେ ତନଖି କରି ଦେଖୁଛି । ବିଜୟର ପାଦ ଟିକେ ଅଟକି ଗଲା । ସେ ଦେଖିଲା---ପଣ୍ଡିମା ଯାନୀଟିଏ ପଇସାକୁ ଗେଟର ମୁହଁରୁ ଲୁଚାଇବା ପାଇଁ ଅଣ୍ଟା ଗୁରି ପାଖେ ଗୋଟିଏ ମୁଣିରେ ବାନ୍ଧି ରଖିଥିଲା । ସେଇ ପଇସାକୁ ମୁର୍ଦ୍ଦାର ଅଣ୍ଟାରୁ ଆବିଷ୍କାର କରି ମେହନ୍ତରଟା ଆନନ୍ଦରେ ହସି ଉଠୁଛି ।

ବିଜୟ ଷ୍ଟେସନ ଆଡ଼କୁ ପାଦ ଘୁରାଇଲା ।

× × ×

ରଜଲେଇ ଝଞ୍ଜା ଶାନ୍ତ ହୋଇଚି । ମଣିଷର ଚେଷ୍ଟାରେ ଆଉ ଭାଗ୍ୟ ଓ ଭଗବାନଙ୍କ ଆଶାକରି ଯେତେକ ବଂଚି ଯାଇଥିଲେ ସେମାନଙ୍କ ଭିତରୁ କେତେକ ଗୋଷ୍ଠ ସୁନ୍ଦରି ଘରକୁ ବାହୁଡିଲେଣି । କେତେକ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବା ପର୍ଯ୍ୟନ୍ତ ଡାକ୍ତରଖାନାରେ ବିଶ୍ରାମ କରୁଛନ୍ତି ।

ଅନୁ ଓ୍ୱାର୍ଡ଼ରେ ଯେଉଁ କେତେଜଣ ମରଣ ସଙ୍ଗେ ଯୁଝି ଯୁଝି ଜିତ ଯାଇଥିଲେ ସେମାନଙ୍କ ଭିତରେ ସେଇ ବୁଢ଼ାଟି ଗୋଟିଏ ।

ଡାକ୍ତର ଖାନାର ରେଜେଷ୍ଟ୍ରି ବହିରୁ ସେ ଏତିକି ଜାଣିଛି ଯେ ନା ତା'ର ରାମେଶ୍ୱର ଦାଶ ଚୌଧୁରୀ । ଘର ତାର କଟକ ଜିଲା ତରଣ୍ଡ ଗାଁରେ । ବ୍ୟବସାୟ ଚାଷ । ବିଜୁଳି କାଢରେ ବୁଢ଼ା-ହୋଇ କେତେ ଆସିଛନ୍ତି । କେତେ ବା ସେ ପୁରକୁ ବାହୁଡ଼ିଛନ୍ତି । କେତେ ବା ଭଲ ହୋଇ ଘରକୁ ଫେରିଛନ୍ତି । କିନ୍ତୁ ଏ ବୁଢ଼ା ପରି କେହି ମାୟା ମମତା ଏତେ ଲଗାଇ ନାହାନ୍ତି । କାହିଁକି ଯେ ଏ ବୁଢ଼ା ପ୍ରତି ତା'ର ଏତେ ମାୟା ମମତା ବଢ଼ି ଗଲା ସେ ଭାବି ପାରେନା । ସେବିକା ସେ । ସେବା ତାର ଚରମ ଲକ୍ଷ୍ୟ । ସେଥିରେ ସେ କାହାକୁ ପାତର ଅନ୍ତର କରିନା କି ପଇସା ଲୋଭରେ କାହା ପ୍ରତି ଢଳେଇ ପଡ଼ି ଅନ୍ୟକୁ ଉପେକ୍ଷା କରେନା । ତଥାପି ଏ ବୁଢ଼ାଟିର ତା ପ୍ରତି ଯେ ଏତେ ମମତା ସେ ଭାବି ପାରେନା ।

ଅନୁ ହାତରୁ ଫଳଟିଏ, ଗରମ ଦୁଧ ଟୋପାଏ ପିଇବାକୁ ବୁଢ଼ାଟି ସନ୍ତୁଷ୍ଟ ନୟନରେ ଚାହିଁ ରହେ । ଯେତେ ପିତା ଔଷଧ ହେଲେ ମଧ୍ୟ ବାଧ୍ୟ ପିଲାଟି ପରି ତା ହାତରୁ ଖାଇଦିଏ । ଅନୁ ଆଗରେ ସେ ଶାନ୍ତ ନିରୀହ ପରି ଜଣାପଡ଼େ । ଦରକାର ପଡ଼ିଲେ ସେ ଏତିକି କହେ—ମା ଆଉ ଜନ୍ମକୁ ତୁମର ଧାରୁଆ ହୋଇ ରହିଲି । କାହିଁକି ଏ ବୁଢ଼ାଟାକୁ ମରଣ ମୁହଁରୁ ବଞ୍ଚାଇ ରଖିଲ ? ମରି ଯାଇଥିଲେ---ତରି ଯାଇଥାନ୍ତି ।

ଅନୁ ତାର ପାଚିଲା ବାଳକୁ ଆଉଁସି କହେ---ଛିଃ--- -ମୁଁ କ'ଣ କଲି ? ସବୁ ଭଗବାନଙ୍କ ହାତରେ ।

ପଚ୍ଚରିଲ୍ଲ ଅଖିରେ ଅନୁ ମୁହଁକୁ ବୁଢ଼ାଟି ଚାହିଁ ରହେ । କିନ୍ତୁ ପଚ୍ଚରି ପାରେନା । ମନରେ କେତେ ପ୍ରଶ୍ନ ଉଠେ । ଡର ଆଉ ସଂକୋଚରେ ଅପଣା ଶବ୍ଦ ପ୍ରଶ୍ନ ତା ଛାତି ଭିତରେ ମିଳାଇ ଯାଏ ।

ଅନୁ ପଚାରେ---ଅଚ୍ଛା ତୁମ ଘରେ କିଏ ସବୁ ଅଛନ୍ତି ?

ଦୀର୍ଘନିଃଶ୍ୱାସ ଟାଣି ଦୁଃଖରେ ବୁଢ଼ାଟି କହେ---ଦୁନିଆ ସଂସାରଟିରେ ମୋର ସମସ୍ତେ ଅଛନ୍ତି । ସ୍ତ୍ରୀ ଅଛୁ---ପୁଅ ଅଛୁ । ସମସ୍ତେ ଅଛନ୍ତି । କହୁ କହୁ ବୁଢ଼ା ଅଟକି ଯାଏ । ଅଖି ତାର ଲାଖିରହେ ଅନୁ ଉପରେ । ଓ୍ୱାର୍ଡର ବାଲୁବର ଆଲୁଅରେ ଛାତିର ହାରଟା ଦପ୍ ଦପ୍ ହୋଇ ଜଳିଉଠେ । ସେଇଆ ଆଲୁଅରେ ଅନୁ ମୁହଁ ଆହୁରି ଉଜ୍ଜ୍ୱଳ ଦିଶେ । ବୁଢ଼ା ଅନାଇରହେ ଚାହିଁରହେ ..... ଅଖିରେ ପଲକ ପଡ଼େନା ।

ଅନୁକୁ ବଡ଼ ଅଡୁଆ ଲାଗେ । ସେ ବାଧହୋଇ ଗୁଳ୍‌ଦିବାକୁ ବସେ । ପୁଣି ଚାହିଁଦିଏ ସେ ଅଖିକୁ । କେତେ ପ୍ରକାର ଇଙ୍ଗିତ ସେ ଅଖିରୁ ଅସୁଛି । ମୁହଁ ଫେରାଇ ସେ ଚାଲିଯାଏ, ଆଉ ଚାହିଁ ପାରେନାହିଁ ।

ବୁଢ଼ା ଅଖିରୁ ଦି' ଟୋପା ଲୁହ---ଶୁଖିଲା ଗାଲ ଦେଇ ବୋହିଆସେ ।

ମଣିଷ ଜୀବନର ସେ ପାଇଛି । ଭଗବାନ ତା ମୁଣ୍ଡରେ ଭାବିବାକୁ ଯଥେଷ୍ଟ ମସଲା ଦେଇଛନ୍ତି । ସେ ବୁଝିପାରେ ବୁଢ଼ା କ'ଣ ପଚାରିବ ପଚାରିବ ହେଉଛି, କିନ୍ତୁ ପାରୁନି ।

ସମୟ ଗଡ଼ି ଚାଲେ । ଘଣ୍ଟାରେ ନଅ ବାଜେ । ଗାଡ଼ି ଘନେଇ ଉଠେ । ଲୁଲ୍ଲ ଲୁଲ୍ଲଆ ଚାନ୍ଦ ପୁଣି ଥୋପା ଅକାଶରେ ଜଳୁଥାଏ ।

ନୂଆ ନୂଆ ରୋଗୀମାନେ ଆସନ୍ତି । କାମ ବଢ଼ି ଚାଲେ । ଅନୁ ମନଦିଏ ।

ଓ୍ବାର୍ଡ ବୁଲିବାକୁ ଆସନ୍ତି ସୁକାନ୍ତ ବାବୁ ଡାକ୍ତର । ନିତ୍ୟ ନୈମିତ୍ତିକ କାର୍ଯ୍ୟ କରି ଯାଆନ୍ତି । ଅନୁ ମୁହଁକୁ ଭରସି କରି ଚାହିଁ ପାରନ୍ତି ନାହିଁ । ପୂର୍ବସ୍ମୃତି ତାଙ୍କର ଆହତ ହୁଏ । ଶୁଖିଲା ମୁହଁରେ ହସ ଖେଳାଇବାକୁ ଚେଷ୍ଟା କରି ଧରା ପଡ଼ନ୍ତି ।

ନିକଟରୁ ନିକଟତର ହୋଇ ଆସିଥିବା ବନ୍ଧୁତ୍ୱ ପୁଣି ଅପସରି ଯିବାକୁ ବସେ । ପୁରୁଣା ମମତା କୋହଳ ହୋଇ ଉଠେ ।

ରନ୍ତ୍ରେଲେଇରୁ ପ୍ରାୟ ମାସେ କି ଦେଢ଼ମାସ ହେବ ସୁକାନ୍ତ ବାବୁ ଫେରିଲେଣି । ଆସିବା ପରେ ଅନୁ ସଙ୍ଗେ ଅନେକବାର ଦେଖା ହୋଇଛି । କିନ୍ତୁ ସରକାରୀ କାର୍ଯ୍ୟ ବିଷୟରେ ଦରକାରୀ କଥା ବ୍ୟତୀତ ବିଶେଷ କିଛି କଥା ହୋଇ ନାହିଁ ।

କଟକରୁ ଦୂରରେ କୌଣସି ଡାକ୍ତରଖାନାରେ ରହିବାକୁ ଇଚ୍ଛା କରିଛନ୍ତି — ଚେଷ୍ଟା କରିଛନ୍ତି । କିନ୍ତୁ ବିଫଳ ହୋଇ ସେଇଠି ରହିବାକୁ ବାଧ୍ୟ ହୋଇଛନ୍ତି । ଦୂରରେ ରହି କାଗଜ କଲମରେ ଯାହା କଥା ହୋଇ ପାରୁଥିଲେ ସେତକ ବି ପାଖରେ ବନ୍ଦ ହେଲା । ନିଜର କୃତକର୍ମ ପାଇଁ ଅନୁତପ୍ତ ହେଲାପରି ଜଣାପଡ଼େ ।

ଅନୁ ବି ବେଶୀ ପାଖକୁ ଆସେନି ଦୂରେଇ ରହିବାକୁ ଚେଷ୍ଟା କରେ ।

ବିଜୁଳିର ଆସେ । ସୁକାନ୍ତ ବାବୁ ସଙ୍ଗେ ବୁଲି । ଅନୁ ଘରେ ଖାଇ ଚାଲିଯାଏ । ମହାଦେବଙ୍କ ବାସୁଆ ବଳଦ ସେ ।

ତା'ର ଯାଏ କେତେ, ଆସେ କେତେ : ଓଡ଼ିଶାସାରା ସେ ଘୂରିବୁଲେ ।

ଅନ୍ତରେ ଅନ୍ତରେ ବୁଢ଼ାଟା ଭଳି ପ୍ରାଣ ଅଥୟ ହୋଇ ଉଠନ୍ତି । ମନମୟୂରୀ ବାଲପି ଉଠେ । କିନ୍ତୁ ଜଭଖୋଲି କିଛି ଭାଷାରେ ରୂପ ପାଏନା । ଭିତରର କଥା ଗୁମର ଗୁମୁରି ଭିତରେ ମରେ ।

ସୁକାନ୍ତ ବାବୁ ଭାବନ୍ତି— ଆଖିରୁ ଉହାଡ଼ ହେଲେ ମନରୁ ବା ଲୁରେ । କିନ୍ତୁ ଆଖି ବାହାରକୁ ଯାଇ ହୁଏନା କା ଗଲେ ମନରୁ ଯାଏନା । ପୁରୁଣା କଥା ଗୁଡ଼ା ଦିନକୁ ଦିନ ବହଳ ହୋଇ ଜମାଟ ବାନ୍ଧି ବସେ । ନ ଦେଖିଲେ ବୁକୁରେ ପରାଣ ଲାଗେ ।

ସେଦିନ ଓ୍ୱାର୍ଡ ବୁଲିସାରି ସୁକାନ୍ତ ବାବୁ କହିଲେ — ୩୪୭ ନମ୍ବର ରୋଗୀର ଅବସ୍ଥା ଭଲ ହୋଇ ଗଲଣି । ସେ ଏଣିକି ଯାଇପାରେ — ସିଷ୍ଟର ।

କଥାଟା ଶୁଣି ଅନୁ ନିଜର ଅଜାଣତରେ ଚମକି ଉଠିଲା । ମନର କୋମଳତମ ଅଂଶରେ ବୁଢ଼ାପାଇଁ ଟିକିଏ ମମତା ଆସି ଯାଇଛି । ହଠାତ୍ ଛୁଟାଇ ଦେବାକୁ ଅନୁର ମନ ହେଲନାହିଁ । କେବେତ କୌଣସି ରୋଗୀ ପାଇଁ ସେ ଡାକ୍ତର ବାବୁଙ୍କୁ ଅଳି କରି ନ ଥିଲା, କିନ୍ତୁ ଆଜି କାହିଁକି ? ନା — ଯେ ଆସିଛି ସେ ଯିବ । ବହୁତ ଦିନକୁ ବହୁତ କଥା । କାହିଁକି ସେ ପଛକଥା ନେଇ ସ୍ୱମର ଉଠେବ ? ଆଖିରୁ ଦିନେ ଲୁହ ଝରିବ ?

ମନର କଥାଟା ମୁହଁରେ ଅନ୍ୟ ରୂପ ନେଲା । ଅଜାଣତରେ ତା ପାଟିରୁ ବାହାରି ପଡ଼ିଲା— ଆଉ ଚାରିଦିନ ଖଣ୍ଡେ ରହି ଗଲେ ଭଲ ହୁଅନ୍ତା ।

ଡାକ୍ତର ସୁକାନ୍ତ ବାବୁ ଏଥିରେ ଟିକେ ଅସନ୍ତୁଷ୍ଟ ହେଲେ । ଅନୁର ଅନୁରୋଧକୁ ଏଡ଼ିଦେଇ ପାରିଲେ ନାହିଁ । ଚାଲିଗଲେ ।

ବନ୍ଧନ ଯେତିକି ହାଲୁକା ହେବାକୁ ବସିଛି — ଦିନକୁ ଦିନ ମମତା ବି ସେତିକି ବଢ଼ି ଚାଲିଛି ।

ଥରେ କାହିଁକି ଦୁଇ ତିନିଥର ବୁଢ଼ା ଅନୁ ବେକର ସୁନା ଚେନଟିରେ ଲାଗିଥିବା ପଥରଟିକୁ ତନଖି କରି ଦେଖିଛି । ପଚାରି-ବାକୁ ହୋଇଛି — କିନ୍ତୁ ପଚାରି ପାରିନାହିଁ । ସାହସ ହୋଇନି । ମନରେ ବିସ୍ମୟ ଜାଗିଛି, ଚୁପ୍ ରହିଛି ।

ଅନୁଠାରୁ ବୁଢ଼ା ଶୁଣିଲା ଆଉ ଅଳ୍ପଦିନ ପରେ ତାକୁ ଏ ବଂଧନ ତୁଟାଇ ଘରକୁ ଫେରିବାକୁ ହେବ । ମନ ତାର ଦୁଃଖରେ ବିଳପି ଉଠିଲା । ଭାବିଲା ଘରକୁ ଯିବାପୂର୍ବରୁ ନିଶ୍ଚୟ ପଚାରିଦେବ । ମନର କଥାକୁ ମନରେ ରଖି ଗଲେ ସେ ଘରେ ବାହାରେ କେଉଁଠି ଶାନ୍ତି ପାଇ ପାରିବ ନାହିଁ ।

ଦୋଳ ପୁନେଇଁ ରାତି । ଆକାଶରେ ସୁନ୍ଦର ଜୁଲୁ ଜୁଲୁଆ ଜହ୍ନମାମୁଁ ଉଠି ଆସିଛି — ଜ୍ୟୋତ୍ସ୍ନା କିରଣରେ ଗଛ ଲତା ଗାଧୋଇଲା ପରି ଲାଗୁଛି । ସୁନ୍ଦର ନିର୍ମଳ ଆକାଶ । ପୃଥିବୀ ହସି ଉଠିଛି । ଆନନ୍ଦର ଜୁଆର ଚାରିଆଡ଼େ ଖେଳି ବୁଲୁଛି ।

ୱାର୍ଡ ଆଗରେ ତିଆରି ହୋଇଛି ଗୋଟିଏ ଛୋଟିଆ ବଗିଚା । ନାନା ଜାତିର ଦେଶୀ, ବିଦେଶୀ ଫୁଲଗଛରେ ବଗିଚାଟି ଭରିଉଠିଛି । ଗନ୍ଧଲିଆ ଫୁଲଗଛ ତଳେ ଗୋଟିଏ ଲୁହାର ଆର୍ମବେଞ୍ଚ ପଡ଼ିଛି । ସଂଧ୍ୟା ହେଲେ ମନ ପରିବର୍ତ୍ତନ ପାଇଁ, କାଠଦ୍ରଂଷ୍ଟ ଜୀବନରେ ଟିକେ ଶାନ୍ତି ଆଣିବା ପାଇଁ କେବେ କେମିତି ରୋଗୀମାନେ ଆସି ବସନ୍ତି । ଅନମନା ହୋଇ ଅନୁ ସେଇଠି ଆସି ବସି ଥିଲା ଉଦାସିଆ ହୋଇ ଆକାଶକୁ ଚାହିଁ ରହିଲା । ବହୁଦୂର କୋଣରେ ଚନ୍ଦ

ହସୁଛି । ତାର ଏ ଦୁଃଖରେ ଉପହାସ କଲଭଳି ହସ ହସୁଛି । ଅନୁ ଭାବିଲା ବଜୁ ଭାଇ ଆସିଲ, କିନ୍ତୁ କିଛି କହିଲେନି । ସୁକାନ୍ତ ବାବୁଙ୍କ ସଙ୍ଗେ କ'ଣ ଦୁଇ ପଦ କଥା ହେଇ ଫେରିଲା ।

ଦୁଇ ଜଣଙ୍କ ଭିତରେ ରହସ୍ୟ ସେ କିଛି ବୁଝି ପାରୁନି । କ'ଣ ସେ ଦୁହେଁ କରିବାକୁ ଯାଉଛନ୍ତି—ସେ ବୁଝି ପାରୁନି ! ଅଣ୍ଟ ଅଗରେ ହସ ଉଠିଲା ସୁକାନ୍ତ ବାବୁଙ୍କ ଶୁଖିଲା ମୁହଁ । ଓଠରୁ ହସ ଲିଭିଛି । ମନରୁ ସ୍ଫୂର୍ତ୍ତି କମିଛି । ସେ ଯୋଉର ମନ ଦୁଃଖରେ ଫେର୍ କହୁଛନ୍ତି, ଅନୁ ଦେବୀ, ଭୁଲ କରିଛି । ତୁମ ଜୀବନ ସହିତ ଖେଳି ତୁମ ମନକୁ କଷ୍ଟ ଦେଇଚି । କ୍ଷମା କରିବନି ଏ ଅଭାଗାକୁ ?

ଅଭାଗା କିଏ ? ସୁକାନ୍ତ ବାବୁ ? ଅନୁ ଓଠ କଣରେ ହସ ଦେଖାଦିଏ । ଅସହାୟ, ସମ୍ବଳହୀନ ଲୋକ ଭାଗ୍ୟ ଓ ଭଗବାନ ଉପରେ ବିଶ୍ୱାସ କରେ । ପୁରୁଷ ସେ । ଧନ, ମାନ ସମ୍ମାନ କେଉଁ ଥିରେ ତାଙ୍କର ଅଭାବ ଅଛି ?

ତାଙ୍କର ଭୁଲ୍ କେଉଁଠି ରହିଲା ? କୁଳୁକୁଳୁ ହୋଇ ଯଦି ତଟିନୀଟି ତାର ଦେହକୁ ସାଗର ବକ୍ଷରେ ମେଲି ଦେବାକୁ ଧାଇଁ ଯାଏ ତେବେ ସେଠାରେ ସମୁଦ୍ରର ଭୁଲ ରହିଲା କେଉଁଠି ? ଫୁଲର ବାସ ଯଦି ପାଖୁଡ଼ା ଭେଦକରି ବାହାର ପବନରେ ମିଶିଲା ସେଠାରେ ଫୁଲର ଦୋଷ କେଉଁଠି ? ଦୋଷ ସ୍ରଷ୍ଟାର ଯେ ସୃଷ୍ଟି କଲେ ଏଇ ଗୁଡ଼ିକୁ । ଗୋଟିଏ ଲାଗି ସିନା ଅନ୍ୟଜଣକ ଆକୁଳ ହୋଇ ପାଗଳ ହୋଇ ଉଠିଲା । ଜଣଙ୍କ ମନରେ ସିନା ଆଦିମ ପ୍ରବୃତ୍ତିକୁ ଜଗାଇ ଦେବାକୁ ଆଉଜଣେ ବୁଲିଲା । ଦୋଷ ସବୁ ଭଗବାନଙ୍କର ।

ତାର ଧୂଳିଖେଳ ଘରର ସାଙ୍ଗ ପୁଷ୍ପା ଅଜି ସତୀ ସୀମନ୍ତିନୀ ହୋଇ ଗୁହ ପାଞ୍ଚଟା ପିଲା ଧରି ଘର ସଂସାର କରୁଛି । ସେଇ ମଣିଷ ଭ ସେ ! ରକ୍ତ ମାଉଁସର ଦେହଧରି ଏତେ ଦିନ ଜଗିରହି, ମନର

ଶୋଷକୁ ଗୃହିରଖି ବଂଚି ଆସିଲା । ଆଉ କେତେଟା ଦିନ କ'ଣ ବଂଚି ପାରନ୍ତା ନାହିଁ ? କିନ୍ତୁ ତାର ମନକୁ ଟହଲଇ ଦେଲେ କିଏ ? ସୁକାନ୍ତ ବାବୁ । ଘର ଛୁଟିକର ମଣିଷ ସେ । କି ଅସାଧାରଣ ଶକ୍ତି ଅବା ତାଙ୍କର ଥିଲା ? ତାଙ୍କୁ କ'ଣ ସେ ସହଜରେ ପ୍ରତ୍ୟାଖ୍ୟାନ କରିଦେଇପାରି ନଥାନ୍ତା ? କିନ୍ତୁ ପାରିଲା ନାହିଁ କାହିଁକି ? ଶେଷର ପରି ମନ ଗମ୍ଭୀରରେ ସେଇ ଦୁର୍ବଳତା ପୁଣି ଦେଖାଦେଲା । ଏତେ ଦିନର ଦମ୍ଭ, ଗର୍ବ, ତାର ମଥା ନୁଆଇଁଲା । ସେ ଜୀବନ ଜୁଅରେ ପରାସ୍ତ ହେଲା ।

ବଂଶୀ ମୁନରେ ତା ମନକୁ ଟାଣିନେଇ ସେ ଖେଳିବାରେ ଲାଗିଲେ । ଆନନ୍ଦ ପରିବର୍ତ୍ତେ କିନ୍ତୁ ପାଇଲେ ଆଘାତ । ବିଜୟ ପରାଜୟ ପରି ମାଲୁମ ହେଲା ।

ଆଜି ପୁଷ୍ପା ଲେଖିଚି— ଅନୁ ଜାଣିରୁ ବାହା ହୋଇ ବଡ଼ ଭୁଲ୍ କରିଛୁ । ଏଥର ସପ୍ତମ ଗର୍ଭରେ ମରିଯାଇ ଥାନ୍ତିଲେ— ଅଉ ବଂଚି ନଥାନ୍ତି । ସେ ଟଙ୍କା ପଇସାକୁ ନଡ଼ର ସୁଅ ପରି ବାହିବାକୁ ଲାଗିଲେ । ଶେଷରେ ପେଟଚିରା ହୋଇ ଝିଅଟି ବାହାରିଲା । ଧୋବ କଇଁ ଫୁଲ ପରି କଅଁଳ ଛନ ଛନ ଦେହ । ତାଙ୍କର ତେହେରା ଅବିକଳ ଆଣିଛୁ । ଦେହରେ ବଳ ପାଉନି । କେତେ ଲୋକଙ୍କର ସେବା ସେଠାରେ କରୁଛୁ । କ'ଣ କଲେ ଦେହରେ ବଳ ଫେରି ଆସିବ, ଲେଖି ଜଣାଇବୁ । ଏଣିକି କାବୁଅରେ ପଡ଼ିବେ ନାହିଁକି ଗୋଡ଼ ଧୋଇବ ନାହିଁ । ପତ୍ର ଦେବୁ । କେତେ ଦିନ ଇମିତି ଆଉ ରହିବୁ ? ଆମ ଘର ଆଡ଼େ ଟିକେ ଆସି ବୁଲିଗଲେ କ'ଣ ଦୋଷ ହୁଅନ୍ତା ?

ଅନୁ ହସିଲା । ଭାବିଲା— ପ୍ରତିଥର ଢେଳିଢ଼ଳି ହେଲାବେଳୁ ଲେଖୁଚି କାବୁଅରେ ପଡ଼ିବି ନାହିଁ— କି ଗୋଡ଼ ଧୋଇବି ନାହିଁ ।

କନୁ ଶାନ୍ତି ପାଇ ପୁଣି ଥରକୁ ଥର ଦୋଷ କରୁଛନ୍ତି କାହିଁକି ? ଛଲେଇ କର ଲେଖିଚ, ବାହା ନହୋଇ ମୁଁ ଠିକ୍ କରିଛୁ । ସୁଖରେ ମୁଁ ଅଛୁ । ପୁଣି ଲେଖିଚ ଇମିତି କେତେଦିନ ରହିବୁ ? ......

ମନେ ପଡ଼ିଲା ଦିନେ ସୁକାନ୍ତ ବାବୁ ବି ପଚାରିଥିଲେ, ଆଉ କେତେଦିନ ଏମିତି ରହିବ ? ସେ କହିଥିଲା—କେତେଦିନ ରହି ପାରୁଚି ଦେଖିଲେ ସିନା କହିବି ।

ସେ ବାହା ହେବନି କିଏ ଏତେ କଷ୍ଟ ସହିବ ? ଛାତି ତାର ଜଳୁଚି ଉଠେ ଭୟରେ । କି ଯନ୍ତ୍ରଣା ! ଦରକାର ନାହିଁ ତାର । ଥାଉ । ଏଇମିତି କେତେ ଦିନ କଟିଯିବ । ତେଣିକି ଦେହରୁ ବଳ ହଟିଲେ — ରକ୍ତରୁ ଗରମ ଛୁଟିଲେ — ସବୁ ଶାନ୍ତ ହୋଇଯିବ ।

ଆଖି ଆଗରେ ପୂଷ୍ପାର ପୁଅ ଦେଖାଦିଏ । ଛୋଟା ଛୋଟା ଆଖି, ଫୁଲ୍ଲକା ଫୁଲ୍ଲକା ଗାଲ — ବଳିଲା ବଳିଲା ହାତ ଧୋବ ଫରଫର ଦେହ । ଆନନ୍ଦରେ ତା କୋଳକୁ ଡେଇଁ ପଡ଼ୁଛି—

ମୁଣ୍ଡ ତାର ଗୋଳମାଳ ହୋଇ ଉଠିଲା । ମୁଣ୍ଡକୁ ଚପି ଧରି ସେ ବେଞ୍ଚ ଉପରେ ବସି ରହିଲା ।

"ଦିଦି"

ଚମକି ପଡ଼ି ଚାହିଁଲା—ତା ପଛଆଡ଼େ କେତେବେଳୁ ରୁକ୍ମାଟି ଆସି ଠିଆ ହୋଇଛି ତାକୁ ଜଣା ନାହିଁ ।

କାକରରେ କେତେ ସମୟ ଆଉ ବସିରହିବ ? ମମତା ଓ ଆଦରରି ମମତା ରୁକ୍ମାର ଭାଷାରେ ଥିଲା ।

— ମନ ଭଲ ନାହିଁ—ଟିକେ ବସିଯାଇଥିଲି । କ'ଣ ତୁମର ଦରକାର ଅଛି କି ? କୋମଳ କଣ୍ଠରେ ଅନୁ ପଚାରିଲା ।

ଧୀରେ ଧୀରେ ବୁଢ଼ାଟି କହିଲା – ନାଇଁ – ସେମିତ କିଛି ନାହିଁ । ତେବେ ପଅରଦିନ ଡାଲଡେରି ଗାଡ଼ିରେ ଘରକୁ ଯିବି ନା······କଣ୍ଠ ତାର ବାଷ୍ପରୁଦ୍ଧ ହୋଇ ଉଠିଲା – ଆଉ କହି ପାରିଲାନି । ଅନୁ ଦେଖିଲା, ବୁଢ଼ାର ଆଖିରେ ଲୁହ ଛଳ ଛଳ କରୁଛି, କୃତଜ୍ଞତାରେ ନଇଁ ପଡ଼ୁଛି ବୁଢ଼ାଟି ।

ବେଞ୍ଚର ଗୋଟାଏ ପାଖରେ ବୁଢ଼ାକୁ ବସିବାକୁ କହି, କଅଁଳେଇ ସେ ପଚାରିଲା — ଇନ୍ତଲେଇ କାହିଁକି ଯାଇଥିଲ ?

-ଆଉ କାହିଁକି ଯାଇଥାନ୍ତି ମା' ? ଏଇ ପୋଡ଼ା ପେଟ ଭିତରେ କ'ଣ ଗୋଟାଏ ବେମାରୀ ବାହାରିଲା ଯେ ଯେତେ ଔଷଦ ମନ୍ତଷନ୍ତ କଲି କେଉଁଥିରେ କମିଲାନି । ବରଂ ଅଧିକରୁ ଅଧିକ ହୋଇ ବଢ଼ି ଚାଲିଲା । ଗାଁର ଶହ ଶହ ଲୋକ ବାହାରିଲେ । ମୁଁ ବି ସେମାନଙ୍କ ସଙ୍ଗେ ପାଗଳହୋଇ ବାହାରିଲି । ବୁଢ଼ାଟି ବଡ଼ ଜଗର ଲଗାଇବାକୁ ଯିବାକୁ ବାଧ ହେଲି ମା । ଭଲ ହେବାକୁ ଯାଇ ମରିବାକୁ ବସିଥିଲି । ମରଣ ମୁହଁରୁ ତୁମେ ମୋତେ ଘୁଣିଆଣିଲ । ଘରକୁ ଯିବି ଯିବି ଯେତକ ଭାବୁଚି, ତେତକ ଦୁଃଖ ବଢ଼ୁଚି । ତୁମର ଆଦର ଯତ୍ନ, ମିଠା ମିଠା କଥାକୁ ପଛ କରି ଘରକୁ ଯିବାକୁ ମନ ଆଦୌ ବଳୁନାହିଁ । କେତେ କଥା କେତେଆଡ଼ୁ ମନେ ପଡ଼ୁଛି । ଝିଅ ମା' । ପଛ କଥା ପକାଇଲି ଛେପ ସଙ୍ଗେ ସମାନ । କି ଯାଏ ଆସେ ସେଥିରେ ? ପୁଣି ତାକୁ ମନେ ପକାଇଲେ··· ବୁଢ଼ା କଣ୍ଠ ରୁଦ୍ଧ ଅଟକି ଗଲା ।

ଉଜ୍ଜ୍ୱଳ ଜହ୍ନ ଆଲୁଅରେ ହୀରଟା ଚକ୍ ଚକ୍ କରୁଛି । ତା ଦେହର ପଥରଟା ଦପ୍ ଦପ୍ କରି ଜଳି ଉଠୁଚି । ଅନୁର ମୁଖଶ୍ରୀ ଅବର୍ଣ୍ଣନୀୟ ଶୋଭା ଧରିଛି ।

ଅପର ଜୀବନର ଇତିହାସ ସ୍ପର୍ଶ କଲେ କ'ଣ ବା ଲାଭ ମିଳିବ ତାକୁ ? ଭାବୁକ, କବି, କି ଲେଖକର ହୋଇଥିଲେ ସେ ତାରି ଜୀବନ ଇତିହାସକୁ ଆଧାରକରି କିଛି ଗୋଟାଏ ନୂଆକଥା କରି ବସିବ ? ତଥାପି ମାୟାମମତା ଯିଏ ଯେଉଁଠି ଥିଆଏ ସେଠାରେ ଜଣେ ଆଉଜଣଙ୍କର ଅନ୍ତର କଥା ଜାଣିବାକୁ ଆଗ୍ରହୀ ହୋଇଉଠେ । ଆଗ୍ରହରେ ଅନୁ ପଚାରିଲା — କହୁ କହୁ ଅଟକି ଗଲ କାହିଁକି ? କହୁନ---ମୋ ଶୁଣିବା ପାଇଁ କ'ଣ କହିବନ ?

–କହିବି କହିବି ଅନେକଥର ଭାବିଛି । କଥା ଏ ଜିଭ ଅଗକୁ ଅସି ଲେଉଟି ଯାଉଛି । ହୃଦ ଭିତରେ ସେଇ ଚିନ୍ତା ଗୁଡ଼ାକ ମନ୍ଥି ହୋଇ ରାତିରେ ଆଖିକୁ ନିଦ ଆସୁନି । ତଥାପି ମୁଁ ପଚାରି ପାରେନା । ଗୋଟାଏ ଅଜଣା ଆଶଙ୍କାରେ ମୁଁ ଦବିଯାଏ । ଭାଲେ ଅଜ କ'ଣ..........

ବୁଢ଼ା ହାତଟା ନିଜ ପାପୁଲିରେ ଆଉଁସି ଦେଇ ଅନୁ ତା' ମୁହଁରୁ କଥା ଛଡାଇ ନେଲା ପରି କହିଲା---ମୋ ପାଖରେ ଆଶଙ୍କା କ'ଣ କରୁଛ ? ଏତେଦିନ ମୋ ପାଖରେ ରହି ତୁମେ ମୋତେ ଚିହ୍ନି ପାରିଲ ନାହିଁ ? ମୁଁ ପରା ତୁମର ଝିଅ ସମାନ---

ଛାତିରେ ଚମକ ଲାଗିଲା ବୁଢ଼ାର । ଝିଅ ସମାନ । କିଏ ଅନୁଦ ପଛ କଥା ଗୁଡ଼ା ଜଳଜଳ ହୋଇ ଆଖି ଆଗରେ ତାର ଭାସି ଉଠିଲା । ଆପଣା ଛାଏଁ ଆଖିରୁ ତା'ର ଦୁଇଧାର ଲୁହ ଝରି ଆସିଲା । ଗାମୁଛା କାନିରେ ସେଗୁଡ଼ା ପୋଛି ପକାଇ ସେ କହିଲା-- ତରଣ୍ଡ ଗାଁର ଚୌଧୁରୀ ବଂଶରେ ମୁଁ ହତଭାଗା ଜନ୍ମ ହୋଇଥିଲି । ଅଚଳାଚଳ ସଂପତ୍ତି ଭିତରେ ବାପାଙ୍କର ସୁନାମ ଯଥେଷ୍ଟ ଥିଲା । ଆଖପାଖ ଦଶ ବାରଖଣ୍ଡ ଗାଁରେ ଅମ ଘର ପ୍ରତି ଲୋକଙ୍କର ଶ୍ରଦ୍ଧା

ଥାଏ । ବିଶ୍ୱାସ ଥାଏ । ବାପାଙ୍କର ଶେଷ ବେଳକୁ ଜପୁନା ଧାନ ଗଜା ହେଲାଭଳି ମୁଁ ତାଙ୍କ କୋଳକୁ ଆସିଲି । ଅତି ଅଳିଅଳରେ ବଢ଼ିଲି । ଦୁଃଖ କ'ଣ ଜାଣି ନ ଥିଲି । ଟେଲିବସର ହୋଇ ବଢ଼ି ବଢ଼ି ମୂର୍ଖ ହେଲି । ଶେଷରେ ବାପାଙ୍କ ମୃତ୍ୟୁ ପରେ ଦିନ କେଉଁଠା ଯାଇଚି କି ନାହିଁ ହଳଧର ବିଲକୁ ବାହାରିଲି । ଭାଇ ଭାୟୁଣୀ ସବୁ ଠକି ଖାଇଲେ । ମୁଁ ପିଲା ହୋଇଥାଏ । ମୁଣ୍ଡ ଫଟା ଖରାରେ ବିଲରେ ବଳଦ ଲାଙ୍ଗୁଡ଼ରେ ହାତ ମାରି ସୁଦ୍ଧା ମନରେ ଆଦୌ ଦୁଃଖ ନ ଥିଲା । ଶାନ୍ତିରେ ଜୀବନ ଆମର ଚାଲୁଥାଏ । ଘରର ହାଣ୍ଡି ଲାଭ ମୁଁ ବୁଝେନି । ବୁଝେ ରେଣୁ ବୋଉ । କିଣୁ ତାର ଓଜନ ହୋଇ ଆସିଲା । ମୁଁ ଖାଲି ଅର୍ଜିବା ଲୋକ । ସେ ପୁଣି ଅ ଘରର ସବୁ ଭିତର । କେତେ ଦିନ ପରେ ଆମ କୋଳକୁ ଅଲୋଡ଼ା ହୋଇ ଝିଅଟିଏ ଆସିଲା । ସୁନ୍ଦର କୁଲୁକୁଲୁଆ ପିଲାଟିଏ । ମୁଣ୍ଡରେ କୁଞ୍ଚୁକୁଞ୍ଚୁକା ଗୋଛାଏ କଳା ବାଳ । ଗୋରା ତକ ତକ କଇଁ ଫୁଲ ପରି ଦେହ ଧରି ସେ ଆମର ସୁଖର ସଂସାରକୁ ଆସି ଅଜସ୍ର ଶାନ୍ତି ଭରିଦେଲା । ବିଲରୁ ଫେରି ତା ଓଠରେ ମୁଁ ଟିକିଏ ହସ ଦେଖି ସେଦିନର ସମସ୍ତ କ୍ଳାନ୍ତି ଅବସାଦକୁ ନିମିଷକ ମଧ୍ୟରେ ଭୁଲି ଯାଉଥିଲି । ଦିନପରେ ଦିନ ଗଡ଼ି ଚାଲିଲା । କ୍ରମେ କ୍ରମେ ତା ତଳକୁ ଦିଓଟି ଭାଇ ଆସି ବାହୁଡ଼ି-ଗଲେ । ମନରେ ଆମର ବଡ଼ ଦୁଃଖ ହେଲା । ରେଣୁ ବୋଉ ବହୁତ କାନ୍ଦିଲା । ଲୋକେ କହିଲେ ରେଣୁଟା ଉଇଁଛପାଳି । ତା ତଳେ ପିଲା ରହିବେ ନାହିଁ । ଦିନେ ସନ୍ଧ୍ୟାବେଳେ କାମରୁ ଫେରି ମୁଁ ଟିକିଏ ଦମ୍ ନେଉଛି, ଦେହରୁ ଝାଳ ମରି ନ ଥାଏ, ରେଣୁ ମୋ ପାଖରେ ବସି ଗୋଟିଏ ରଙ୍ଗ ଟୋପିରେ ମୁଡ଼ି ପୁଞ୍ଜାଏ ଧରି ଖେଳୁଛି, ଏଇ ସମୟରେ ରେଣୁ ବୋଉ କହିଲା—ସେ ଭୁବନେଶ୍ୱର ଯିବ । ଠାକୁର ଦେଖି ନୁହେଁ, ମରିଚି କୁଣ୍ଡରେ ଗାଧୋଇବା ପାଇଁ । ସେଇଠି

ଗାଧୋଇଲା ପରେ ଆଉ ଆମ କୋଳକୁ ପିଲା ବାହୁଡ଼ିବେ ନାହିଁ । ରେଣୁ ବୋଉ ଆସିଲା ଦିନୁ କୁଅଁଳକୁ ଗୋଡ଼ କାଢ଼ି ନ ଥାଏ । ଦିନ ରାତି ଘର କାମରେ ବ୍ୟସ୍ତ ଥାଏ । ତା ମନରେ ଦୁଃଖ ନ ଦେବା ପାଇଁ ତାକୁ ସଙ୍ଗରେ ନେଇ ଭୁବନେଶ୍ୱର ଗଲି । ଗଲି ସିନା ......କହୁ କହୁ ବୁଢ଼ା କଇଁ କଇଁ ହୋଇ କାନ୍ଦି ଉଠିଲା । ଲୁହ ବୋହଲୁ ସେ ବେଶୀ ସମୟ ଆଉ ଚୁପ ରହି ପାରିଲା ନାହିଁ ।

ବୁଢ଼ା କଥା ଶୁଣି ଅନୁ ମନରେ ସନ୍ଦେହ ଉଙ୍କିମାରିଲା । ପଚ୍ଛକଥା ମନରେ ଭାସିଉଠିଲା । ନିଜର ଉଦ୍‌ବେଗକୁ ବାହାର ନ କରି ସବୁ କଥା ବୁଢ଼ା ମନରୁ କାଢ଼ିବାକୁ ଚେଷ୍ଟାକଲା । ଭାବିଲା କାଳେ ଆଉ କିଛି ହୋଇଥାଏ । ବୁଢ଼ାକୁ ସାନ୍ତ୍ୱନା ଦେଇ କହିଲା, ସେଠାରୁ କ'ଣ ହେଲା କୁହ । ମୁଁ ପର ଜନମ ଦୁଃଖିନା ବୋଲି ପରର ଦୁଃଖ ଶୁଣିବାକୁ ମୋତେ ଭଲଲାଗେ । କୁହ ।

ହଁ ବା ଆଉ କଣ ଦାଦା ? ରେଣୁ, ରେଣୁବୋଉ, ଆଉ ମୁଁ ଭବାନୀ ଗଲୁ । ପୂର୍ବ ପୁରସ୍ତାନ ଘର ଆମର । ମୁଁ ପିଲାଥିଲାବେଳେ ବାପା ମୋ ବେକରେ ଗୋଟାଏ ଟେକନ ଦେହରେ ଖଣ୍ଡେ ଏ ଭାରି ମୂଲ୍ୟବାନ ପଥର ଦେଇଥିଲେ । ମୁଁ ସେଇଟା ପିନ୍ଧିଥିଲି । ମୁଁ ବଡ଼ ହେବା ପରେ ରେଣୁବୋଉ ତାକୁ ପିନ୍ଧିଲା । ବାପା କହୁଥିଲେ ଯେ ସେ ସେଇ ପଥର ଖଣ୍ଡି ପିନ୍ଧିଲା ଦିନଠାରୁ ତାଙ୍କର ଧନଜନ, ଗୋପ, ଲକ୍ଷ୍ମୀ ସବୁ ଅଧିକ ଉନ୍ନତି ହୋଇଛି । ସେଇଟା ଭାରି ଦାମିକା । ଆଜି ଏତେ କଥା କହୁ ନ ଥାନ୍ତି — ତୁମକୁ ଦେଖି ଆଖିରୁ ଏତେ ଲୁହ ଗୁହ ଅଜାଣତରେ ଝୋଟୁ ନ ଥାନ୍ତା । ତୁମ ବେକରେ ଥିବା ପଥରଟି ଦେଖି ଲୋ ମୋର ପଛକଥା ସବୁ ମନେ ପଡ଼ୁଛି । ଏଇମିତ ସେଦିନ ରେଣୁବୋଉ ସେଇ ହାରଟି ରେଣୁ ବେକରେ ଦେଇ ଯାତ୍ରା

ଦେଖାଇ ନେଉଥିଲା । ବଡ଼ ସୁନ୍ଦର ଗିଲଟିଏ ହୋଇଥାଏ ରେଣୁ । ଖଣ୍ଡୁ ହେଲେ ଗୁଣ୍ଡା ଖଣ୍ଡିଏ ଗୁଞ୍ଜି ଦେବ । ଆନନ୍ଦରେ ପେଟ ଭାଉ ପୁରିଉଠିବ । ତା ପରେ ସ୍ନେହ ଯେଉଁ ଜିନିଷ ସେଇଟା ତଳକୁ ଯାଏ, ଉପରକୁ ନୁହେଁ । ସେଥିପାଇଁ ଅତି ସ୍ନେହରେ ରେଣୁବୋଉ ସେ ହାରଟି ରେଣୁ ବେକରେ ପିନ୍ଧାଇ ଦେଇ ଯାତ୍ରାକୁ ନେଇଗଲା । ମୋର ମଧ୍ୟ ସେ ଆଡ଼କୁ ନଜର ନ ଥାଏ ।

ଭିଡ଼ ଭିତରେ ପଶି ପାଣି ଆଣିବାକୁ ଗଲି । ଗୋଟିକୁ ଆଣିବାକୁ ଯାଇ ଗୋଟିକୁ ହରାଇ ବସିଲି । ଦଦ ଭିଡ଼ରେ ରେଣୁ ଆମ ହାତରୁ ଖସି ଗଲିଗଲା —ଆଉ ପାଇଲି ନା ।

ବୁଢ଼ାର କୋହ ବଢ଼ି ଉଠିଲା ।

ଅନୁ ଆଖି କଣରେ ସେତେବେଳକୁ ଦୁଇ ଟୋପା ଲୁହ ଦେଖାଗଲାଣି । ସେଇଟା ଆନନ୍ଦର କି ବିଷାଦର ପ୍ରତିରୂପ ତା କିଏ କହିବ ? ହୃଦ୍‌ଗତ ବ୍ୟାକୁଳତାକୁ ଅନୁ ଭିତରେ ଗୁପିବାକୁ ଚେଷ୍ଟା କଲା ।

ଆଖିରୁ ଲୁହ ପୋଛୁ ବୁଢ଼ା କହିଲା ବହୁତ ଖୋଜା ଖୋଜି କଲି । ଯାତ୍ରାରେ ସଭିଙ୍କୁ ପଚାରିଲି । ଗାଁରେ ଆସି ଗାଁରୁ ଯାଇଥିବା ଲୋକଙ୍କୁ ମଧ୍ୟ ପଚାରିଲି । କିନ୍ତୁ ସମସ୍ତଙ୍କଠାରୁ ସେଇ ଗୋଟିଏ ଉତ୍ତର ପାଇଲି ଆଉ କି ବଞ୍ଚି ଥିବ ? ଚୋର ଖଣ୍ଟଙ୍କ ହାତରେ ତାର ପ୍ରାଣ ଯିବଣି ।

ତା ବେକରେ ଦାମିକା ହାର ଦେଇଥିବାରୁ ସମସ୍ତେ ମୋତେ ନିନ୍ଦା କଲେ । ମୋର ଦୋଷ ବାଛିଲେ । ଭାଇ ଭଗାରିଆ ଗୋଡ଼ କଟି ବସିଥାନ୍ତି । ମୋର ତ ହେପାଉ ମାଡ଼ା ସମ୍ଭାଳ କେହି ନ ଥାନ୍ତି ।

ମୂର୍ଖ ମୁଁ, ଭାଗ୍ୟକୁ ନିନ୍ଦି ଘରେ ଫେରିଲି । ରେଣୁ ଆଉ ଫେରିଲା ନାହିଁ ସିନା କିନ୍ତୁ ରେଣୁବୋଉର ସେଇ ଡାକ ଆଉ ଲୁଚିଲା ନାହିଁ । ରେଣୁବୋଉ ବୋଲି ଡାକିଲେ ବର୍ତ୍ତୀ କାନ୍ଦେ, ମୁଣ୍ଡ କୋଡ଼େ । ସବୁ କଥା ମନେ ପକାଏ । ସେଇଦିନୁ କୌଣସି ଯାନିଯାତ୍ରା ଦେଖି ଯାଏନି । ଅନେକ ଦିନୁ ଏଇ ପଥରଟା ଦେଖି ପୁରୁଣାକଥା ମୋର ମନେ ପଡ଼ିଲା । କହୁ କହୁ କହି ପକାଇଲି — ଏଇମିତି ଦୁଃଖରେ ଅଛୁ । ବୁଢ଼ା ଆଉ ତେଣିକି କହିପାରିଲା ନାହିଁ — କଣ୍ଠ ତାର କୋହରେ ବନ୍ଦ ହୋଇଗଲା ।

ଆଉ ସମ୍ଭାଳି ପାରିଲିନି ଅନୁ । ଭେଇଁ ଭେଇଁହୋଇ କାନ୍ଦିଉଠିଲା । ପାଟିରୁ ତାର ବାହାରିପଡ଼ିଲା — ବାପା !

ଆକାଶରେ ଦୋଳପୂନିଅଁ ଜହ୍ନଟା ଆହୁରି ହସିଉଠିଲା ।

# ଶେଷ

କିଛିଦିନ ପରେ ଅନୁ, ଦୀନା, ଆଉ ତା'ର ବାପାଙ୍କ ସଙ୍ଗରେ ଧବ ତରଣୀ ଗାଁକୁ ବାହାରିଲ । ଗଲା ପୂର୍ବରୁ ବିଜୁଭାଇ ପାଖକୁ ଖଣ୍ଡେ ପତ୍ରରେ ସମସ୍ତ ଘଟଣା ଲେଖି ଜଣାଇ ଦେଇଗଲା ।

ଦିନ ପରେ ଦିନ ଯାଇଛି । ଗାଁର ଶ୍ୟାମଳ ବନ ଲତା ଭିତରେ ଅନୁ ହଜି ଯାଇଛି । ସହରର ଯାଯାବର ସଭ୍ୟତାକୁ ପାଦରେ ଠେଲି ଦେଇଛନ୍ତି । ନିଜର ଜନ୍ମଭୂଇଁ ସହିତ ପରିଚିତ ହୋଇଛି । ଗାଁର ବିଲ, ବନ, ପଦାର ଏ ସବୁକୁ ଆପଣାର କରିଛନ୍ତି । ହସି ହସି ସମସ୍ତଙ୍କ କୋଳରେ ଅଲିଅଳ ଝିଅଟିଏ ଲେଖି ପଡ଼ୁଛନ୍ତି । ଗାଁର ବୋହୂମାନଙ୍କ ଧରି ନଇରୁ ପାଣି ବୋହୁଛନ୍ତି । ତୁଠ ପଥରରେ ବସି ଦେହରୁ ହଳଦୀ ଛଡ଼ାଉଛନ୍ତି ।

ବସନ୍ତର ପରଶରେ ମନ ତା'ର ଚହଲି ଉଠିଛି । ବୁକୁରେ ଜାଗିଛି ପିଆସା । ପ୍ରାଣରେ ଆସିଛି ସରସତା । ବସନ୍ତର ଆଗମନରେ କୋଇଲି ଯେତେବେଳେ ଆମ୍ବ ଗଛର କଅଁଳ ପତ୍ର ଗହଳରେ ଲୁଚି ରହି, କଅଁଳ ଆମ୍ବ ବଉଳ ଖାଇ "କୁହୁ କୁହୁ" ଡାକି ଉଠିଛି, ସେତେବେଳେ ରାମେଶ୍ୱର ଦାସ ଚୌଧୁରୀଙ୍କ ଦୁଆର ମୁହଁରେ ଶୁଭଶଙ୍ଖ ବାଜି ଉଠିଛି । ଶୁଭଶଙ୍ଖର ମାଙ୍ଗଳିକରେ ଦୁହିଁଙ୍କ ମସ୍ତକରେ ବିଜୟ, ତରଣୀ ବୋଉ, ଅନୁ ବୋଉ, ରାମେଶ୍ୱର ଦାସ ଚୌଧୁରୀ ଆଉ ମୃଗାଙ୍କ ବାବୁଙ୍କର ବାପା ଆଶୀର୍ବାଦ ଢାଳୁଛନ୍ତି ।

× × ×

ଛୋଟ ପିଲାଟିକୁ ଦୁଧ ପିଆଇ ଦେଉ ଦେଉ ରେଣୁ ବୋଉ ଡାକ ଛାଡ଼ିଲେ ଅନୁ, ଦେଖିଲୁ ଦାଣ୍ଡରେ କିଏ ଡାକୁଚି ।

ଅନୁ ଯାଇ କବାଟ ଫିଟାଇଲା । ହସି ହସି ଖଣ୍ଡେ ଚିଠି ଧରି ଘର ଭିତରକୁ ପଶି ଆସିଲେ ସୁକାନ୍ତ ଡାକ୍ତର । ତାଙ୍କ ହାତରୁ ଚିଠିଟା ନେଇ ଅନୁ ପଢ଼ି ବସିଲା । ପୁଷ୍ପା ଲେଖିଚି......

ସ୍ନେହର ଅନୁ,

ମୋର ସ୍ନେହ ନେବୁ । ତୋର ଡାକ୍ତର ବାବୁଙ୍କୁ ମୋର ନମସ୍କାର ଜଣାଇ ଦେଇ ବୁଢ଼ାକୁ ଆଶୀର୍ବାଦ ଦେବୁ । ବୁଢ଼ାର ଏକୋଇଶିଆ ନିମନ୍ତ୍ରଣ ପାଇ ବିଶେଷ ଖୁସି ହେଲି । କିନ୍ତୁ ଆମର ସେ ଟୁର୍‌ରେ ଯାଇଥିବାରୁ ଘର ଛାଡ଼ି ଯାଇ ନପାରି ବିଶେଷ ଦୁଃଖିତା ହେଲି ।

ମନେ ଅଛି, ଦିନେ ତୁ ଆମ ଗାଁରେ ଯେତେବେଳେ ବୁନୁକୁ ମୋର ଆଠମାସ ହୋଇଥାଏ, ମୋତେ ପଚାରିଥିଲୁ—ହଇଲୋ ଏ ରତନଟି କେଉଁଠୁ ପାଇଲୁ ମ ? ଆଜି ଟିକେ ମତେ କହିବୁ—ବୁଢାଟିକୁ ତୁ କେଉଁଠାରୁ ପାଇଲୁ ? କିଛି ପରା ଜାଣି ନଥିଲୁ ଲୋ, ଅଜାଣି ଘର ଭାତ ଖାଉଥିଲୁ ? କିଏ ତୋତେ ଏତେ କଥା ଶିଖାଇଲା ଜଣାଇବୁକି ? ତୋର ସୁକାନ୍ତ ବାବୁଟି କିମିତିଆ ଲୋକ ମ ? ଟିକେ ଦେଖାଇବୁ ନାହିଁ ? ଭାବୁଚୁକି ତୋ ସୁକାନ୍ତ ବାବୁଙ୍କୁ ଦେଖିଲେ ମୋର ଲୋଭ ହୋଇଯିବ ? ତୋରାଣ— ଭେଭୋ ତୋ ସୁକାନ୍ତ ବାବୁଙ୍କୁ ମୁଁ ନେଇଯିବି ନାହିଁ ମ । ନୂଆ ନୂଆ ଜୀବନ ତୁମର ଅପୂର୍ବ ଲାଗୁଥିବ । ଆମେ ତ ବୁଢ଼ା ବୁଢ଼ୀ ହେଲୁଣି ।

ସେଇ କଥା ଶେଷରେ ତ କଲୁ — ଏତେ ଗୁମର, ବଡ଼େଇ ତାହାଙ୍କୁ ଦେଖାଉ ଥିଲୁ ? ହଉ ବିଶେଷ କିଛି ଲେଖି ପାରୁନି